R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୩
ତିଥି : ତୃତୀୟା
୧୮ ଜୁନ୍ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 253
18 June 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ମାଗିଲେ ଚାମେଲି

କେନ୍ଦ୍ରାପଡା, ୧୭ ।୬ (ସବ୍ୟୁ) : ମହାକାଳପଡା ବ୍ଲକ୍ ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ବିବାଦ ଏବେ ଦିନକୁ ଦିନ ଅଡୁଆ ହେବାରେ ଲାଗିଛି । କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଚାମେଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ନ୍ୟାୟ ପାଇଁ ଦାବି କରିଛନ୍ତି । ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥାରେ ଅକଥନୀୟ ଅତ୍ୟାଚାରର ଶିକାର ହୋଇ ଚାମେଲି ଜେଲ୍‌ରେ ଅଛନ୍ତି । ଜାମିନ୍ ପାଇଛନ୍ତି ସତ, ହେଲେ ନ୍ୟାୟ ପାଇନାହାନ୍ତି ।

ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ତିନି ପୃଷ୍ଠା ସମ୍ବଳିତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ଜାମିନ ମିଳିଗଲା ହେଲେ ଯନ୍ତ୍ରଣା କମିନି । ମାନସିକ ଓ ଶାରିରିକ ଭାବେ ମୁଁ ଯନ୍ତ୍ରଣାରେ ଜର୍ଜରିତ । ନିଜକୁ ଅସୁରକ୍ଷିତ ମଣି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖୁଛି । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ନ୍ୟାୟ ଦେବାପାଇଁ ସେ ନିବେଦନ କରିଛନ୍ତି । ସିଧାସଳଖ ସ୍ଥାନୀୟ ବିଧାୟକ ଓ ବିଡିଓଙ୍କୁ ସେ ଦାୟୀ କରିଛନ୍ତି । ଅପରପକ୍ଷରେ ରାଜ୍ୟ ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ ଚାମେଲିଙ୍କୁ ଭେଟି ପଚାରି ବୁଝିଛନ୍ତି ।

## ଇରାନ ସହ ଶାନ୍ତି ଚୁକ୍ତି ଚୂଡାନ୍ତ ହୋଇନି

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷର ହେବାର ଦୁଇ ଦିନ ପୂର୍ବରୁ ପୁଣି ଟ୍ରମ୍ପଙ୍କ ବୟାନ ଆଲୋଡନ ସୃଷ୍ଟି କରିଛି । ଫ୍ରାନ୍ସରେ ଚାଲିଥିବା ଜି-୭ ବୈଠକରେ ଟ୍ରମ୍ପ କହିଛନ୍ତି ଆମେରିକା ଓ ଇରାନର ଚୁକ୍ତି ଚୂଡାନ୍ତ ହୋଇନାହିଁ । ଯଦି ଚୁକ୍ତିରେ ଥିବା ବିଷୟବସ୍ତୁକୁ ସେମାନେ ରାଜି ନହୁନ୍ତି ଆମେରିକା ପୁଣି ବୋମା ଆକ୍ରମଣ କରିବ । ଏପର୍ଯ୍ୟନ୍ତ ଚୁକ୍ତି ଚୂଡାନ୍ତ ହୋଇନାହିଁ ।

ଟ୍ରମ୍ପ କହିଛନ୍ତି ଯେ, ଏହା ହେଉଛି ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ଯଦି ସେ ଏହାକୁ ପସନ୍ଦ ନକରନ୍ତି ଆମେ ପୁଣି ଆକ୍ରମଣ କରି ସେମାନଙ୍କ ମୁଣ୍ଡ ଉପରେ ବୋମା ପକାଇବୁ । ଯଦି ସେମାନେ ସଠିକ ବ୍ୟବହାର ନକରନ୍ତି ତେବେ ଆମେ ତୁରନ୍ତ ମଧ୍ୟପ୍ରାଚ୍ୟରେ ବୋମା ଆକ୍ରମଣ କରିବୁ । ତେବେ ଏଥର ଆକ୍ରମଣ ଅତ୍ୟନ୍ତ ଭୟାନକ ହେବ । କେହି ଜାଣନ୍ତି ନି କଣ ହେବାକୁ ଯାଉଛି । ତେବେ ରିପବ୍ଲିକାନ ନେତାମାନେ ଘୋଷଣା କରିଛନ୍ତି ଯେ ଆମେରିକା ଓ ଇରାନ ମଧ୍ୟରେ ଚୁକ୍ତିର ଚିଠା ପ୍ରସ୍ତୁତ ହୋଇଛି । ବିଶ୍ୱ ବଜାର ମଧ୍ୟ ବାସ୍ତବରେ ଖୁସି ରହିଛି । ଷ୍ଟକ୍ ବଜାରରେ ଉତ୍ସାହ ବଢ଼ିଛି । ଦିନେ ଦୁଇ ଦିନ ମଧ୍ୟରେ ଏହା ସ୍ୱାକ୍ଷର ହେବ ।

### ଟ୍ରମ୍ପ-ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନା

## ଭାରତକୁ ଆକ୍ରମଣ ହେଲେ ସାହାଯ୍ୟ କରିବି : ଟ୍ରମ୍ପ

### ଭାରତୀୟ ନାବିକଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କଲେ ମୋଦୀ

ନୂଆଦିଲ୍ଲୀ, ୧୭ ।୬ : ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱରେ ଥିଲେ । ଯଦି ଭାରତ ଉପରେ ଆକ୍ରମଣ ହୁଏ ତେବେ ଆମେରିକା ନିଶ୍ଚିତ ଭାବେ ସହଯୋଗ କରିବାକୁ ଆଗେଇ ଆସିବ । ଫ୍ରାନ୍ସରେ ହୋଇଥିବା ଜି-୭ ସମ୍ମିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ଏହି ଦ୍ୱିପାକ୍ଷିକ ଆଲୋଚନାରେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି । ମେ' ୨୦୨୫ ଅପରେସନ୍ ସିନ୍ଦୂର ପରେ ଏହା ଉଭୟ ନେତାଙ୍କ ମଧ୍ୟରେ ସିଧାସଳଖ ଆଲୋଚନା । ଆଲୋଚନା ସମୟରେ




ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତର କ୍ରିୟୁ ସଦସ୍ୟ ରହିଥିବା ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ନେଇ ମୋଦୀ ଚିନ୍ତାପ୍ରକଟ କରିଛନ୍ତି ।

୧୬ ମାସ ପରେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଟ୍ରମ୍ପ କହିଛନ୍ତି ଯେ ଏହି ବୈଠକ ଏକ ଉଲ୍ଲେଖନୀୟ । ମୋଦୀ ଜଣେ ଭାରି ଭଲ ଲୋକ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଅତି ନିକଟରୁ ଦେଖନ୍ତି । ଭାରତ ଓ ଆମେରିକା ମଧ୍ୟରେ ଭଲ ସମ୍ପର୍କ ରହିଛି । ଆଗକୁ ୱାସିଂଟନ୍ ଏବଂ ଦିଲ୍ଲୀ ରଣନୈତିକ ଦୃଷ୍ଟିରୁ ପରସ୍ପର ସହଯୋଗରେ କାର୍ଯ୍ୟ କରିବେ । ଆଲେଚନା ସମୟରେ ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଞ୍ଚଳିକ ସୁରକ୍ଷା ଉପରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଆଲୋଚନା ମୋଦୀଙ୍କ ବୁଝାମଣା ଯୋଗୁ ସକ୍ଷମ ହୋଇଛି । ଏବେବି ବାଣିଜ୍ୟ (୯ ପୃଷ୍ଠାରେ)

## ୨୧ ଯାଏଁ ରାଜ୍ୟରେ ପ୍ରବଳ ଗୁଳୁଗୁଳି

ଭୁବନେଶ୍ୱର, ୧୭ ।୬ (ସବ୍ୟୁ): ଚଳିତମାସ ଶେଷ ଆଡ଼କୁ ଓଡ଼ିଶାରେ ମୌସୁମୀ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବା ସହ କୃଷି କାର୍ଯ୍ୟ ପାଇଁ ଆବଶ୍ୟକୀୟ ପର୍ଯ୍ୟାପ୍ତ ବର୍ଷା ହେବାର ସମ୍ଭାବନା ଅଛି । ଯାହାକି ୪ଟି ପର୍ଯ୍ୟାୟ ଦେଇ ଗତି କରିବ । ଆସନ୍ତା ୨୧ ତାରିଖ ଯାଏଁ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ସହ ଅସହ୍ୟ ଗରମ ହେବ । ରାତିରେ ମଧ୍ୟ ଗରମ ଅନୁଭୂତ ହେବ, ଯାହା ଲୋକଙ୍କ କଷ୍ଟ ବଢ଼ାଇବ । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳ ଗରମ ଜାରି ରହିବ । ଏହି ସମୟରେ ସାରା ରାଜ୍ୟରେ ବ୍ୟାପକ ବର୍ଷା ହେବ ନାହିଁ । କେବଳ କେତେକ ଜାଗାରେ ବିଜୁଳି-ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ଚଳିତମାସ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ମୌସୁମୀ ଫେରିବାର ପ୍ରାରମ୍ଭିକ ସଙ୍କେତ ଦେଖାଯିବ । ଆକାଶରେ ମେଘର ଓଡ଼ିଶାର କେତେକ ଅଞ୍ଚଳରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ଉପକୂଳ, ଉତ୍ତର ଏବଂ କେନ୍ଦ୍ରୀୟ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏହି ବର୍ଷାର ପ୍ରଭାବ ଧୀରେ ଧୀରେ ପଶ୍ଚିମ ଓଡ଼ିଶା ଆଡ଼କୁ ମଧ୍ୟ

- ୨୨-୨୪ ମଧ୍ୟରେ ମୌସୁମୀ ସକ୍ରିୟ ହୋଇପାରେ
- ଓଡ଼ିଶା ହୋଇପାରେ ମୌସୁମୀ ବର୍ଷାର ପ୍ରବେଶ ପଥ

ପରିମାଣ ଧୀରେ ଧୀରେ ବଢ଼ିବ । ଏହା ସହିତ ଅଧିକାଂଶ ସ୍ଥାନରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ । ଯାହା ଦର୍ଶାଉଛି ଯେ ମୌସୁମୀ ବାୟୁ ପ୍ରବାହ ଧୀରେ ଧୀରେ ଶକ୍ତିଶାଳୀ ହେଉଛି । ୨୩-୨୭ ତାରିଖ ମଧ୍ୟରେ ବଢ଼ିବ । ମୌସୁମୀ ବାୟୁ ଅନୁକୂଳ ହେବା ଫଳରେ ପଶ୍ଚିମ ଓଡ଼ିଶାର ତାପମାତ୍ରା କ୍ରମଶଃ କମିବ । ଶକ୍ତିଶାଳୀ ହେଉଥିବା ମୌସୁମୀ ବାୟୁ ପ୍ରବାହ ଏହି ସମୟରେ ଓଡ଼ିଶାର ପଡ଼ୋଶୀ ଅଞ୍ଚଳ ଯେପରିକି ଗାଙ୍ଗେୟ ପଶ୍ଚିମବଙ୍ଗ, (୯ ପୃଷ୍ଠାରେ)

## ଦିଲ୍ଲୀ ହାଇକୋର୍ଟ ଦ୍ୱାରସ୍ଥ ହେଲା 'ଟେଲିଗ୍ରାମ୍'

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ମେସେଜିଂ ଆପ୍ ଟେଲିଗ୍ରାମ ଉପରେ କେନ୍ଦ୍ର ସରକାର ଲଗାଇଥିବା କଟକଣା ବିରୋଧରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରାଯାଇଛି । ନିଟ୍-ୟୁଜି ପରୀକ୍ଷା ପୂର୍ବରୁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇ ଆସନ୍ତା ୨୨ ତାରିଖ ଯାଏଁ ଟେଲିଗ୍ରାମ ଉପରେ କଟକଣା ଜାମରି କରାଯାଇଛି । ଅଭିଯୋଗ ଅନୁଯାୟୀ ନିଟ୍ ପୁନଃ ପରୀକ୍ଷାର ପ୍ରଶ୍ନପତ୍ର ଟେଲିଗ୍ରାମ ମାଧ୍ୟମରେ ଲିକ କରାଯାଉଛି । ତେବେ ଟେଲିଗ୍ରାମର ପ୍ରତିଷ୍ଠାତା ଓ ସିଓ ପାଭେଲ ଡୁରୋପ କହିଛନ୍ତି ଯେ, ସପ୍ତାହ ଧରି କୌଣସି ନିଷିଦ୍ଧ ହେଉଛି ୧୫୦ ନିୟୁତ ସାଧାରଣ ବ୍ୟବହାରକାରୀଙ୍କୁ ଦଣ୍ଡ । ଏହି ମେସେଜିଂ ଆପକୁ ଭାରତରେ ବହୁଳ ସଂଖ୍ୟାକରେ ବ୍ୟବହାର କରାଯାଉଛି । କେଉଁମାନେ ଏହି ପ୍ରଶ୍ନପତ୍ର ଲିକ କରୁଛନ୍ତି ସେମାନଙ୍କୁ ଧରାଶାୟୀ ।

ଅଭିଯୋଗ ଅନୁଯାୟୀ ଅନେକ ଟେଲିଗ୍ରାମ ଚ୍ୟାନେଲ ଅର୍ଥ ରୋଜଗାର ଅନୁସାରେ ପରୀକ୍ଷାର୍ଥୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁ ଥିଲେ । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଉଦ୍ଦେଶ୍ୟମୂଳକ ଭାବେ ଏହା ବନ୍ଦ ହୋଇନାହିଁ । ଏହା ମଧ୍ୟ ନିଟ ପୁନଃ ପରୀକ୍ଷା ଲାଗି କିଛି ସମୟ ପାଇଁ କରାଯାଇଛି । ଇଲୋକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏହି ବ୍ୟାନକୁ ନିଷିଦ୍ଧ କରାଯାଇଥିଲା । ମେସେଜିଂ ଚ୍ୟାନେଲରେ ଭୁଲ ସୂଚନା ଦିଆଯାଉଥିଲା ।

### ଏଲ୍‌ଏଲ୍‌ସିଏ ବୈଠକରେ ୨୦ ମେଗା ପ୍ରକଳ୍ପକୁ ଅନୁମୋଦନ

## ବିନିଯୋଗ ହେବ ୭୬ ହଜାର କୋଟି, ୫୦ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୧୭ ।୬ (ସବ୍ୟୁ) : ହାଇଲେବଲ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକରେ ୯ ଜିଲ୍ଲାର ୨୦ ମେଗା ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକରେ ୭୬ ହଜାର ୬୧୨ କୋଟି ଟଙ୍କା ନିବେଶ ହେବ ଓ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପ୍ରକଳ୍ପ ମଧ୍ୟରେ ସବୁଜ ଶକ୍ତି ଇକ୍ୟୁବ୍‌ମେଣ୍ଟ, ଆଡଭାନ୍ସ ମ୍ୟାଟେରିଆଲ୍ସ, ରେୟାର ଆର୍ଥ ଓ ଇସ୍ପାତ ପ୍ରକଳ୍ପ ରହିଛି । ସରକାରଙ୍କର ଦୁଇବର୍ଷ ପୂର୍ତ୍ତି ଅବସରରେ ଏଚ୍‌ଏଲ୍‌ସିଏ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ନିଆଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏଚ୍‌ଏଲ୍‌ସିଏ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଯେଉଁ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି (୯ ପୃଷ୍ଠାରେ)

### ପାଠ୍ୟପୁସ୍ତକ ତ୍ରୁଟି ଉପରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

## ଡିସିଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି

ଭୁବନେଶ୍ୱର, ୧୭ ।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି ।

ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ

- ୭ ଦିନରେ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ
- ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଟିଏମ୍‌ସି ପରେ ଶିବସେନା (ୟୁବିଟି)ରେ ବିଭାଜନ

ନୂଆଦିଲ୍ଲୀ,୧୭।୬ : ଆମ ଆଦମୀ ପାର୍ଟି ତୃଣମୂଳ କଂଗ୍ରେସର ସଂସଦୀୟ ଦଳରେ ବିଭାଜନ ପରେ ଶିବସେନା (ୟୁବିଟି) ସଂସଦୀୟ ଦଳରେ ବଡ଼ ବିଭାଜନ ହେବାକୁଯାଉଛି । ଏହାର ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ବିଦ୍ରୋହ କରି ଅଲୋଗା ଗୋଷ୍ଠୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସାଂସଦ ସଞ୍ଜୟ ଯାଦବ, ସଞ୍ଜୟ ଦେଶମୁଖ,



- ପୃଥକ୍ ଗୋଷ୍ଠୀ ପାଇଁ ୬ ସାଂସଦଙ୍କ ବାଚସ୍ପତିଙ୍କୁ ଚିଠି
- ୫୦ କୋଟି ଦିଆଯାଉଛି ସାଂସଦଙ୍କୁ : ସଞ୍ଜୟ

ନାଗେସ ପାଟିଲ ଅଷ୍ଟିକର, ଓମରାଜେ ନିମ୍ବାଲକର ଭାଇସାଇ ବାଗଚୋରେ ଓ ସଞ୍ଜୟ ଦିନା ପାଟିଲ ସାମିଲ ଅଛନ୍ତି । ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖି ସେମାନେ ଏକନାଥ ସିନ୍ଦେଙ୍କ (୯ ପୃଷ୍ଠାରେ)

## ଏସ୍‌ଆଇଆର୍‌ରେ ଅବହେଳା, ଦୁଇ ବିଏଲ୍‌ଓ ନିଲମ୍ବିତ

ବୌଦ୍ଧ, ୧୭ ।୬ (ସବ୍ୟୁ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଦାୟିତ୍ୱ ପାଳନରେ ଗୁରୁତର ଅବହେଳା ଏବଂ କର୍ତ୍ତବ୍ୟରେ ଅନୁପସ୍ଥିତ ରହିବା ଅଭିଯୋଗରେ ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ଦୁଇ ଜଣ ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ) ଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

ନିଲମ୍ବିତ ଅଧିକାରୀମାନେ ହେଲେ ବିରେନ୍ଦ୍ର ବେହେରା ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡିସର ଏବଂ ଶିବ ଚନ୍ଦ୍ର ଗାଆଣ, ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖରଭୁଇଁ । ଉଭୟ ଅଧିକାରୀଙ୍କୁ ୧୭୬-ଗଣ୍ଡିସର ଏବଂ ୧୬୯-ଖରଭୁଇଁ ମତଦାନ କେନ୍ଦ୍ରର ବୁଥ୍ ଲେଭେଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା । ତେବେ ବାରମ୍ବାର ନିର୍ଦ୍ଦେଶ ଓ କାରଣ ଦର୍ଶାଅ ନୋଟିସ୍ (୯ ପୃଷ୍ଠାରେ)

## ପାଠ୍ୟ ପୁସ୍ତକ ତ୍ରୁଟି ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୭।୬(ସବ୍ୟୁ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ଶହ ଶହ ତ୍ରୁଟି ବାହାରିବା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହା ସରକାରଙ୍କ ଦାୟିତ୍ୱହୀନ ଓ କ୍ଷମଖିଆଳି ମନଭାବକୁ ଦର୍ଶାଉଛି ବୋଲି ସେ କହିଛନ୍ତି ।

ସୋସିଆଲ ମିଡ଼ିଆରେ ନବୀନ ଉଲ୍ଲେଖ କରିଛନ୍ତି ଯେ ଏହି ସରକାର ଠିକ ସମୟରେ ପାଠ୍ୟ ପୁସ୍ତକ ଯୋଗାଇ ପାରୁନଥିବା ବେଳେ ମିଶି ଥିବା ପାଠ୍ୟ ପୁସ୍ତକରେ ଅନେକ ଭୁଲ ପିଲଙ୍କ ଆଶାକୁ ଭାଙ୍ଗି ଦେଇଛି । ଶିକ୍ଷା ହେଉଛି ଜୀବନର ମେରୁଦଣ୍ଡ ଓ ସମୃଦ୍ଧିର ବାଟ ଫିଟାଇଥାଏ । ହେଲେ ଏହି ସରକାର ଏହି ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି । ମହାପୁରୁଷଙ୍କ ନାମକୁ କଦଥ କରିବା ଗଞ୍ଜାବ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଭାବେ ଅବିହିତ କରିବା, ଭୁଲ ବନାମ ଲେଖାଯିବା ଛୋଟିଆ କଥା ନୁହେଁ । ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ କଦର୍ଥ କରାଯାଉଛି । ତୁରନ୍ତ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦେବା ସହ ପିଲାମାନଙ୍କୁ ଉତ୍ତମ ଶିକ୍ଷା ସୁନିଶ୍ଚିତ କରାଯାଉ ।

## ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା, ୪ ଅଟକ

ଭୁବନେଶ୍ୱର/ଫୁଲନଖରା, ୧୭ ।୬ (ସବ୍ୟୁ) : ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ପ୍ରଭାତ କୁମାର ବେହେରା ନାମକ ଜଣେ ଯୁବକଙ୍କୁ ଘରୁ ଡାକିନେଇ ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି । ସିନର୍ଜି କଲେଜ ପଡ଼ିଆରୁ କ୍ଷତବିକ୍ଷତ ରକ୍ତାକ୍ତ ଶବ ମିଳିଲା । ପରିବାର ଓ ସ୍ଥାନୀୟ ଲୋକମାନେ ମିଶି ପ୍ରଭାତଙ୍କ ଶବକୁ ରାସ୍ତାରେ ରଖି ଅବରୋଧ କରିବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ପୋଲିସ ବହୁ ବୁଝାସୁଝା କରିବା ସହ ଦୁଇଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଅଟକ ରଖିବା ପରେ ରାସ୍ତା ଅବରୋଧ ହଟିଥିଲା ।



ପୋଲିସ ଶବକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଦୁଇଜଣ ଅଟକ ଥିବାବେଳେ ସନ୍ଧ୍ୟାବେଳେ ଆଉ ଦୁଇଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି ।

ପ୍ରଭାତ ନଗରୀ ଗ୍ରାମର ଗାଡ଼ି ମାଲିକ ଟିଟନଙ୍କ ପାଖରେ ରହି ଗାଡ଼ିର ଦେଖାଶୁଣା କାମ କରୁଥିଲେ । କିଛି ଦିନ ହେବ ସେ ତାଙ୍କ ପାଖକୁ କାମ କରିବାକୁ ଯାଉନଥିଲେ । ଗତକାଲି ରାତିରେ ସମ୍ପୃକ୍ତ ଗାଡ଼ି ମାଲିକ ତାଙ୍କୁ ଘରୁ

### ଶବ ରଖି ରାସ୍ତା ଅବରୋଧ

ଡାକି ନେଇଥିବା ଅଭିଯୋଗ ହୋଇଛି । ଏହା ପରେ ବିଳମ୍ବିତ ରାତିରେ ପ୍ରଭାତ ଘରୁ ବାହାରି ଯାଇଥିଲେ । କିଛି ସମୟ ପରେ ତାଙ୍କ ଫୋନ୍ ଲାଗି ନଥିଲା । ପରବର୍ତ୍ତୀ ସମୟରେ ତାଙ୍କର ମୃତଦେହ ସିନର୍ଜି କଲେଜ ପଡିଆରୁ ମିଳିଥିଲା । ମୃତଦେହର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା । କେବଳ ଆଘାତ ଚିହ୍ନ ନୁହେଁ ଶରୀର ରକ୍ତ ଜୁଡୁବୁଡୁ ହୋଇଯାଇଥିଲା ।

ଖବର ପାଇ ପାହାଳ ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା । ମୃତକ ବ୍ୟବହାର କରୁଥିବା ଗାଡ଼ି, ମୋବାଇଲ ଫୋନ ସହ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଜବତ କରାଯାଇଛି । ଅନ୍ୟପଟେ ନ୍ୟାୟ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକମାନେ ଫୁଲନଖରା-ନିଆଳି ମୁଖ୍ୟ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ (୯ ପୃଷ୍ଠାରେ)

## ବିଭିନ୍ନ ଜିଲ୍ଲାରେ ସ୍କୁଲ ଛୁଟି ଅବଧି ବଢ଼ିଲା

ସୁବର୍ଣ୍ଣପୁର/ନୂଆପଡ଼ା/ଭୁବନେଶ୍ୱର, ୧୭ ।୬ (ସବ୍ୟୁ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ଖରା ଛୁଟି ଘୋଷଣା କରିଛନ୍ତି ଜିଲ୍ଲା ପ୍ରଶାସନ । ଅସହ୍ୟ ଗରମ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି କେଉଁଠି ୨୦ ତାରିଖରେ ତ ଆଉ କେଉଁଠି ୨୨ ତାରିଖ ପୁଣି କେଉଁ ଜିଲ୍ଲାରେ ସକାଳୁଆ ଖୋଲିବ ସ୍କୁଲ ।

ଆସନ୍ତାକାଲି (ଗୁରୁବାର) ରାଜ୍ୟର ସମସ୍ତ ସ୍କୁଲ ଖୋଲିବାକୁ ଥିବା ବେଳେ ଅନୁଗୋଳ ଜିଲ୍ଲାରେ ୨୨ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟିକୁ ବାଇ ଦିଆଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଜୁନ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ । ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍କୁଲମାନଙ୍କ ପାଇଁ ଏହି ନିର୍ଦ୍ଦେଶାନାମା ଜାରି କରାଯାଇଛି । ସେହିଭଳି ଭାବରେ ସୁବର୍ଣ୍ଣପୁରରେ ୨୦ ତାରିଖ ଯାଏ ସ୍କୁଲ ଛୁଟି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୩ ଦିନ ବଢ଼ିଲା ସ୍କୁଲ ଛୁଟି । ଜିଲ୍ଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାର ସବୁ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ୨୦ ତାରିଖ ଯାଏ ବନ୍ଦ ରହିବ । ଯଦି ଏହି ସମୟରେ କିଛି ପରୀକ୍ଷା ଥାଏ, ତା'ହେଲେ ସକାଳୁଆ ହେବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ କୁହାଯାଇଛି । ସେଥିପାଇଁ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସହିତ ଗ୍ରୀଷ୍ମପ୍ରବାହ ମୁକାବିଲା (୯ ପୃଷ୍ଠାରେ)

## ଇତିହାସ

୧୫୭୬- ଆକବର ଏବଂ ମହାରାଣାପ୍ରତାପଙ୍କ ମଧ୍ୟରେ ହଳଦିଘାଟି ଯୁଦ୍ଧ ଆରମ୍ଭ ହେଲା ।

୧୮୧୨- ଆମେରିକା ରାଷ୍ଟ୍ରପତି ଜେମ୍ସ ମେଡିସନ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଘୋଷଣା କଲେ ।

୧୯୪୬- ଗୋଆକୁ ପର୍ତ୍ତୁଗାଲ୍‌ମାନଙ୍କ ଠାରୁ ସ୍ୱାଧୀନତା ଦେବା ପାଇଁ ପ୍ରଥମ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରାଗଲା ।

୧୯୫୬- ହିନ୍ଦୁ ଉତ୍ତରାଧିକାର ଆଇନ୍ ପାରିତ ହେଲା ।

୧୯୭୨- ବ୍ରିଟିଶ୍‌ୟୁରୋପିଆନ୍ ବିମାନ ୫୪୮ ଉଡାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହେଲା ଏବଂ ଏଥିରେ ୧୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ।

୧୯୭୯- ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ହେଲା ।

୧୯୮୭- ଏମ୍‌ଏସ୍ ସ୍ୱାମୀନାଥନ୍‌ଙ୍କୁ ପ୍ରଥମ ୱାର୍ଲ୍ଡ ଫୁଡ୍ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯- ଚନ୍ଦ୍ରରେ ପାଣି ସନ୍ଧାନ ପାଇଁ ନାସା ବିଶେଷ ଯାନ ପଠାଇଲା ।

## ସଙ୍ଗୀତ ପାଲଟିଛି ମହୌଷଧି

ଆଜିର ସମୟରେ ଡିମେନ୍ସିଆ ବା ସ୍ମୃତିହ୍ରାସ, ଆଲଜାଇମର ଏବଂ ଏକାକୀପଣ ବୃଦ୍ଧବୃଦ୍ଧାମାନଙ୍କ ପାଇଁ ସବୁଠାରୁ ବଡ଼ ଚାଲେଞ୍ଜ ପାଲଟିଛି, ଯାହାର ଚିକିତ୍ସା ମଧ୍ୟ ସହଜ ନୁହେଁ । ମାତ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ହାଭାର୍ଡ ମେଡିକାଲ ସ୍କୁଲ ଏବଂ ୟୁନିଭର୍ସିଟି କଲେଜ ଲଣ୍ଡନ ଭଳି ପ୍ରତିଷ୍ଠିତ ସଂସ୍ଥାନଗୁଡ଼ିକର ଗବେଷଣାରୁ ଜଣାପଡ଼ିଛି ଯେ ଏହି ରୋଗଗୁଡ଼ିକର ଚିକିତ୍ସାରେ ସଙ୍ଗୀତ ଏକ ପ୍ରଭାବଶାଳୀ 'ନନ୍-ଡ୍ରଗ୍ ଥେରାପି' ବା ବିନା ଔଷଧର ଚିକିତ୍ସା ଭାବେ କାମ କରୁଛି । ବୈଜ୍ଞାନିକମାନଙ୍କ ମତରେ, ପ୍ରତିଦିନ ମାତ୍ର ୨୦ ମିନିଟ୍ ଗୀତ ଶୁଣିବା ମସ୍ତିଷ୍କ ପାଇଁ ଜିମ୍‌ରେ ବ୍ୟାୟାମ କରିବା ସଦୃଶ, କାରଣ ଏହା କେବଳ ଶ୍ରବଣ ଶକ୍ତିକୁ ନୁହେଁ, ବରଂ ମସ୍ତିଷ୍କର ସ୍ମୃତି କେନ୍ଦ୍ର 'ହିପୋକ୍ୟାମ୍ପସ', ଭାବନା କେନ୍ଦ୍ର 'ଆମିଗଡାଲା' ଏବଂ ଚିନ୍ତା ଓ ନିର୍ଣ୍ଣୟ ନେବାର କେନ୍ଦ୍ର 'ପ୍ରିଫ୍ରଣ୍ଟାଲ କର୍ଟେକ୍ସ'କୁ ସକ୍ରିୟ କରିଥାଏ । ବୃଦ୍ଧାବସ୍ଥାରେ ଏହି ସଙ୍ଗୀତର ବିଜ୍ଞାନ ବେଶ୍ ଲାଭଦାୟକ ସାବ୍ୟସ୍ତ ହେଉଥିବା ବେଳେ ଏହାର ସଠିକ୍ ସମୟ ଓ ମାତ୍ରା ନିର୍ଦ୍ଧାରଣ କରାଯାଇଛି । ଯେପରିକି ସକାଳେ ଯୋଗ ସହିତ ୨୦ରୁ ୩୦ ମିନିଟର ସଙ୍ଗୀତ ଦିନସାରା ସ୍ଫୂର୍ତ୍ତି ଦେଇଥାଏ, ଖାଇବା ସମୟରେ ୧୦ ମିନିଟର ମୃଦୁ ସଙ୍ଗୀତ ମାନସିକ ଚାପ ସୃଷ୍ଟି କରୁଥିବା 'କର୍ଟିସୋଲ' ହରମୋନକୁ ହ୍ରାସ କରିଥାଏ ଏବଂ ରାତିରେ ୧୫ରୁ ୨୦ ମିନିଟର ପସନ୍ଦର ଗୀତ ଭଲ ନିଦ୍ରା ଆଣିବାରେ ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ, ଗୀତ ଶୁଣିବା ସହ ଗୁଣୁଗୁଣେଇବା, ତାଳେ ତାଳେ ଗୋଡ଼ ହଲାଇବା ବା ତାଳି ବଜାଇବା ଦ୍ୱାରା ଶରୀରର ଭାରସାମ୍ୟ ରକ୍ଷା ହେବା ସହ ପଡ଼ିଯିବାର ଆଶଙ୍କା କମିଥାଏ । ପୁରୁଣା ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କର ସ୍ମୃତି ସାଇତି ରଖୁଥିବା ଅଂଶ ସକ୍ରିୟ ହୋଇ ଅଲଜାଇମର ରୋଗୀଙ୍କ ସ୍ମରଣ ଶକ୍ତି ଫେରାଇବାରେ ସହାୟକ ହୋଇଥାଏ । ସର୍ବୋପରି, ଦଳଗତ ଭାବେ ଗୀତ ଗାଇବା କିମ୍ବା ପ୍ରିୟ ସଙ୍ଗୀତ ଶୁଣିବା ଦ୍ୱାରା ଶରୀରରେ ଆନନ୍ଦ ପ୍ରଦାନକାରୀ ହରମୋନ 'ଡୋପାମାଇନ' ବୃଦ୍ଧି ପାଇଥାଏ । ଯାହା ବୃଦ୍ଧବୃଦ୍ଧାମାନଙ୍କ ମଧ୍ୟରୁ ଅବସାଦ ଓ ଏକାକୀପଣର ଭାବନାକୁ ସମ୍ପୂର୍ଣ୍ଣ ରୂପେ ଦୂର କରି ଏକ ଶକ୍ତିଶାଳୀ ମହୌଷଧି ଭାବେ କାର୍ଯ୍ୟ କରୁଛି ।



## ସୋସିଆଲ କୋଟ୍ସ



ଗୋଟିଏ ମାସରୁ ଅଧିକ ଦିନ ପରେ ପର୍ଫମ କରୁଛି । ଅନେକ କଷ୍ଟରେ ଅଛି । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଯେଉଁ ଔଷଧ ଖାଉଛି, ତାହାର ପ୍ରଭାବ ମୋ କଣ୍ଠ ଉପରେ ପଡିଛି, ତେଣୁ ତାହା ବସି ଯାଇଛି ।

**ସୋନୁ ନିଗମ, ସିଙ୍ଗର**



ମୁଁ ଗୋବିନ୍ଦାଙ୍କର ସିକ୍ରେଟ ରିଭିଲ କରିନି । ଯାହା ସତ ସେଇଟା ପ୍ରକାଶ କରିଥାଏ । ସେହିଭଳି କେବଳ ଗୋବିନ୍ଦା ନୁହେଁ ଆଜିକାଲି ଅନେକ ହିରୋ ହେୟାର ପ୍ୟାଚ ଲଗାଉଛନ୍ତି ।

**ସୁନିତା ଆହୁଜା, ଗୋବିନ୍ଦାଙ୍କ ପତ୍ନୀ**



ବର୍ତ୍ତମାନ ଆଉ ନୂଆ କାହାଣୀ ଲେଖିବାର ଇଚ୍ଛା ନାହିଁ । ବର୍ତ୍ତମାନ କେବଳ ପରିବାରକୁ ସମୟ ଦେବି । ପତ୍ନୀ ଓ ପିଲାଙ୍କ ସହିତ ଅଧିକ ସମୟ ବିତାଇବି ।

**ବିକ୍ରମ ଭଟ୍ଟ, ଫିଲ୍ମ ମେକର**

## ୪୦ ବର୍ଷରୁ ହସିନାହାନ୍ତି ମହିଳା

ଚେହେରାରେ କୁଞ୍ଚନ ବା ରିଙ୍କଲ୍ସ ପଡ଼ିବା ଭୟରେ ଜଣେ ମହିଳା ବିଗତ ପ୍ରାୟ ୪୦ ବର୍ଷ ହେବ ହସିନାହାନ୍ତି । ମହିଳାଙ୍କ ମତରେ, ବାରମ୍ବାର ହସିବା କିମ୍ବା ଚେହେରାର ହାବଭାବ ବଦଳାଇବା ଦ୍ୱାରା ସମୟ ସହିତ ମୁହଁରେ ଫାଇନ୍ ଲାଇନ୍ସ ଏବଂ କୁଞ୍ଚନ ସୃଷ୍ଟି ହୋଇଥାଏ । ସେଥିପାଇଁ ସେ କମ୍ ବୟସରୁ ହିଁ ନିଜ ଚେହେରାର ଏକ୍ସପ୍ରେସନକୁ ନିୟନ୍ତ୍ରଣ କରିବା ଆରମ୍ଭ କରିଦେଇଥିଲେ । ଏହି ନିଆରା ଅଭ୍ୟାସ ଯୋଗୁଁ ତାଙ୍କ ଚେହେରା ଅଧିକ ସତେଜ ଦେଖାଯାଉଛି ଏବଂ ତାଙ୍କୁ କୌଣସି କସମେଟିକ ଟ୍ରିଟମେଣ୍ଟ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ମାତ୍ର ଅପରପକ୍ଷରେ, କୁଞ୍ଚନରୁ ବଞ୍ଚିବା ପାଇଁ ନିଜର ହସଖୁସିକୁ ଜଳାଞ୍ଜଳି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସୋସିଆଲ ମିଡିଆରେ ୟୁଜର୍ସ ପ୍ରଶ୍ନ ଉଠାଇଛନ୍ତି । ଚର୍ମ ବିଶେଷଜ୍ଞଙ୍କ ଅନୁଯାୟୀ, ତ୍ୱଚାର ବୟସ ବଢ଼ିବା କ୍ଷେତ୍ରରେ କେବଳ ଚେହେରାର ଏକ୍ସପ୍ରେସନ ନୁହେଁ ବରଂ ଜେନେଟିକ୍ସ, ସୂର୍ଯ୍ୟକିରଣ, ଜୀବନଶୈଳୀ, ଧୂମ୍ରପାନ, ହାଇଡ୍ରେସନ ଏବଂ ସ୍କିନକେୟାର ଭଳି ଅନ୍ୟାନ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ କଥାର ଭୂମିକା ସବୁଠାରୁ ଅଧିକ ରହିଥାଏ ।





## ରକ୍ତଦାନ ବଦଳରେ ଭିଆଇପି ଦର୍ଶନ

ମଧ୍ୟପ୍ରଦେଶର ପ୍ରସିଦ୍ଧ ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ ମନ୍ଦିରରେ ଏବେ ଆସ୍ଥା ଏବଂ ସେବାର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ମିଳୁଛି । ଯେଉଁଠାରେ ରକ୍ତଦାନ କରୁଥିବା ଶ୍ରଦ୍ଧାଳୁମାନଙ୍କୁ ସେବା ବଦଳରେ ସିଧାସଳଖ ଭିଆଇପି ପ୍ରବେଶ ସୁବିଧା ଯୋଗାଇ ଦିଆଯାଉଛି । ମନ୍ଦିର ପରିସରରେ ରକ୍ତଦାନ କରୁଥିବା ଭକ୍ତମାନେ ମାତ୍ର ୨୦ ମିନିଟ୍ ରକ୍ତଦାନ କରି ଏହାର ବଦଳରେ ପ୍ରାୟ ୩ ରୁ ୪ ଘଣ୍ଟାର ଲମ୍ବା ଲାଇନ୍‌ରେ ଠିଆ ହେବା କଷ୍ଟରୁ ରକ୍ଷା ପାଇପାରୁଛନ୍ତି । ଏହି ଅଭିନବ ଅଭିଯାନ ଯୋଗୁଁ ରକ୍ତଦାନର ପରିମାଣ ଧୀରେଧୀରେ ବଢ଼ିଛି । ଗତ ଫେବୃଆରୀ ମାସରେ ଯେଉଁଠାରେ ମାତ୍ର ୧୬୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା, ସେଠାରେ ଚଳିତ ଜୁନ୍ ୧୪ ତାରିଖ ସୁଦ୍ଧା ସେହି ସଂଖ୍ୟା ହାରାହାରିଠାରୁ ବହୁତ ଅଧିକ ଅର୍ଥାତ୍ ୪୯୭ ୟୁନିଟ୍‌ରେ ପହଞ୍ଚିଛି । ଏହା ସହିତ ଏହି ପ୍ରୟାସ ଦ୍ୱାରା ଏବି-ନେଗେଟିଭ୍, ଓ-ନେଗେଟିଭ୍, ଏ-ନେଗେଟିଭ୍ ଏବଂ ବି-ନେଗେଟିଭ୍ ଭଳି ଅତି ଦୁର୍ଲଭ ବ୍ଲଡ୍ ଗ୍ରୁପ୍‌ଗୁଡ଼ିକର ଏକ ଭଲ ସଞ୍ଚୟ ହୋଇପାରିଛି । ଏହି ପ୍ରକ୍ରିୟାରେ ରକ୍ତଦାନ କରିବା ପରେ ଦାତାମାନଙ୍କୁ ରିଫ୍ରେସମେଣ୍ଟ, ଏକ ପ୍ରମାଣ ପତ୍ର, ମନ୍ଦିରର ପ୍ରସାଦ ଏବଂ ଭଗବାନ ଓଁକାରେଶ୍ୱରଙ୍କର ଏକ ସୁନ୍ଦର ଚିତ୍ର ପ୍ରଦାନ କରାଯାଉଛି । ଏହି ସେବା ପାଇଁ ମିଳୁଥିବା ପ୍ରମାଣ ପତ୍ର ବଳରେ ରକ୍ତଦାତା ଏବଂ ତାଙ୍କ ପରିବାରକୁ ତତ୍କାଳ ଭିଆଇପି ପ୍ରବେଶ ମିଳୁଥିବାରୁ, ବିଶେଷ କରି ପରିବାରର ବୃଦ୍ଧବୃଦ୍ଧା ଓ ଛୋଟ ପିଲାମାନଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାର ମାନସିକ ଓ ଶାରୀରିକ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତି ମିଳିପାରୁଛି ।





## ପସନ୍ଦ ଆସିଛି ଉପହାର

ବିଶ୍ୱ ପ୍ରସିଦ୍ଧ ପପ୍ ଷ୍ଟାର୍ ରିହାନାଙ୍କୁ ଭାରତର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପରିବାର ପକ୍ଷରୁ ଏକ ମୂଲ୍ୟବାନ 'ଡାଇମଣ୍ଡ ଟେନିସ୍ ବ୍ରେସଲେଟ୍' ଉପହାର ଦିଆଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨.୨ କୋଟି ଟଙ୍କା ବୋଲି ଜଣାପଡ଼ିଛି । ନିକଟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମର 'ଦି ପିପୁଲ୍ ଗ୍ୟାଲେରୀ' ପେଜ୍‌ରେ ସେୟାର କରାଯାଇଥିବା ଏକ ଭିଡିଓରେ ରିହାନା ଏକ ହୀରା ବ୍ରେସଲେଟ୍‌କୁ ଦେଖାଇଛନ୍ତି ଏବଂ ଏହା ତାଙ୍କୁ ଭାରତର ଅମ୍ବାନୀ ପରିବାରଠାରୁ ଉପହାର ମିଳିଛି ବୋଲି ସ୍ପଷ୍ଟ କରିଛନ୍ତି । ଯାହାପରେ ଏହି ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି । ଏପ୍ରିଲ ମାସରେ ନିଜର ବିଉଟି ବ୍ରାଣ୍ଡ 'ଫେଣ୍ଟି ବିଉଟି'ର ପ୍ରମୋସନାଲ୍ ଇଭେଣ୍ଟ ଏବଂ ପପ୍-ଅପ୍ ଷ୍ଟୋର୍ ଲଞ୍ଚ୍ ଅବସରରେ ମୁମ୍ବାଇ ଆସିଥିବା ରିହାନା, ଅମ୍ବାନୀଙ୍କ ବାସଭବନ 'ଆଣ୍ଟିଲିଆ' ମଧ୍ୟ ଯାଇଥିଲେ । ଅମ୍ବାନୀ ପରିବାର ସହିତ ରିହାନାଙ୍କର ସମ୍ପର୍କ ଖୁବ ପୁରୁଣା । ପୂର୍ବରୁ ୨୦୨୪ରେ ଅମ୍ବାନୀ ପରିବାରର ପ୍ରି-ୱେଡିଂ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜାମନଗର ଆସିବା ରିହାନାଙ୍କର ପ୍ରଥମ ଭାରତ ଗସ୍ତ କରିଥିଲେ ଏବଂ ବିବାହର କାର୍ଯ୍ୟକ୍ରମରେ ଭାଗମଧ ନେଇଥିଲେ ।

## ରୋକିହେବ ବଂଶାନୁଗତ ରୋଗ

ବିଜ୍ଞାନ ଜଗତରେ ଏକ ଅଭୁତପୂର୍ବ ସଫଳତା ସ୍ୱରୂପ ବୈଜ୍ଞାନିକମାନେ ଏକ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଏଭଳି ଏକ ଶିଶୁକୁ ଜନ୍ମ ଦେଇଛନ୍ତି, ଯାହା ମଧ୍ୟରେ ୩ ଜଣ ବ୍ୟକ୍ତିଙ୍କ ଡିଏନ୍‌ଏ ବ୍ୟବହାର କରାଯାଇଛି । ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁର୍ଲଭ ଏବଂ ଗମ୍ଭୀର ମାଇଟୋକଣ୍ଡ୍ରିଆଲ ରୋଗଗୁଡ଼ିକୁ ପରବର୍ତ୍ତୀ ପିଢ଼ିକୁ ସଂକ୍ରମିତ ହେବାରୁ ରୋକିବା । ଏହି ଶିଶୁର ଶରୀରରେ ଅଧିକାଂଶ ଡିଏନ୍‌ଏ ନିଜ ପିତାମାତାଙ୍କର ରହିଥିବା ବେଳେ ଜଣେ ମହିଳା ଦାତାଙ୍କଠାରୁ ସୁସ୍ଥ ମାଇଟୋକଣ୍ଡ୍ରିଆଲ ଡିଏନ୍‌ଏ ନିଆଯାଇଛି । ବାସ୍ତବରେ, ମାଇଟୋକଣ୍ଡ୍ରିଆ ଶରୀରର କୋଷଗୁଡ଼ିକରେ ଶକ୍ତି ପ୍ରଦାନ କରିଥାଏ ଏବଂ ଏଥିରେ ତ୍ରୁଟି ଦେଖାଦେଲେ ଗମ୍ଭୀର ରୋଗ ସୃଷ୍ଟି ହୁଏ, ଯାହା ପ୍ରାୟତଃ ମା'ଠାରୁ ଛୁଆ ପାଖକୁ ଯାଇଥାଏ । ବିଶେଷଜ୍ଞଙ୍କ ମତରେ, ଏହି ସଫଳତା ସେହିସବୁ ପରିବାର ପାଇଁ ଏକ ନୂଆ ଆଶା ଆଣିଦେବ, ଯେଉଁମାନଙ୍କର ପିଢ଼ି ପରେ ପିଢ଼ି ଏହି ମାଇଟୋକଣ୍ଡ୍ରିଆଲ ରୋଗରେ ପୀଡ଼ିତ ହୋଇ ଆସୁଛନ୍ତି । କାରଣ ଏହାଦ୍ୱାରା ଶିଶୁ ପାଖକୁ ରୋଗ ବ୍ୟାପିବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ । ଏହି ପ୍ରଯୁକ୍ତିକୁ ନେଇ ବର୍ତ୍ତମାନ ଚର୍ଚ୍ଚା ମଧ୍ୟ ଜୋର ଧରିଛି, ଯେଉଁଠି ବୈଜ୍ଞାନିକମାନେ ଏହାକୁ ଏକ ବଡ଼ ସଫଳତା ବୋଲି କହୁଛନ୍ତି, ସେଠାରେ କିଛି ଲୋକ ମାନବ ଜିନ୍‌ରେ ଏଭଳି ହସ୍ତକ୍ଷେପକୁ ନେଇ ନୈତିକ ଏବଂ ସାମାଜିକ ପ୍ରଶ୍ନ ମଧ୍ୟ ଉଠାଉଛନ୍ତି ।





**ମେଷ:** ଅର୍ଥପ୍ରାପ୍ତିର ସୁଯୋଗ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଆଶା ସଫଳ, ଦାମ୍ପତ୍ୟସୁଖ, ସନ୍ତାନ ସମସ୍ୟା ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଭଗବାନ ଶଙ୍କର ।

**ବୃଷ:** ଶତ୍ରୁରେ ବିଜୟ, ଦୂରଯାତ୍ରା, ଶାରୀରିକ ପରିଶ୍ରମ, ହଠାତ ଲାଭ , ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥଲାଭ, ପଦମର୍ଯ୍ୟାଦା ବୃଦ୍ଧି, ସୁସମାଚାର, ସୁମିଷ୍ଟ ଭୋଜନପ୍ରାପ୍ତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ଶ୍ରୀ ଜଗନ୍ନାଥ ।

**ମିଥୁନ:** ସନ୍ତାନସମସ୍ୟା, ବ୍ୟବସାୟରେ ମଧ୍ୟମ ଫଳ, ଉଚ୍ଚଆଶା ସଫଳ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ଦେବକାର୍ଯ୍ୟ, ଅର୍ଥସମସ୍ୟା, ଦାମ୍ପତ୍ୟସୁଖ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବନ୍ଧୁଲାଭ, ସମ୍ମାନପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ କଷ୍ଟ, ଶୁଭଖବର, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ମହାଲକ୍ଷ୍ମୀ ।

**ସିଂହ:** ସହଯୋଗପ୍ରାପ୍ତି, ମାନସିକ ଶାନ୍ତି, ପିଲାଙ୍କଖୁସି, ଦୂରଯାତ୍ରା ସଫଳ, ବ୍ୟବସାୟରେ ସମସ୍ୟା, କାର୍ଯ୍ୟ ସଫଳ, ମିତ୍ର ସାହାଯ୍ୟ, ଶରୀର ସୁସ୍ଥ, କର୍ମେ ସୁଖ, ଶତ୍ରୁସମସ୍ୟା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଗୋମାତାଙ୍କ ସେବା ।

**କନ୍ୟା:** ସମ୍ମାନବୃଦ୍ଧି, ସୁସମ୍ବାଦପ୍ରାପ୍ତି, ବାଣିଜ୍ୟରେ ଲାଭ, ସମସ୍ୟା ସମାଧାନ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ବନ୍ଧୁଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ତୁଳା:** କର୍ମରେ ଆନନ୍ଦ, ବନ୍ଧୁସାହାଯ୍ୟ, ବ୍ୟବସାୟରେ କଷ୍ଟ, ଦାମ୍ପତ୍ୟସୁଖ, ଲୋକସମ୍ପର୍କ ବୃଦ୍ଧି, ନୂତନ କର୍ମ ଆରମ୍ଭ, ମାନସିକ ଅବସାଦ, ଉଚ୍ଚଆଶା ସଫଳ, ସନ୍ତାନସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ଗ୍ରାମଦେବତୀ ।

**ବିଛା:** ଅନୁଷ୍ଠାନରୁ ଲାଭ, ଶୁଭଖବର, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ନୂତନ କର୍ମଆରମ୍ଭ, ଦେବକାର୍ଯ୍ୟ, ଦୂରଯାତ୍ରା ସଫଳ, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ମାନସିକ ଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ନିନ୍ଦିତ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ନାରାୟଣ ।

**ଧନୁ:** ପ୍ରୀତିବୃଦ୍ଧି, ସମ୍ପର୍କରେ ଉନ୍ନତି, ଯାତ୍ରାରେ ସାବଧାନ, ବ୍ୟବସାୟରେକଷ୍ଟ, ଶରୀର ଅସୁସ୍ଥ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ଶାନ୍ତି, ଦାମ୍ପତ୍ୟସୁଖ, ସନ୍ତାନସୁଖ, ଋଣଗ୍ରସ୍ତ, ନୂତନ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ମକର:** କର୍ମରେ ଆନନ୍ଦ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଆଶା ସଫଳ, ଦ୍ରବ୍ୟଲାଭ, ଶତ୍ରୁପରାଜିତ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଅବସାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ଅର୍ଥଲାଭ, ବନ୍ଧୁବିଦ୍ରୋହ, ଦୂରଯାତ୍ରାରେ ସତର୍କ, ଅତିଥିଲାଭ, ଶରୀର ଅସୁସ୍ଥ, ମାନସିକ ଅବସାଦ, ସନ୍ତାନସମସ୍ୟା, ଉଚ୍ଚଆଶାରେ ବିଫଳ, ଗାଡ଼ିଚାଳନାରେ ସାବଧାନ, ବ୍ୟବସାୟରେ ଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ବିମଳା ।

**ମୀନ:** ସ୍ୱାସ୍ଥ୍ୟହାନି, ସମ୍ପର୍କରେ ଫାଟ, ଆଶାରେ ବିଫଳ, ଅର୍ଥସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାନସିକ ଅବସାଦ, ନୂତନ କର୍ମରେ ସଫଳ, ଦ୍ରବ୍ୟନଷ୍ଟ, ଶତ୍ରୁସମସ୍ୟା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଗୋଚିଳାଇ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଥୀ**
**୧୮.୬.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର

# ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଆମର ଏକ ସ୍ୱାଭାବିକ ପାର୍ଟନର୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଆଜି ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ଶ୍ରୀ ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ବୈଠକ ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ। ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି । ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା । ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା । ଏହି ୮ଟି ଏମଓୟୁର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁରଦର ନିବେଶ ତଥା ବିଭିନ୍ନ ପାର୍ଟନରସିପ୍ସର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ । ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସିଙ୍ଗାପୁରଦର ସହଯୋଗରେ ଓଡ଼ିଶାରେ ଫିନ୍‌ଟେକ୍ ଓ ଇନ୍‌ସିଓର୍‌ଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ । ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ସିଙ୍ଗାପୁର ପକ୍ଷରୁ ହାଇକମିଶନରଙ୍କ ସହ ମୁମ୍ବାଇର କନସୁଲ୍-ଜେନେରାଲ୍ ଚଙ୍ଗ୍ ମିଙ୍ଗ୍ ଫୁଙ୍ଗ୍ ଏବଂ ହାଇକମିଶନର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ ମାମଲା

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ, କନିଷ୍ଠ ଯନ୍ତ୍ରୀଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ ମାମଲାରେ କ୍ୟାପିଟାଲ ଥାନା ପୋଲିସ କେନ୍ଦୁଝରର ହରିଚନ୍ଦନପୁରରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ୍‌ଙ୍କୁ ଗିରଫ କରି ଭୁବନେଶ୍ୱର ଆଣିବା ପରେ କୋର୍ଟଚାଲାଣ କରିଛି । ଘଟଣାର ଅନ୍ୟତମ ଅଭିଯୁକ୍ତ ବଂଶପାଳ କନିଷ୍ଠ ଯନ୍ତ୍ରୀ ମୋନାଲିସା ବେହେରା ଫେରାର ଥିବାରୁ ତାଙ୍କୁ ଗିରଫ କରିବା ପାଇଁ ଛାନ୍‌ଭିନ୍ କରୁଛି ତଦନ୍ତକାରୀ ଟିମ୍ । ଉପବାଚସ୍ପତିଙ୍କ ଦସ୍ତଖତ, ପ୍ୟାଡ୍, ଷ୍ଟାମ୍ପ ପ୍ରଭୃତି ଜାଲ୍ କରାଯାଇଥିବା ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ କ୍ୟାପିଟାଲ ଥାନାରେ ମଙ୍ଗଳବାର ଏତଲା କରିଥିଲେ । ତାଙ୍କ ଏତଲା ଅନୁଯାୟୀ ପୋଲିସ ମାମଲା ରୁଜୁ କରି ତଦନ୍ତ ପାଇଁ ଚାରିଜଣିଆ ଟିମ୍ ଗଠନ କଲା । ଚାରିଜଣିଆ ଟିମ୍ କେନ୍ଦୁଝର ଯାଇ ଛାନ୍‌ଭିନ୍ କରିବା ପରେ ଲକ୍ଷ୍ମଣଙ୍କୁ ଗିରଫ କରିବାରେ ସମର୍ଥ ହେଲା । ମୋନାଲିସାଙ୍କୁ ନପାଇବାରୁ ଲକ୍ଷ୍ମଣଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଥାନାକୁ ଧରି ଆସିବା ପରେ ଏସିପି ସାମ୍ବାଦିକ ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ।

ଲକ୍ଷ୍ମଣ ଓ ମୋନାଲିସା ଯୋଜନାବଦ୍ଧ ଭାବେ ଉପବାଚସ୍ପତିଙ୍କ ଲେଟର ପ୍ୟାଡ୍, ଷ୍ଟାମ୍ପ ଓ ଦସ୍ତଖତ ପ୍ରଭୃତି ଜାଲ୍ କରି ନିଜର ବଦଳି କରାଇବାରେ ସମର୍ଥ ହୋଇଥିଲେ । ଏହା ଜଣାପଡିବା ପରେ କ୍ୟାପିଟାଲ ଥାନାରେ ଏତଲା ହେଲା । ଉପବାଚସ୍ପତିଙ୍କ କହିବାନୁଯାୟୀ ତାଙ୍କ କାର୍ଯ୍ୟାଳୟର କୌଣସି କର୍ମଚାରୀ ଏଥିରେ ଜଡିତ ନାହାନ୍ତି । ଦୁଇ ଯନ୍ତ୍ରୀ ଯୋଜନାବଦ୍ଧ ଭାବେ ପ୍ୟାଡ୍ ଓ ଦସ୍ତଖତ ପ୍ରଭୃତି ଜାଲ୍ କରି ନିଜର ବଦଳି କରାଇବାରେ ବ୍ୟବହାର କରିଥିଲେ । ଏହା ଜଣାପଡିବା ପରେ ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ପୋଲିସର ସହାୟତା ନିଆଯାଇଛି ।

# ପଶ୍ଚିମବଙ୍ଗର ଫେରାର ଟିଏମ୍‌ସି ନେତା ପୁରୀରୁ ଗିରଫ

ପୁରୀ, (ସବ୍ୟୁ) : ପୋଲିସ ଗିରଫ ଭୟରେ ଫେରାର ହୋଇ ପୁରୀରେ ଆତ୍ମ ଗୋପନ କରି ଥିବା ଟିଏମସି ନେତାଙ୍କୁ ପୁରୀରୁ ଗିରଫ କରିଛି ପଶ୍ଚିମ ବଙ୍ଗ ପୋଲିସ । ପଶ୍ଚିମବଙ୍ଗର କୋଲକାତା ମ୍ୟୁନିସିପାଲ୍ କର୍ପୋରେସନର ୱାର୍ଡ ୧୦୮ ତୃଣମୂଳ କଂଗ୍ରେସର କାଉନସିଲର ସୁଶାନ୍ତ କୁମାର ଘୋଷ ପୁରୀରୁ ଗିରଫ ହୋଇଛନ୍ତି। ଚାନ୍ଦା ଆଦାୟ, ଜାଲିଆତି ଏବଂ ଷ୍ଟଲ ଆବଣ୍ଟନରେ ଦୁରୁପଯୋଗ ଅଭିଯୋଗରେ ପଶ୍ଚିମବଙ୍ଗ ପୋଲିସ ତାଙ୍କୁ ଗିରଫ କରିଛି । ଗିରଫ ପରେ ପୋଲିସ ସୁଶାନ୍ତଙ୍କୁ ପଶ୍ଚିମ ବଙ୍ଗ ନେଇଯାଇଛି ।

# ନାବାଳିକା ଦୁଷ୍କର୍ମୀକୁ ୩୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ୨୦୨୪ ମସିହାରେ ଦୁଷ୍କର୍ମ କରିଥିବା ଦୁଷ୍କର୍ମୀ କାହ୍ନା ଓରଫ ସନ୍ତୋଷ ଖୁଣ୍ଟିଆକୁ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ୩୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ତାଙ୍କ ରାୟରେ କହିଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡରେ ଦଣ୍ଡିତ ହେବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ପୀଡିତା ଜଣେ ଅଢେଇ ବର୍ଷର ବୟସ ଶିଶୁ ଥିଲେ । ଘଟଣା ଦିନ ସେ ନିଜ ବାପାଙ୍କ ସହ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ । ଦୋକାନ ବନ୍ଦ ଥିବାରୁ ଉଭୟ ଘରକୁ ଫେରିଆସିଥିଲେ । ଶିଶୁଟି ଘର ବାହାରେ ଖେଳୁଥିବା ବେଳେ ଅଭିଯୁକ୍ତ କାହ୍ନା ତାଙ୍କୁ ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲା । କିଛି ସମୟ ପରେ ପରିବାର ଲୋକେ ଶିଶୁଟିକୁ ଆଣିବା ପାଇଁ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ । ତାଙ୍କ ଘରେ ପହଞ୍ଚିବା ବେଳକୁ ଶିଶୁଟି ଉଲଗ୍ନ ଓ ରକ୍ତାକ୍ତ ଅବସ୍ଥାରେ ଖଟ ଉପରେ ପଡିଥିବା ବେଳେ ତାଙ୍କ ପାଖରେ ଅଭିଯୁକ୍ତ ଶୋଇଥିଲା । ଏହାକୁ ଦେଖି ପରିବାର ଲୋକେ ପ୍ରତିବାଦ କରିବାରୁ ଅଭିଯୁକ୍ତ ସେମାନଙ୍କୁ ଧମକ ଦେବା ସହ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ ପୀଡିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

ତଦନ୍ତକାରୀ ଅଫିସର କାହ୍ନା ଓରଫ ସନ୍ତୋଷ ଖୁଣ୍ଟିଆକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ କରିଥିଲେ । କୋର୍ଟ ୧୩ଜଣ ସାକ୍ଷୀଙ୍କ ଜମାନବନ୍ଦୀ, ୮୪ଟି ପ୍ରାସଙ୍ଗିକ ଦସ୍ତାବିଜ୍ ଆଧାରରେ ବିଚାର କରି ବୁଧବାର କାହ୍ନା ଓରଫ ସନ୍ତୋଷ ଖୁଣ୍ଟିଆକୁ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ ୩୦ବର୍ଷ ସଶ୍ରମ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଥିବା ବେଳେ ତାହା ଅନାଦେୟ ହେଲେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି । ସେହିପରି ଆଇପିସିର ଧାରା ୩୬୩ ଅନୁଯାୟୀ ୭ବର୍ଷ ସଶ୍ରମ ଜେଲ୍‌ଦଣ୍ଡ ସହିତ ୩ ହଜାର ଜରିମାନା ଦଣ୍ଡାଦେଶ କରିଛନ୍ତି କୋର୍ଟ । ଜରିମାନା ଅନାଦେୟ ହେଲେ ୨ବର୍ଷ ଅତିରିକ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି । ଆହୁରି ମଧ୍ୟ ଆଇପିସିର ଧାରା ୩୨୩ ଅନୁଯାୟୀ ବର୍ଷେ ସଶ୍ରମ ଜେଲ୍‌ଦଣ୍ଡ ଏବଂ ଆଇପିସିର ଧାରା ୩୪୨ ଅନୁଯାୟୀ ବର୍ଷେ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ପୀଡିତା ଶିଶୁଙ୍କ ପରିବାରକୁ ୫ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

### ସୁଶାସନ, ଫଳାଫଳ ଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରାଯିବ

# ଅନୁଗୋଳ ୨୬ ଭିତ୍ତିଭୂମି, ବିକାଶମୂଳକ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର(ସବ୍ୟୁ): ସୁଶାସନ ଓ ଫଳାଫଳଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶା ଜନ ବିଶ୍ୱାସ ଆଇନ୍ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା ହୋଇଛି । ଆଗାମୀ ୨୦ ତାରିଖରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମର ଶୃଙ୍ଖଳିତ ବ୍ୟବସ୍ଥା ନେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ବୁଧବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର



ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଦ୍ରୁତ ଏବଂ ପ୍ରମାଣଭିତ୍ତିକ ମୂଲ୍ୟାଙ୍କନ ପାଇଁ ରାପିଡ୍ ସର୍ଭେ ବେସ୍‌ଡ ଆସେସମେଣ୍ଟ ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଇଥିଲେ । ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗରେ ନିୟାମକ ସରଳୀକରଣ(ଡି-ରେଗୁଲେସନ) ମାଧ୍ୟମରେ ଅନାବଶ୍ୟକ ଅନୁମୋଦନ ଓ ପ୍ରକ୍ରିୟାଗତ ଜଟିଳତା ହ୍ରାସ କରିବା ଉପରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା । ଏଥି ସହିତ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ, ବକେୟା ଥିବା ସରକାରୀ ବିଦ୍ୟୁତ ବିଲ ପୈଠ ସଂପର୍କରେ ସମୀକ୍ଷା କରାଯାଇଥିଲା । ସେହିପରି ଅନୁଗୋଳ ଜିଲ୍ଲାପାଳ ଅବଦ୍ଧାଲ ଏମ୍. ଅଖତର୍ ବିକଶିତ ଅନୁଗୋଳ ଲକ୍ଷ୍ୟକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ୨୬ଟି ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ପ୍ରସ୍ତାବିତ ବୁଢାପଙ୍କରୁ ଭାୟା ତେନ୍ତୁଲାଇ ଦେଇ ଲୁବୁରୀ ପର୍ଯ୍ୟନ୍ତ ଦୀର୍ଘ ୧୧୨.୫୬ କିମି ପର୍ଯ୍ୟନ୍ତ ବାହ୍ୟ ରେଳ କରିଡର ଏବଂ ପୁତୁଗାଡ଼ିଆ ଠାରୁ ତେନ୍ତୁଲାଇ ପର୍ଯ୍ୟନ୍ତ ୫୦ କିମି ଦୀର୍ଘ ଆଭ୍ୟନ୍ତରୀଣ ରେଳ କରିଡରର ନିର୍ମାଣ ସଂପର୍କରେ ଆଲୋଚନା କରିଥିଲେ । ଯାହାକି ସଂଲଗ୍ନ ବିଭିନ୍ନ ଅଂଚଳରୁ କୋଇଲା ଓ ଖଣିଜ ପଦାର୍ଥ ସୁପରିବହନରେ ତଥା ପରୋକ୍ଷରେ ରାଜ୍ୟ ତଥା ଦେଶର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବ । ସେହିପରି ଏନଏଚ୍-୫୩ ଓ ଏନଏଚ୍-୧୪୯ର ଉନ୍ନତିକରଣ, ତାଳଚେର-ବିମଳାଗଡ଼ ରେଳ ସଂଯୋଗୀକରଣ , ଜାତୀୟ ଜଳପଥ-୫ର ବିକାଶ ସଂପର୍କିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଛି । ଆଗାମୀ ମାର୍ଚ୍ଚରୁ ଡିସେମ୍ବର ୨୦୨୭ ମଧ୍ୟରେ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ୫ଟି ମେଗା ପାଇପ୍ ୱାଟର ପ୍ରକଳ୍ପ ସ୍ଥାପନ, ଆଲୁମିନିୟମ ପାର୍କର ସମ୍ପ୍ରସାରଣ, ପବିତ୍ରମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ଣ୍ଣ କାର୍ଯ୍ୟକ୍ଷମତା, ମାଲ୍ୟଗିରି-ରେଙ୍ଗାଲି-ମଞ୍ଜୋର ଇକୋ-ଟୁରିଜମ ସର୍କିଟ ଏବଂ ସାତକୋଶିଆକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଭଳି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଥିଲେ ।

# ପାୱାରଟିଲରରେ ଚାପିହୋଇ ଚାଷୀର ମୃତ୍ୟୁ

ଦଶପଲ୍ଲା,(ସବ୍ୟୁ): ଜମିଚାଷ କରୁଥିବା ବେଳେ ଜଣେ ଚାଷୀ ପାଓ୍ୱାର ଟିଲରରେ ଚାପିହୋଇ ମୃତ୍ୟୁ ହୋଇଛି । ମୃତ ଚାଷୀଙ୍କ ନାମ ପ୍ରଦୀପ୍ତ ପ୍ରଧାନ(୪୭) ଓ ତାଙ୍କଘର ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ବ୍ରହ୍ମପୁର ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପ । ସୂଚନାଯୋଗ୍ୟ ଯେ, ରଜପର୍ବ ଶେଷହେବା ପରେ ଏବେ ବିଲ ଚାଷ କରିବାରେ ଲାଗିଛିଚାଷୀ । ବୁଧବାର ସକାଳ ସମୟ ରେ ପ୍ରଦୀପ୍ତ ନିଜ ଜମିଚାଷ କରିବାକୁ ପାୱାରଟିଲର ଧରି ଯାଇଥିଲା । ଜମିଚାଷ କରିବା ସମୟ ରେ ହଠାତ ପାଓ୍ୱାର ଟିଲରଟି ତାଉପରେ ଚଢିଯାଇଥିଲା । ଫଳରେ ଚାଷୀ ପ୍ରଦୀପ୍ତ ପାଓ୍ୱାରଟିଲର ରେ ଚିପି ହୋଇ ଗୁରୁତର ହୋଇ ପଡ଼ିଥିଲେ । ଏହାଦେଖି ସ୍ଥାନୀୟ ଲୋକମାନେ ତାଙ୍କୁ ଉଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରଦୀପ୍ତ ଙ୍କ ମୃତ୍ୟୁ ରେ ପରିବାର, ବନ୍ଧୁବାନ୍ଧ ଓ ବ୍ରହ୍ମପୁର ଗ୍ରାମରେ ଶୋକରଛାୟା ଖେଳି ଯାଇଛି । ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# କମୁଛି ଶିଶୁ ଜନ୍ମ - ବିଗାଡ଼ିବ ସାମାଜିକ ବ୍ୟବସ୍ଥା

ଭୁବନେଶ୍ୱର, (ତଥ୍ୟ): ଓଡ଼ିଶାରେ ଶିଶୁ ଜନ୍ମ ହାର ଯେଉଁଭଳି ଭାବେ ହ୍ରାସ ପାଉଛି ଏବଂ ଜନ୍ମିତ ଶିଶୁଙ୍କ ଭିତରେ ପୁଅଙ୍କ ଅପେକ୍ଷା ଝିଅଙ୍କ ସଂଖ୍ୟା କମ୍ ରହୁଛି ତାହା ଆଗାମୀ ଦିନରେ ବଡ଼ ଧରଣର ସାମାଜିକ ଅସନ୍ତୁଳନ ସୃଷ୍ଟି କରିପାରେ ବୋଲି ସମାଜବିଜ୍ଞାନୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ସଦ୍ୟ ପ୍ରକାଶିତ କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ରିପୋର୍ଟରେ ଓଡ଼ିଶାରେ ଶିଶୁ ଜନ୍ମ ହାର କମୁଥିବା ସ୍ୱୀକାର କରାଯାଇଛି । ପ୍ରତି ମହିଳାଙ୍କ ପିଛା ସନ୍ତାନ ଜନ୍ମ ହାର ଏବେ କମିକମି ୧.୭ରେ ପହଞ୍ଚିଲାଣି। ଅର୍ଥାତ୍ ୧୦ ଜଣ ମହିଳା ସେମାନଙ୍କ ଜୀବନକାଳ ମଧ୍ୟରେ ହାରାହାରି ୧୭ଜଣ ଶିଶୁ ଜନ୍ମ କରୁଛନ୍ତି। ରାଜ୍ୟର ସହରାଞ୍ଚଳରେ ଏହି ହାର ୧.୫ ରହିଛି । ଯେଉଁଭଳି ଭାବେ ୭୦ ଦଶକରୁ ଓଡ଼ିଶାରେ ଶିଶୁ ଜନ୍ମ ହାର କମୁଛି ତାହା ଅବ୍ୟାହତ ରହିଲେ ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ବେଳକୁ ଅବସ୍ଥା ଆହୁରି ଗମ୍ଭୀର ହୋଇପାରେ ବୋଲି କୁହାଯାଉଛି। ତେବେ ମୋଟାମୋଟି ଭାବେ ରାଜ୍ୟର ଜନସଂଖ୍ୟା ମନ୍ଥର ଗତିରେ ବୃଦ୍ଧି ପାଉଥିବାରୁ କିଛିଟା ଆଶ୍ୱାସନା ମିଳୁଛି। ଓଡ଼ିଶାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ଅନ୍ୟାନ୍ୟ କାରଣ ଯୋଗୁ ଜନ୍ମ ହେଉଥିବା ଶିଶୁଙ୍କ ଭିତରେ ପୁଅ- ଝିଅଙ୍କ ଅନୁପାତ ୧୦୦୦:୮୯୪ ରହୁଛି। ଏହି ବ୍ୟବଧାନ ଆଗାମୀ ଦିନରେ ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ଓଡ଼ିଶାରେ ଶିଶୁଜନ୍ମ ହାର କମିବା ଫଳରେ ଭବିଷ୍ୟତରେ ରାଜନୈତିକ ସଂକଟ ଉପୁଜିପାରେ ଏବଂ ଜାତୀୟ ସ୍ତରରେ ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ମଧ୍ୟ କମ୍ ରହିପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି। ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ଜନସଂଖ୍ୟା ଅଭିବୃଦ୍ଧି ହାର ଅଧିକ ରହୁଥିବାରୁ ନିର୍ବାଚନ ମଣ୍ଡଳୀ ପୁନଃ ନିର୍ଦ୍ଧାରଣରେ ଓଡ଼ିଶା ଓ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ତୁଳନାରେ ଉତ୍ତର ଭାରତରେ ଥିବା ରାଜ୍ୟଗୁଡ଼ିକ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାରେ ଆସନ ସଂଖ୍ୟା ଆନୁପାତିକ ଭାବେ ଢେର ଅଧିକ ବଢ଼ିପାରେ। ଜାତୀୟ ସ୍ତରରେ ଶିଶୁ ଜନ୍ମ ହାର ପ୍ରତି ମହିଳାଙ୍କ ପିଛା ହାରାହାରି ୧.୯ ଥିବାବେଳେ ଓଡ଼ିଶାରେ ତାହା ୧.୭ ରହିବା ଜାତୀୟ ହାରଠାରୁ ଢେର କମ୍। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବି ଏ କ୍ଷେତ୍ରରେ ଅସନ୍ତୁଳନ ଦେଖାଦେଉଛି। ଝାରସୁଗୁଡ଼ା ଭଳି ଶିଳ୍ପ ଉନ୍ନତ ଓ ଖଣି ଖାଦାନ ଭରା ଜିଲ୍ଲାରେ ମହିଳାଙ୍କ ସନ୍ତାନ ଜନ୍ମହାର କମିକମି ୧.୩ରେ ପହଞ୍ଚିଥିବାବେଳେ ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କିନ୍ତୁ ଏହି ହାର ୨.୬ ରହୁଛି। ୧୯୭୫ରୁ ୨୦୨୦ ମଧ୍ୟରେ ଓଡ଼ିଶାରେ ମଣିଷର ହାରାହାରି ପରମାୟୁ ୪୮ ବର୍ଷରୁ ବଢ଼ିବଢ଼ି ୭୩ରେ ପହଞ୍ଚିଛି। ଏଥିସହ ତାଳ ଦେଇ ଓଡ଼ିଶାରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିବଢ଼ି ଚାଲୁଛି। ପାରିବାରିକ ଜୀବନରେ ଅସନ୍ତୁଳନ ଯୋଗୁ ଅନେକ କ୍ଷେତ୍ରରେ ବାର୍ଦ୍ଧ୍ୟକରେ ପହଞ୍ଚିଥିବା ବହୁ ବରିଷ୍ଠ ନାଗରିକ ମାନସିକ ଓ ଶାରୀରିକପ ପୀଡ଼ା ମଧ୍ୟରେ ରହିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ଉଦ୍‌ବେଗଜନକ କଥା ହେଉଛି ରାଜ୍ୟର ବିଭିନ୍ନ ବୟସର ଲୋକେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ପଳାଇବା। ଗୋଟିଏ ପଟେ ଓଡ଼ିଶାରେ ଜନ୍ମ ହାର କମୁଥିବାବେଳେ ଅନ୍ୟପଟେ ଓଡ଼ିଆ ଭାଷାରେ ପାଠ ପଢ଼ିବା ପାଇଁ ଆଗ୍ରହ କମିବା ଏବଂ ଦାଦନ ଭଳି ବିଭିନ୍ନ ସମସ୍ୟା ଯୋଗୁ ହଜାର ହଜାର ସରକାରୀ ବିଦ୍ୟାଳୟ ଓ ଅଙ୍ଗନବାଡ଼ିରେ ପର୍ଯ୍ୟାପ୍ତ ସଂଖ୍ୟକ ପିଲା ହେଉନଥିବାରୁ ସେଗୁଡ଼ିକୁ ବନ୍ଦ କରିଦିଆଯାଉଛି।

# ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ

କଟକ, (ସବ୍ୟୁ): କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମ୍ବନ୍ୱିତ କୃଷି ଆଧାରରେ ଆବଶ୍ୟକ ସହାୟତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୬ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି । ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଅମଳବିହୀନ ଧାନ ଜମିରେ ମୂଲ୍ୟଭିତ୍ତିକ ଚାଷ, କୃଷି କ୍ଷେତ୍ରରେ ଉଦ୍ୟମିତା ପ୍ରୋତ୍ସାହନ, ଜଳସେଚନର ସଦୁପଯୋଗ ଆଦି ଉପରେ ବୈଠକରେ ପରାମର୍ଶ ଦିଆଯାଇଛି । ବୈଠକରେ ଏଲ୍-ନିନୋ ପ୍ରଭାବରେ ସ୍ୱଳ୍ପ ବୃଷ୍ଟିପାତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସେମାନଙ୍କୁ କୌଣସି ପ୍ରକାର କ୍ଷତି ନ ହେବା ଦିଗରେ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କମ୍ ବୃଷ୍ଟିପାତ ପରିସ୍ଥିତିକୁ ଆଧାର କରି ଚାଷୀମାନଙ୍କୁ ଉପଯୁକ୍ତ ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରିବା




ସହ କମ୍ୟୁନିଟି ନର୍ସରୀ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଏହାର ସୁବିଧା ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେବାକୁ ନିଷ୍ପତ୍ତି ନିଆଯାଇଛି । ମଧ୍ୟମ ଅବଧିର ଧାନ ଓ ଅନ୍ୟାନ୍ୟ ଫସଲ କିସମ ଚାଷକୁ ପ୍ରୋତ୍ସାହନ ଦିଆଯିବ, ଆବଶ୍ୟକତା ଅନୁଯାୟୀ ବିଳମ୍ବିତ ତଳି ପକାଇବା ବ୍ୟବସ୍ଥା କରାଯିବା ସହ ଚାଷୀମାନଙ୍କୁ ଜଳସେଚନ ସୁବିଧା ସୁନିଶ୍ଚିତ କରିବାକୁ ଜଳସେଚନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ବିକଳ୍ପ ଫସଲ ଚାଷ ଉପରେ ମଧ୍ୟ ଚାଷୀ ମାନଙ୍କୁ ପରାମର୍ଶ ଦେବାକୁ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଚାଷୀମାନଙ୍କର ପନିପରିବା ଚାଷ ପ୍ରତି ଆଗ୍ରହକୁ ପ୍ରାଧାନ୍ୟ ଦେଇ ,ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍ୱଳ୍ପକାଳୀନ ଲିଜ୍ ବ୍ୟବସ୍ଥା କରିବା ଏବଂ ଫସଲ ବିବିଧୀକରଣ ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି । ଜିଲ୍ଲାରେ ଲଙ୍କା ଚାଷ ପାଇଁ ଉପଯୋଗୀ ସ୍ଥାନରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଓ ବ୍ଲକ କୃଷି ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ନିୟମିତ ବୈଠକ କରି ସେମାନଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ସହକାରୀ କୃଷି ନିର୍ଦ୍ଦେଶିକା ଅସୀମା ମିଶ୍ର ଗତ ଖରିଫ ଋତୁର ତଥ୍ୟ ଦେବା ସହ ଆସନ୍ତା ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ୨୦୨୬ ଖରିଫ ଋତୁରେ ମୋଟ ୧୩୦୮୯୭ ହେକ୍ଟର ଜମିରେ ଧାନ, ୯୩୦ ହେକ୍ଟର ଜମିରେ ମକା ଓ ୧୬୪୫ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିସହ ୮୨୭୧ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୧୯୦୦ ହେକ୍ଟର ଜମିରେ ତୈଳବୀଜ, ୬୪୦ ହେକ୍ଟର ଜମିରେ ଝୋଟ, ୨୧୮୮୧ ହେକ୍ଟର ଜମିରେ ପନିପରିବା, ୩୦୬୦ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୧୮୧୬ ହେକ୍ଟର ଜମିରେ ଆଖୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ଚାଷୀମାନଙ୍କ ଜୀବିକା ଏବଂ ଆୟ ବୃଦ୍ଧି କରିବା ଆମ ସମସ୍ତଙ୍କ ଦାୟିତ୍ୱ, ଜିଲ୍ଲାରେ କୃଷକ ମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ସହାୟତା ପ୍ରଦାନ କରି କୃଷି, ଉଦ୍ୟାନ କୃଷି, ଜଳ ସେଚନ ଆଦି ପ୍ରତ୍ୟେକ ବିଭାଗ ନିଜ ଭିତରେ ସମନ୍ୱୟ ରକ୍ଷାକରି ଉତ୍ପାଦନ ବୃଦ୍ଧି ଦିଗରେ କାର୍ଯ୍ୟ କଲେ ଆମେ ନିଶ୍ଚିନ୍ତ ଭାବେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ସଫଳତା ହାସଲ କରିପାରିବା ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିବନ୍ଧକ, ଜଳସେଚନ ଯନ୍ତ୍ରୀ, ଉଠା ଜଳସେଚନ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜଧାନୀ ଭିଡ଼ - ଗାଡ଼ି ରହିବ କେଉଁଠି ?

ଭୁବନେଶ୍ୱର, (ତଥ୍ୟ): ରାଜଧାନୀର ରାସ୍ତାଘାଟରେ ଏବେ ସଞ୍ଜ ନଇଁଲେ ଭିଡ ଜମୁଛି। ସହରର ରାସ୍ତାକୁ ଯେତେ ଚଉଡା କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଯେଉଁଠାରେ ରାସ୍ତା ସମ୍ପ୍ରସାରଣ ହେଉଛି ସେଠାରେ ଲୋକେ ଗାଡିମୋଟର ରଖି ଦେଉଛନ୍ତି। ଏହାକୁ ପୁଲିସ୍ ଉଠାଇଲା ବେଳକୁ ଲୋକଙ୍କର ସେହି ଗୋଟିଏ ପ୍ରଶ୍ନ, ଗାଡି ରହିବ କେଉଁଠି ? ସହରରେ ଏବେ ଯାନ ବାହାନ ସଂଖ୍ୟା ଦିନକୁ ଦିନ ହୁ ହୁ ହୋଇ ବଢିବାରେ ଲାଗିଛି । ଅବସ୍ଥା ଏଭଳି ହେଲାଣି ଯେ ଜନସଂଖ୍ୟା ତୁଳନାରେ ଗାଡିମୋଟର ସଂଖ୍ୟା ଦୁଇଗୁଣ ହୋଇଗଲାଣି। ଏହାଛଡା ରାଜ୍ୟ ରାଜଧାନୀ ହୋଇଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଗାଡିମୋଟର ସହର ଭିତରକୁ ପ୍ରବେଶ କରିବାରେ ଲାଗିଛି । ତେବେ ସହର ଭିତରେ ଏତେ ସଂଖ୍ୟାରେ ଗାଡିମୋଟର ରହିବ କେଉଁଠି ? ସ୍ମାର୍ଟସିଟି କର୍ତ୍ତୃପକ୍ଷ ମାତ୍ର ଦୁଇଟି ବହୁତଳୀୟ ପାର୍କିଂସ୍ଥଳ ନିର୍ମାଣ କରିଥିବାବେଳେ ସେଠାରେ ଲୋକେ ଗାଡିମୋଟର ରଖିବାକୁ ନାରାଜ। ଗୋଟିଏ ପାର୍କିଂସ୍ଥଳ ବ୍ୟବସାୟିକ କେନ୍ଦ୍ରଠାରୁ ଦୂରେ ହୋଇଥିବାବେଳେ ଆଉ ଗୋଟିକରେ ଅଧିକ ଦର ଦେଇ ଲୋକେ ଗାଡିମୋଟର ରଖିବାକୁ ନାରାଜ। ଫଳରେ ରାସ୍ତାଘାଟ, ଗଳି କନ୍ଦି ଯିଏ ଯେଉଁଠି ପାରୁଛି ଗାଡିମୋଟର ରଖିଦେଇ ନିଜ ନିଜ କାମରେ ଯାଉଛି। ରାସ୍ତାଉପରେ ଗାଡି ଟିଏ ରହିଲେ ତାହାକୁ କମିଶନରେଟ ପୁଲିସ୍ ତୁରନ୍ତ ଉଠାଇ ନେଉଛି। ୧୨ଶହ ଟଙ୍କା ତଣ୍ଡ ଗଣିଲେ ଚାରିଚକିଆ ଯାନଟି ମୁକୁଳୁଛି । ହେଲେ ଏହି ଅର୍ଥରୁ ୭୦୦ ଟଙ୍କା ଗାଡି ଟାଣିବାକୁ ନିଯୁକ୍ତ ହୋଇଥିବା ଘରୋଇ ସଂସ୍ଥା ପକେଟକୁ ଯାଉଛି । ତେବେ ତଣ୍ଡ ଗଣୁଥିବା ଲୋକେ ପ୍ରଶ୍ନ କରୁଛନ୍ତି ଆମେମାନେ ଗାଡିମୋଟର ରଖିବକୁ କେଉଁଠି ? ସହରରେ ସେଭଳି କୌଣସି ପାର୍କିଂସ୍ଥଳ ଚିହ୍ନଟ ହୋଇନାହିଁ। ଯେଉଁଠାରେ ବି ଦେୟଯୁକ୍ତ ପାର୍କିଂ ସ୍ଥଳ ରହିଛି ସେଠାରେ ଅଳ୍ପ ସମୟ ମଧ୍ୟରେ ଗାଡିମୋଟର ଭର୍ତ୍ତିହୋଇ ଯାଉଛି। ସହରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହେଉଛି ଜନପଥ। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି । ବିଶେଷକରି ବାଣୀବିହାର ଠାରୁ ଶିଶୁଭବନ ପର୍ଯ୍ୟନ୍ତ ଗୋଟିଏ ପାଶ୍ୱର୍ରେ ଏକାଧିକ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବାବେଳେ ଗାଡିମୋଟର ରଖିବାକୁ ସ୍ଥାନ ନାହିଁ। ରାସ୍ତା କଡରେ ଯେତିକି ସ୍ଥାନ ରହିଛି ବ୍ୟବସାୟିକ ପ୍ରତିଷ୍ଠାନର କର୍ମଚାରୀମାନେ ସେଠାରେ ଗାଡି ରଖି ପଳାଉଛନ୍ତି। ଗ୍ରାହକଟିଏ ସାମଗ୍ରୀ କିଣିବାକୁ କେଉଁଠାରେ ଗାଡିମୋଟର ରଖିକରି ଯିବ ତାହା ଜାଣିପାରୁନାହିଁ। ବିଏମସି କର୍ତ୍ତୃପକ୍ଷ ପାର୍କିଂସ୍ଥଳ ପାଇଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ କହିବା ବଦଳରେ ଏବେ ସାଧାରଣ ଲୋକଙ୍କ ଉପରେ ଦାଉ ସାଧିବାରେ ଲାଗିଛନ୍ତି। ରାସ୍ତାକଡରୁ ଗାର ଟାଣି ପାର୍କିଂ ଫି ଆଦାୟ କରୁଥିବାବେଳେ ପୁଲିସ୍ ଲଗାଇ ଗାଡି ବି ଉଠାଇ ନେଉଛନ୍ତି। ସହରରେ ପାର୍କିଂ ସୁବିଧା କରିବାର କାମ ହେଉଛି ମହାନଗର ନିଗମର। ହେଲେ ପାର୍କିଂ ସୁବିଧା କରିବା ବଦଳରେ ସହରବାସୀଙ୍କ ଅସୁବିଧାରୁ ଭରପୂର ଫାଇଦା ଉଠାଇବାରେ ଲାଗିଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହରରେ ଏବେ ପ୍ରମୁଖ ଛକ ଓ ବଜାର ଅଞ୍ଚଳରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢି ଚାଲିଥିବାବେଳେ ପାର୍କିଂ ସ୍ଥଳ କିନ୍ତୁ କମିବାରେ ଲାଗିଛି।






ରାଷ୍ଟ୍ରପତି ଭବନରେ ଆୟୋଜିତ ରଜ ପର୍ବରେ ରାଷ୍ଟ୍ରପତିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଯୁବକ ଓ ଛାତ୍ରଛାତ୍ରୀ

## ମହାକାଳପଡ଼ା ବିଡିଓ, ଆଇଆଇସିଙ୍କ ବରଖାସ୍ତ ଓ ଗିରଫ ଦାବି

ଭୁବନେଶ୍ୱର, (ସବ୍ୟୁ) : ମହାକାଳପଡ଼ା ବ୍ଲକର ବିଡିଓ ଓ ଆଇଆଇସିଙ୍କୁ ତୁରନ୍ତ ବରଖାସ୍ତ କରି ଗିରଫ କରିବା ଦାବିରେ ଚିଠି ଅଭିଯାନ ଆରମ୍ଭ ହୋଇଛି। ଟିଖିରି ସରପଞ୍ଚ ଶ୍ରୀମତୀ ଚାମେଲୀ ଓଝାଙ୍କ ଦ୍ୱାରା ଦାଖଲ ହୋଇଥିବା ଏଫଆଇଆରରେ ବିଡିଓ ଓ ଆଇଆଇସିଙ୍କୁ ପ୍ରମୁଖ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଥିବାରୁ ଶତାଧିକ ଯୁବକ, ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନ ଏବଂ ରାଜନୈତିକ ଦଳର କର୍ମୀମାନେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ସେମାନେ ରାଷ୍ଟ୍ରପତି ମହୋଦୟା ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ଜଣେ ସରପଞ୍ଚ ମଧ୍ୟ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି, ଯେପରି ଜଣେ ବିଧାୟକ କିମ୍ବା ସାଂସଦ ପରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହୋଇଥାନ୍ତି । ସରପଞ୍ଚ ମଧ୍ୟ ନିଜ ଭୋଟରଙ୍କ ପ୍ରତି ସମାନ ଭାବରେ ଦାୟୀ। ବିଡିଓ କାର୍ଯ୍ୟାଳୟ ପରିସରରେ ଚାମେଲୀ ଓଝାଙ୍କ ଉପରେ ଆକ୍ରମଣ ଘଟଣାରେ ବିଡିଓ, ଆଇଆଇସି ଓ ସେମାନଙ୍କ ଦ୍ୱାରା ନିଯୁକ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିବା ସତ୍ତ୍ୱେ ଜିଲ୍ଲା ଏସପି କଟାରିଆ ନିରବ ରହିଛନ୍ତି। ନିଜ ଅଧସ୍ତନ ଅଧିକାରୀ ଓ ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଏପରି ମନୋଭାବ ବୋଲି ଚିଠିରେ ଅଭିଯୋଗ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ଓଡ଼ିଆ ଚିଠିଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏକ୍ସ (ଟ୍ୱିଟର) ଏବଂ ଇ-ମେଲ ଓ ଡାକ ମାଧ୍ୟମରେ ପଠାଯାଉଛି। ବଲାଙ୍ଗୀର ଆଗଲପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ଦାଶ, ସମ୍ବଲପୁରର ଯୁବନେତା ସୁରଞ୍ଜନ ପ୍ରଧାନ, ଗୌରବ ଭୋଇ, ସୁନୀଲ ସାହୁ ପ୍ରିୟା ମୁଣ୍ଡା ପ୍ରମୁଖ ଶତାଧିକ , ଅନୁଗୁଳ ଛେଣ୍ଡିପଦା ଅଜୟ ବେହେରା, ପ୍ରିୟବ୍ରତ ନାୟକ, ଏବଂ ଛନ୍ଦୁଆ, ବସନ୍ତପୁର, ମଚକୁଟା, ବାଗେଡ଼ିଆ, ପତ୍ରପଡ଼ା, କଡ଼ୋଳେଇ, ଟୁକୁଡ଼ା, ଦୁର୍ଗାପୁର, କୋଶଳା, ତେନ୍ତୁଳେଇ ଓ ଜାରପଡ଼ା ଗ୍ରାମପଞ୍ଚାୟତର ଶତାଧିକ ଏହି ଚିଠିରେ ସ୍ୱାକ୍ଷର କରିଛନ୍ତି। ପୁରୀରୁ ଅଭିନାଶ ମିଶ୍ର ଓ ତାଙ୍କ ଟିମ୍, ମାଲକାନଗିରିର ଦୁର୍ଯ୍ୟୋଧନ ପଡ଼ିଆମୀ, ବରଗଡ ଝାରବନ୍ଧ ର ଏରା ପୁଟା ଏବଂ ବିଭିନ୍ନ ଅଞ୍ଚଳର ଶତାଧିକ ଯୁବକ ଓ ସାମାଜିକ କର୍ମୀ ଏହି ଅଭିଯାନରେ ସାମିଲ ହୋଇ ଚିଠିରେ ସ୍ୱାକ୍ଷର କରିଛନ୍ତି। ଏହା ଅୟମାରମ୍ଭ ଆଗକୁ ଜୋରଦାର ହେବ ବୋଲି ସୁରଞ୍ଜନ , ଅବିନାଶ ଓ ଆକାଶ ପ୍ରକାଶ କରିଛନ୍ତି।

## ସରପଞ୍ଚ ଚାମେଲି ଓଝା ପ୍ରସଙ୍ଗ

# ନ୍ୟାୟ ପ୍ରଦାନ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ଓ ଥାନାରେ ଆକ୍ରମଣ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ଦର୍ଶାଯାଇଛି। ଏହି ଜନସ୍ୱାର୍ଥ ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଏସପି ଓ ଆଇଆଇସି, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହା ପୂର୍ବରୁ ସରପଞ୍ଚ ଚାମେଲି ଓଝା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ତ୍ୱରିତ ହସ୍ତକ୍ଷେପ ଓ ନ୍ୟାୟ ଦାବି କରିଛନ୍ତି। ପୂର୍ବରୁ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଚାମେଲିଙ୍କୁ ଗତକାଲି ସ୍ଥାନୀୟ ଏସଡିଜେଏମ୍ କୋର୍ଟରୁ ଜାମିନ ମିଳିସାରିଛି।

# ଶ୍ରୀମନ୍ଦିରରେ ପୁଣି ଡାଲଡା ଘିଅ ଜବତ

ପୁରୀ, (ସବ୍ୟୁ) : ଶ୍ରୀମନ୍ଦିରରେ ପୁଣି ଡାଲଡା ଘିଅ ଜବତ ହୋଇଛି। ଶୁଦ୍ଧ ଗୁଆ ଘିଅ ବଦଳରେ ଡ଼ାଲଡା ଘିଅ ବ୍ୟବହାର କରୁଥିବାରୁ ଏହା ଜବତ୍ ହୋଇଛି । ୩୦ ପ୍ୟାକେଟ୍ ଡ଼ାଲଡ଼ା ଘିଅ ଜବତ ହୋଇଛି । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହ ଦ୍ୱାର ଥାନାରେ ଏତଲା ଦିଆଯାଇଥିବା ସୂଚନା ମିଳିଛି ।ଶ୍ରୀମନ୍ଦିରରେ କେବଳ ଶୁଦ୍ଧ ଓମ୍‌ଫେଡ ଘିଅ ବ୍ୟବହାର ନେଇ ପୂର୍ବରୁ ହୋଇଛି ନିଷ୍ପତ୍ତି ହୋଇଥିଲା । ତେବେ ଶୁଦ୍ଧ ଓମଫେଡ ଘିଅ ପରିବର୍ତ୍ତେ ଡ଼ାଲଡା ଘିଅ କିଏ ଓ କାହିଁକି ବିକ୍ରୀ କରୁଥିଲ ତାର ତଦନ୍ତ କରାଯିବ। ତଦନ୍ତ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି।

## ନୀତି ପ୍ରଶାସକ ଓ ଉନ୍ନୟନ ପ୍ରଶାସକଙ୍କ ସହ

# ଆଲୋଚନା ପରେ ପୁଣି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ପୁରୀ, (ସବ୍ୟୁ) : ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଉନ୍ନୟନ ପ୍ରଶାସକଙ୍କ ସହ ଆଲୋଚନା ପରେ ପୁଣି ଆରମ୍ଭ ଆରମ୍ଭ ହୋଇଛି ରଥ ନିର୍ମାଣ କାର୍ଯ୍ୟ। ପ୍ରଶାସନିକ ପ୍ରତିଶ୍ରୁତି ପରେ ରଥ ମହାରଣା ମାନଙ୍କ ଖେଇକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଟଳିଛି ।୫୮ ଦିନରେ ଆଜି ପ୍ରାୟ ତିନି ଘଣ୍ଟା ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରହି ଥିଲା । ପରେ ପୁଣି ଥରେ ଚଳଚଞ୍ଚଳ ହୋଇଛି ରଥଖଳା। ମହାରଣା ମାନଙ୍କର ଦୁଇ ଦାବିକୁ ମାନିବାକୁ ପ୍ରତିଶ୍ରୁତି ପ୍ରଦାନ ପରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଆସନ୍ତା କାଲି (ଗୁରୁବାର) ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା ହୋଇ ନିଷ୍ପତ୍ତି ପରେ ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିବ କହିଛନ୍ତି ବିଶ୍ୱକର୍ମା ମହାରଣା । ଦାବି ନ ମାନିଲେ ଆଗକୁ ମଧ୍ୟ କାର୍ଯ୍ୟ ବନ୍ଦ୍ କରିବାକୁ ଚେତାବନୀ ଦେଇଛନ୍ତି ତିନି ରଥର ମୁଖ୍ୟ ମହାରଣା । ତେବେ ତିନି ରଥର ମୁଖ୍ୟ ମହାରଣା ଙ୍କୁ ଗତ ୧୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ଦେଇଥିବା ନୋଟିସକୁ ନେଇ ହୋଇଥିଲା ବିବାଦ। ନୋଟିସ ଅନୁଯାୟୀ ୪ ଫୁଟ ଲମ୍ବ ଓ ୩ ଫୁଟ ଗୋଲେଇରୁ ଊର୍ଦ୍ଧ୍ୱ ଗୋଟା ଓ ସାଇଜ କାଠ ମୁଖ୍ୟ ମହାରଣା ମାନେ ପ୍ରଶାସନରୁ ଧାର୍ଯ୍ୟ ମୂଲ୍ୟ ବିନିମୟରେ ହସ୍ତାନ୍ତର କରିବେ ବୋଲି ଉଲ୍ଲେଖ ହୋଇଥିଲା। ୪ ଫୁଟ ରୁ କମ୍ କାଠକୁ ଇଚ୍ଛା କଲେ ମହାରଣା ମାନେ ପ୍ରାପ୍ୟ ହିସାବରେ ଗ୍ରହଣ କରିବେ କିମ୍ବା ମୂଲ୍ୟ ବିନିମୟରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିପାରିବେ ବୋଲି ଉଲ୍ଲେଖ ରହିଥିଲା। ଉପରୋକ୍ତ ମାପର କାଠ ନେବା ପୂର୍ବରୁ ତତ୍ତ୍ୱାବଧାରକ ଓ ଅମିନଙ୍କ ଅନୁମତି ନେବାକୁ ନୋଟିସ୍ ରେ ଉଲ୍ଲେଖ ରହିଥିଲା। ତେବେ ଯେ କୌଣସି ମାପର ଚିରଟ କାଠ, ଖେଇ ବା ପ୍ରାପ୍ୟ ହିସାବରେ ନେବାକୁ ଜିଦ୍ ଧରିଥିଲେ ତିନିରଥର ମୁଖ୍ୟ ମହାରଣା ସେବକ। ତେବେ ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ ନିଆଯିବ ନିଷ୍ପତ୍ତି ।୪ ଫୁଟ ଲମ୍ବ ଓ ୩ ଫୁଟ ଗୋଲେଇ କାଠକୁ ନେବ ଶ୍ରୀମନ୍ଦିର ପ୍ରଶାସନ । ବଦଳରେ ମହାରଣା ମାନେ ତାହାର ମୂଲ୍ୟ ନେଇପାରିବେ । ସତ୍ୱଲିପି ଉଲଙ୍ଘନ ନେଇ ରଥଖଳାରୁ ଅଭିଯୋଗ ଆସିବା ପରେ ଏଭଳି ନୋଟିସ ଯାଇ କରାଯାଇଥିଲା ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆସିବା ପରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ରଥ ବିଶ୍ୱକର୍ମାଙ୍କ ଅଭିଯୋଗ ଅନୁଯାୟୀ ରଥ ନିର୍ମାଣ ତତ୍ତ୍ୱାବଧାରକଙ୍କ ବିରୋଧରେ ଅଭିଯୋଗ ଆସିଛି । ସେ ତାଙ୍କ କାର୍ଯ୍ୟ ଠିକ୍ ଭାବରେ କରୁନଥିବା ଅଭିଯୋଗ ହୋଇଛି ।ତାକୁ ତାଙ୍କ କାର୍ଯ୍ୟରୁ ହଟାଇବା ପାଇଁ ମହାରଣା ମାନେ ଦାବି କରିଛନ୍ତି ।ଏହା ଉପରେ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି ।ଆଲୋଚନା ପରେ ପୁଣି ଥରେ ରଥ ନିର୍ମାଣ କାର୍ଯ୍ୟ ସ୍ୱାଭାବିକ ହୋଇଛି।

## ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା

### ୨ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କଲା ପୋଲିସ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଂଚାୟତ ଗଡିଜଙ୍ଗ ଠାରେ କାର୍ଯ୍ୟରତ ୨ ଯୁବ ସାମ୍ବାଦିକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ନେମାଳ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଗୋଟିଏ ବାଇକ ଜବତ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ୩-୪ଜଣ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ।

# ମ୍ୟାକ୍ସ ଲାଇଫ ପକ୍ଷରୁ ସର୍ବାଧିକ ଦାବି ଦେୟ ଅନୁପାତ ହାସଲ

ଭୁବନେଶ୍ୱର: ୨୦୨୫-୨୬ ଆର୍ଥିକ ବର୍ଷରେ ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ ଲିମିଟେଡ (ପୂର୍ବରୁ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ଭାବେ ପରିଚିତ) ୧୬୪୧ କୋଟି ଟଙ୍କା ମୂଲ୍ୟର ମୋଟ ୨୦୫୨୯ଟି ବ୍ୟକ୍ତିଗତ ମୃତ୍ୟୁ ଦାବିର ସମାଧାନ କରିପାରିଛି । ଏଥିସହିତ ୯୯.୮୦%ର ଏହାର ସର୍ବାଧିକ ସ୍ୱାଧୀନ ମୃତ୍ୟୁ ଦାବି ଦେୟ ଅନୁପାତ (ଡେଥ୍ କ୍ଲେମ ପେଡ୍ ରେସିଓ) ହାସଲ କରିଛି । ଏହା ୨୦୨୧-୨୨ରେ ୯୯.୩୪%ରୁ ୯୯.୮୦%କୁ ଏକ ନିରନ୍ତର ବୃଦ୍ଧିକୁ ସୂଚିତ କରୁଛି, ଯାହା ବିଶ୍ୱାସ-ଇଣ୍ଡିଆ କେ ଭରୋସେ କା ନମ୍ବର ପାଇଁ କମ୍ପାନୀର ନୂତନ ମାନଦଣ୍ଡ ଭାବେ ସୁଦୃଢ଼ ହୋଇଛି ।ଏହି ସଫଳତା ସମ୍ପର୍କରେ ଆକ୍ସିସ ମ୍ୟାକ୍ସ ଲାଇଫର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁମିତ ମଦନ କହିଛନ୍ତି, ଆକ୍ସିସ ମ୍ୟାକ୍ସ ଲାଇଫରେ ଆମେ ଦାବିଗୁଡ଼ିକର ଶୀଘ୍ର ସମାଧାନ ପାଇଁ ପ୍ରେଡିକଫିଭ ଆନାଲିଟିକ୍ସ ଓ ଡିଜିଟାଲ ଫରେନ୍ସିକଗୁଡ଼ିକୁ ପେୟାର କରୁଛୁ । ଏହି ମାନଦଣ୍ଡ କେବଳ ନମ୍ବରଠାରୁ ବହୁ ଆଗକୁ ବଢ଼ିଛି, ଏହା ଆମର ଗ୍ରାହକମାନେ ଆମ ଉପରେ ଦେଖାଇଥିବା ବିଶ୍ୱାସର ଏକ ଶକ୍ତିଶାଳୀ ପ୍ରମାଣ ଏବଂ ଏକ ସ୍ମରଣକାରୀ ଯେ ପ୍ରତ୍ୟେକ ଦାବି ପଛରେ ଏଭଳି ଏକ ପରିବାର ରହିଛି, ଯାହାକୁ ସୁରକ୍ଷିତ ରଖି ଆମେ ଗର୍ବିତ ।

# ସୁନ୍ଦରଗ୍ରାମ ରଜ ମହୋତ୍ସବ ଉଦ୍‌ଯାପିତ

କଣ୍ଟାପଡା, (ସବୁ) କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଛି । ଏହିଉପଲକ୍ଷେ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ଆଖପାଖ ଅଂଚଳର ଶତାଧିକ ମହିଳାମାନେ ଅଂଶଗ୍ରହଣ କରିଥିଲେ । ସଂଧାରେ ସାମାଜିକ ନାଟକ "ଆଖି ଦେଖା କଥା' ପରିବେଷଣ ହୋଇଥିଲା ଓ ଏଥିରେ ଗ୍ରାମର ଛୋଟବଡ଼ କଳାକାରମାନେ ଅଭିନୟ କରିଥିଲେ । ଉଦଯାପନ ସଂଧାରେ ବିଭିନ୍ନ ବର୍ଗର ବକ୍ତିଙ୍କୁ ସମ୍ମାନିତ ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମାନବେନ୍ଦ୍ର ମିଶ୍ର, ରବିନାରାୟଣ ଦାଶ, ରାମପ୍ରସାଦ ମହାନ୍ତି, ଅଶୋକକୁମାର ପାତ୍ର, ସୀତାକାନ୍ତ ଦାଶ ଓ ସୁନ୍ଦରଗ୍ରାମ ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଖଣି ଲିଜ୍ ସମୟସୀମା ବଢ଼ାଇବା ଆଇନ ସମ୍ମତ ନୁହେଁ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କଲେ ନରସିଂହ

ବଲାଙ୍ଗିର,(ସବ୍ୟୁ): ରାଜ୍ୟ ସରକାର ଯେଉଁ ଖଣି କମ୍ପାନୀକୁ ଯେତେ ବର୍ଷ ପାଇଁ ଲିଜ ଦେଇଛନ୍ତି ସେହି ସମୟସୀମା ପୁରଣ ହୋଇଗଲେ ରାଜ୍ୟ ସରକାର ପୁଣି ସେହି ଖଣି ପାଇଁ ନିଲାମ ଡାକିବା କଥା । କିନ୍ତୁ ନିକଟରେ ଘଟିଯାଇଥିବା ଏକ କେସ ନମ୍ବରରୁ ଜଣାପଡୁଛି ଯେ ଡବ୍ଲୁପି (ସି) ୧୭.୦୬.୭୬ / ୨୦୨୪ ସାରଦା ମାଇନ୍ସ ଲିଃ ଏବଂ ଅନ୍ୟ ବନାମ ଓଡିଶା ରାଜ୍ୟ ସରକାର ଏବଂ ଅନ୍ୟ କେସରୁ ଜଣାପଡୁଛି ଯେ ହାଇକୋର୍ଟ ଖଣି ମାଲିକଙ୍କୁ ଲିଜ୍ ସମୟସୀମା ସମାପ୍ତ ହୋଇସାରିଥିବା ବେଳେ ମଧ୍ୟ ଆଉ ୫ ବର୍ଷ ୧୦ ମାସ ଖଣି ଖନନ ପାଇଁ ଅତିରିକ୍ତ ସମୟ ପ୍ରଦାନ କରିଛନ୍ତି । ଏହା ସମ୍ପୁର୍ଣ୍ଣ ଭାବେ ଆଇନ ସମ୍ମତ ନୁହେଁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ପ୍ରେସ ବିବୃତ୍ତି ମାଧ୍ୟମରେ ଶ୍ରୀ ମିଶ୍ର ଜଣାଇଛନ୍ତି ଯେ ହାଇକୋର୍ଟଙ୍କ ରାୟ ଏହି ଘଟଣାରେ ଠିକ୍ ନୁହେଁ । ଲିଜ୍ ମାମଲାରେ ଆଇନ କହୁଛି ଥରେ ଖଣି ଲିଜ ସମୟସୀମା ସମାପ୍ତ ହେଲେ ସେହି ଖଣି ପୁଣି ନିଲାମ ଡକା ଯିବା ଦରକାର । କିନ୍ତୁ ଏହି ଘଟଣାରେ ଖଣି ମାଲିକଙ୍କୁ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଅତିରିକ୍ତ ସମୟ ପ୍ରଦାନ କରାଯାଇଛି ଯାହାକି କଦାପି ଆଇନ ସମ୍ମତ ନୁହେଁ । ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ପୂର୍ବତନ ଆଇନମନ୍ତ୍ରୀ



ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି ଯେ ହାଇକୋର୍ଟଙ୍କ ଏହି ରାୟ ବିରୁଦ୍ଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଦରକାର । ତେଣୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଏଡଭୋକେଟ ଜେନେରାଲଙ୍କୁ ହାଇକୋର୍ଟର ରାୟକୁ ବାତିଲ/ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଗୃହ ବିଭାଗର ନିର୍ଦ୍ଦେଶ

# ଦୁଇ ମାସ ମଧ୍ୟରେ ସାର ଆୟୁର୍ବେଦିକ ଚିକିତ୍ସକ ସଂଘ ନିର୍ବାଚନ

ଭୁବନେଶ୍ୱର (ସବ୍ୟୁ) : ଆୟୁର୍ବେଦିକ୍ ଚିକିତ୍ସକ ସଂଘର ନିର୍ବାଚନ ପ୍ରକ୍ରିୟା ଦୁଇମାସ ମଧ୍ୟରେ ଶେଷ କରିବାକୁ ଗୃହ ବିଭାଗ ପକ୍ଷରୁ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୪ରୁ ସଂଘର କାର୍ଯ୍ୟକାଳ ସରିଥିଲେ ହେଁ ଏ ପର୍ଯ୍ୟନ୍ତ ନିର୍ବାଚନ କରାଯାଉନାହିଁ। ଏନେଇ ଆୟୁର୍ବେଦିକ୍ ଚିକିତ୍ସକମାନେ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଗୃହ ବିଭାଗ ପକ୍ଷରୁ ସଂଘର କର୍ମକର୍ତ୍ତାଙ୍କୁ ଏ ସମ୍ପର୍କରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେମାନେ କୌଣସି ଉତ୍ତର ଦେଇନଥିଲେ। ଫଳରେ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି, ଓଡ଼ିଶା ସରକାରୀ ଆୟୁର୍ବେଦିକ୍ ଚିକିତ୍ସକ ସଂଘର ସାଧାରଣ ସମ୍ପାଦକଙ୍କୁ ଚିଠି ଲେଖି ତାଗିଦ୍ କରିଛନ୍ତି। ଦୁଇ ମାସ ମଧ୍ୟରେ ନିର୍ବାଚନ ନ ସରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରାଯାଇଛି।

# ସମାଧାନ ସମାରୋହ ସଚେତନତା ଶିବିର

କଟକ, (ସବ୍ୟୁ ) : ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମିଳିତ ସହଯୋଗରେ "ସମାଧାନ ସମାରୋହ ସଚେତନତା ଶିବିର ଓଡିଶା ନ୍ୟାୟିକ ଏକଡେମୀଠାରେ ଆୟୋଜିତ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ବିଚାରଧୀନ ବିବାଦଗୁଡିକର କିଭଳି ସହଜ ସମାଧାନ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇ ସମାଧାନର ସୂତ୍ର ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ହରିଶ ଟଣ୍ଡନ, ଓଡିଶା ହାଇକୋର୍ଟର ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ, ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଓଡିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣ ରାମ ମହାପାତ୍ର ଓ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିବୃନ୍ଦ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ବିଚାରାଧୀନ ବିବାଦ ଯେପରିକି ବୈବାହିକ ବିବାଦ, ଦୁର୍ଘଟଣା ଦାବି ମାମଲା, ଚେକ୍ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ବିବାଦ, ଫୌଜଦାରୀ ରଫାଯୋଗ୍ୟ ମାମଲା, ଶ୍ରମ ଆଇନ ବିବାଦ ଗୁଡିକର ପାରସ୍ପରିକ ସହମତି ମାଧ୍ୟମରେ ସମାଧାନ ପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ରେଜିଷ୍ଟ୍ରି, ଓଡ଼ିଶା ନ୍ୟାୟିକ ଏକାଡେମୀ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, ନ୍ୟାୟ ବିଭାଗ, ଓଡିଶା, ଜିଲା ଅଇନସେବା ପ୍ରାଧିକରଣର ବିଚାର ବିଭାଗୀୟ ଅଧିକାରୀ ଓ ରାଜ୍ୟ ପ୍ରଶାସନିକ ଅଧିକାରୀବୃନ୍ଦ ଅଂଶଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମେତ ମଧୁସୂଦନ ଆଇନ ମହାବିଦ୍ୟାଳୟ, କଟକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ, ବକ୍ସି ଜଗବନ୍ଧୁ ଆଇନ ମହାବିଦ୍ୟାଳୟର ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରି ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, ଓଡ଼ିଶା ନ୍ୟାୟିକ ଏକାଡେମୀ ନିର୍ଦ୍ଦେଶକ, ସଦସ୍ୟ ସଚିବ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ଓ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପ ସଚିବ, ସହ ସଚିବ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶିଶୁ ପୁତ୍ରକୁ ମିଠାରେ ବିଷ : ଆଖି ବୁଜିଲେ ଦିବ୍ୟରଞ୍ଜନ

ସାଲେପୁର, (ସବ୍ୟୁ) : ଜୀବନ ଯୁଦ୍ଧରେ ହାରିଗଲେ ପାଞ୍ଚ ବର୍ଷର ଶିଶୁ ଦିବ୍ୟରଞ୍ଜନ । ପ୍ରାୟ ୨୧ ଦିନର ଜୀବନ ସହ ସଂଗ୍ରାମ କରି ଶେଷରେ ଆଖିବୁଜିଛନ୍ତି କଟକ ଶିଶୁ ଭବନରେ । ସମ୍ପତି ପାଇବା ପାଇଁ ଲୋକମାନେ ଏତେ ତଳକୁ ଖସିଯାଇ ଛୋଟ ଶିଶୁ ପୁତ୍ରକୁ ବିଷ ଦେଇ ମାରିବା ଭଳି ଅଭିଯୋଗ ହୋଇଥିଲା ସାଲେପୁର ଥାନାରେ ।ଅଭିଯୋଗ ମୁତାବକ ସମ୍ପତ୍ତି ଲୋଭରେ ଦିବ୍ୟ ରଞ୍ଜନଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ କରିଥିଲେ ପଡ଼ିଶା ଘରର ଲୋକେ । କଟକ ଜିଲ୍ଲା ସାଲେପୁର ଥାନା ବାହାବଳପୁର ଗ୍ରାମର ଅଜୟ ମଲ୍ଲିକଙ୍କ ୫ ବର୍ଷ ୬ ମାସର ପୁଅ ଦିବ୍ୟ ରଞ୍ଜନ ମଲ୍ଲିକ । ଘଟଣାରୁ ପ୍ରକାଶ ମେ ମାସ ୨୨ ତାରିଖ ଦିନ ଦିବ୍ୟ ରଞ୍ଜନଙ୍କୁ ପଡ଼ିଶା ଘରର ଲୋକେ ମିଠା ଖୁଆଇଥିଲେ । ଏହା ପରେ ସେ ଆସି ଘରେ ନୀଳ ବାନ୍ତି ଓ ଝାଡ଼ା କରିଥିଲା । ସେହିଦିନ ପରିବାର ଲୋକେ ସାଲେପୁର ମେଡ଼ିକାଲରେ ଚିକିତ୍ସା କରାଇଥିଲେ । ହେଲେ ୨୩ ତାରିଖ ଦିନ ପୁନର୍ବାର ଦିବ୍ୟ ରଞ୍ଜନଙ୍କ ସ୍ଥିତି ବିଗିଡିବାରୁ ଶିଶୁ ଭବନକୁ ସ୍ଥାନାନ୍ତର କରିଥିଲେ । ଏଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ସହ ଆଇସିୟୁରେ ଚିକିତ୍ସିତ ହେଉଥିଲେ ।ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏହାରି ଭିତରେ ଦିବ୍ୟ ରଞ୍ଜନଙ୍କୁ ବିଷ ଖାଇବାକୁ ଦିଆଯାଇଥିବା ନେଇ ଡାକ୍ତର ଜାଣିବା ପରେ ପରିବାର ଲୋକେ ସାଲେପୁର ଥାନାରେ ଉକ୍ତ ସମ୍ପର୍କୀୟ ପଡ଼ୋଶୀଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ଅନେକ ଥର ସମ୍ପତ୍ତି ପାଇଁ ଅଜୟ ମଲିକଙ୍କ ଉପରେ ଆକ୍ରମଣ କରିଥିବା ବେଳେ ଏବେ ବିଷ ଦେଇଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଦିବ୍ୟ ରଞ୍ଜନଙ୍କ ବାପା ଅଜୟ ମଲ୍ଲିକ ।

# ବ୍ୟାସକବି ଫକିର ମୋହନଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଲ୍ୟାର୍ପଣ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ବ୍ୟାସକବି ଫକିର ମୋହନଙ୍କ ପ୍ରତିମୂର୍ତ୍ତୀରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ୟୁନିଟ - ୬ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଉପସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ଡା ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଉକ୍ତ ବରପୁତ୍ର ତଥା ସମ୍ମିଳନୀର ପ୍ରାକ୍ତନ ସଭାପତି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଉଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ବାସ୍ତବରେ ସେ ଓଡ଼ିଆ ଭାଷା ପାଇଁ ବ୍ୟାସଦେବଙ୍କ ସଦୃଶ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷାର ବୈକାଳରେ ସେ ତାଙ୍କର ଉପନ୍ୟାସ, କବିତା ଏବଂ କ୍ଷୁଦ୍ର ଗଳ୍ପ ଲେଖି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ରୁଦ୍ଧିମନ୍ତ କରିଥିବାରୁ ପରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ଗଠନର ମୂଳଦୁଆ ସମ୍ଭବ ହୋଇପାରିବ




ନେଇ ବକ୍ତା ମାନେ ସଭାରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଭାରତୀୟ ଭାଷା ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଶାନ୍ତ ବର୍ମା ଓଡ଼ିଆ ଭାଷା ସୁରକ୍ଷିତ ରଖିବାକୁ ହେଲେ ଆମ ଭାରତୀୟ ସମ୍ବିଧାନ ୩୪୮ ଅନୁଚ୍ଛେଦର ଭାବାତ୍ମକ ବିଚାର ଅନୁଯାୟୀ ଦେଶର ଅନ୍ୟ ଚାରିଗୋଟି ରାଜ୍ୟ ପରି ଉଚ୍ଚ ନ୍ୟାୟାଳୟର ଭାଷା ଓଡ଼ିଆ ହେବା ଦରକାର ବୋଲି ମତ ରଖିଲେ। ସେହିପରି ଶ୍ରୀମତୀ ଅପର୍ଣ୍ଣା ନାୟକ, ଓଡ଼ିଆ ଭାଷାକୁ ତୃଣମୂଳ ସ୍ତରରୁ ଲୋକାଦୃତ କରିବା ଉଦେଶ୍ୟରେ ସ୍ଥାନୀୟ ବାରଙ୍ଗ ଅଂଚଳର ଏକା ଗ୍ରାମକୁ ହାତକୁ ନେଇ ସମ୍ମିଳନୀ ପକ୍ଷରୁ କାର୍ଯ୍ୟ କରାଗଲେ ସେ ସହଯୋଗ ଯୋଗାଇଦେବା କଥା କହିଥିଲେ। ଅନ୍ୟ ବକ୍ତା ମାନେ ଫକୀର ମୋହନଙ୍କୁ ଦେଶ ବିଦେଶରେ କିପରି ତାଙ୍କର ସାହିତ୍ୟ କୃତି ପାଇଁ ପ୍ରଚାରିତ, ପ୍ରସାରିତ କରାଯିବ ସେ ଦିଗରେ ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କ ସାହାଯ୍ୟ ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱୟରେ ସମ୍ମିଳନୀର ଉପସଭାପତି ପ୍ରଫେସର ଡା କାଶୀନାଥ ରଥ ଏବଂ ଅଧିବକ୍ତା ଲକ୍ଷ୍ମୀଧର ଦାସ, ସମ୍ପାଦକ ପ୍ରଦୀପ୍ତ କୁମାର ମହାରଣା, ଶ୍ରୀମତୀ ଜୟନ୍ତୀ ପଡିହାରୀ, ଶ୍ରୀମତୀ ସ୍ୱାଗତିକା ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟ ଙ୍କ ଜିତେନ୍ଦ୍ର କୁମାର ପାଢ଼ୀ, ପଠାଣି ଜେନା, ଶିରୀଶ ପାତ୍ର, ଦିନବନ୍ଧୁ ଷଡ଼ଙ୍ଗୀ, ମନୋଜ ପାଣିଗ୍ରାହୀ, କୁଞ୍ଜମୋହନ ସେଠି, ମନୋରଞ୍ଜନ ପଟନାୟକ, ସଦସ୍ୟ କେଶବ ପାଇଲୋ ଓ ବିକାଶ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ କୋଷାଧକ୍ଷ ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ବିଆଇ ଏଟିଏମ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ କଲେ ଦୁର୍ବୃତ୍ତ

ବେତନଟୀ, (ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବଜାର ଉପକଣ୍ଠରେ ଥିବା ଏସବିଆଇ ଏଟିଏମରୁ ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କା ଲୁଟ କଲେ ଦୁର୍ବୃତ୍ତ । ପ୍ରାପ୍ତ ସୂଚନା ମୁତାବକ ବେତନଟୀ ବଜାର ଉପକଣ୍ଠ ହାଟଛକ ନିକଟରେ ଥିବା ଏସବିଆଇ ଏଟିଏମକୁ ବିଳମ୍ବିତ ରାତ୍ରିରେ ଦୁଇ ଜଣ ଦୁର୍ବୃତ୍ତ ପ୍ରବେଶ କରିଥିଲେ । ଚାରିଆଡ଼େ ଶୂନଶାନ ଥିବାରୁ ବାହାର ପଟୁ ଏଟିଏମର ସଟର ଲଗାଇବା ସହ ଗ୍ୟାସ କଟର ମେସିନ ସାହାଯ୍ୟରେ ଏଟିଏମଟିକୁ କାଟିଥିଲେ । ଏଥିରେ ଥିବା ଟଙ୍କା ଟ୍ରେ ଗୁଡିକୁ ନେଇ ଫେରାର ହୋଇଯାଇଥିଲେ । ବୁଧବାର ସକାଳ ସମୟରେ କିଛି ଲୋକ ପ୍ରାତଃ



ଭ୍ରମଣରେ ଯାଉଥିବା ବେଳେ ଏଟିଏମର ସଟରଟି ଅଧା ଖୋଲା ପଡିଥିବାର ଦେଖିବାକୁ ପାଇଥିଲେ । ସଟର ଟେକିବା ବେଳକୁ ଏଟିଏମ ମେସିନର କଟା ଯାଇଥିବା ବିଭିନ୍ନ ଅଂଶ ପଡିଥିବାର ଦେଖି ବେତନଟୀ ପୁଲିସକୁ ଖବର ଦେଇଥିଲେ । ବେତନଟୀ ପୁଲିସ ଏ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପୂର୍ବକ ଏଟିଏମ ଭିତରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା । ଦୁର୍ବୃତ୍ତ ମାନଙ୍କ ମୁହଁ କପଡ଼ାରେ ବନ୍ଧା ଯାଇଥିବା ଯୋଗୁଁ ସେମାନଙ୍କୁ ଚିହ୍ନିବା କଷ୍ଟକର ଥିଲା । ପରବର୍ତ୍ତୀ ସମୟରେ ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି । ଏ ନେଇ ଥାନାର ଏକ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିଟିଟିଭିର ଫୁଟେଜକୁ ଯାଞ୍ଚ କରି ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ । ଦୀର୍ଘ ଦିନ ପରେ ଏଟିଏମ ଲୁଟେରା ସକ୍ରିୟ ହେବା ଘଟଣା ସାରା ଅଞ୍ଚଳରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି କରିଛି ।

# ଠକେଇ ଅଭିଯୋଗରେ ନକଲି ଡ଼ିଏଫ୍‌ଓ ଗିରଫ

ପାଣିକୋଇଲି, (ସବ୍ୟୁ): ଜେଲରେ ଥିବା ପୁଅକୁ ମୁକୁଳାଇ ଦେବା ଆଶ୍ୱାସନା ଦେଇ ଜଣେ ମହିଳାଙ୍କ ଠାରୁ ଟଙ୍କା ଆଦାୟ କରିଥିବା ଅଭିଯୋଗରେ କୋରେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁଯାୟୀ, କୋରେଇ ଥାନା ଅନ୍ତର୍ଗତ ଚନ୍ଦାମା ଗ୍ରାମର ପ୍ରବତୀ ସାହୁ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଫଜଲପୁର ଗ୍ରାମର ଅବିନାଶ ସାହୁ ତାଙ୍କ ପୁଅକୁ ଜେଲରୁ ମୁକ୍ତ କରାଇଦେବା କହି ପୂର୍ବରୁ ତାଙ୍କ ଠାରୁ ୧ ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଟଙ୍କା ଦେବା ସତ୍ତ୍ୱେ ମଧ୍ୟ ତାଙ୍କ ପୁଅ ଏପର୍ଯ୍ୟନ୍ତ ଜେଲରୁ ଛାଡ଼ ପାଇନାହାନ୍ତି । ଏହା ସତ୍ତ୍ୱେ ଅଭିଯୁକ୍ତ ପୁଣିଥରେ ଅଧିକ ଟଙ୍କା ଦାବି କରୁଥିବା ସହ ଟଙ୍କା ନ ଦେଲେ ଗୁଣ୍ଡା ଲଗାଇ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆଧାରରେ କୋରେଇ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର,୩୧୮ (୪) ୩୧୬/୬ ଓ ୩୫୧(୨) ଧାରାରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତ ଜଣକ ନିଜକୁ ଜଣେ ଡ଼ିଏଫଓ ଭାବେ ପରିଚୟ ଦେଇ ଅନେକ ଲୋକଙ୍କୁ ଠକିଥିବା ପୁଲିସ ଜାଣିବାକୁ ପାଇଛି । ପୁଲିସ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀଙ୍କ ସହିତ ଫୋଟୋ ଉଠାଇବା ସହିତ କିଛିଦିନ ତଳେ ହୋଇଥିବା ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତରେ ମଧ୍ୟ ସାମିଲ ହୋଇଥିଲା । ମାମଲାର ତଦନ୍ତ ଜଣେ ସବ-ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା କୋରେଇ ପୋଲିସ ସୂଚନା ଦେଇଛି ।ଏହି ଘଟଣା ପରେ ଜେଲରୁ ମୁକୁଳାଇଦେବା ନାଁରେ ଟଙ୍କା ଆଦାୟ କରିବା ପଛରେ କେଉଁ ଚକ୍ର କାମ କରୁଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ

# ୩ ମହଲା ଇନ୍‌ସୁରାନ୍ସ ଅଫିସରେ ଲାଗିଲା ନିଆଁ




ବାରିପଦା, (ସବ୍ୟୁ) : ବାରିପଦାରେ ତିନି ମହଲା କୋଠାରେ ନିଆଁ, ଅଳ୍ପକେ ବର୍ତ୍ତିଗଲେ କର୍ମଚାରୀ । ବାରିପଦା ସହରର ରକ୍ସି ସିନେମା ହଲ ନିକଟରେ ଏକ ୩ ମହଲା କୋଠାରେ ହଠାତ୍ ନିଆଁ ଲାଗିଥିଲା । ମାର୍କେଟ ମଧ୍ୟରେ ଥିବା ଦୋକାନ ଗୁଡିକ ବିଭିନ୍ନ ସୋରୁମ ଆଦି ଲାଗି ଲାଗି ରହିଥିବା ବେଳେ ତିନି ମହଲାରେ ଥିବା ଏକ ଘରୋଇ ବୀମା କମ୍ପାନୀ ଅଫିସରେ ଏହି ନିଆଁ ଲାଗିଥିଲା। ତେବେ ଏହା ଏସିର ସର୍ଟସର୍କିଟରୁ ଲାଗିଥିବା ସନ୍ଦେହ କରାଯାଇଥିବାବେଳେ ଖବର ପାଇ ସଙ୍ଗେ ସଙ୍ଗେ ଦୁଇ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଳ୍ପ ସମୟ ମଧ୍ୟରେ ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହୋଇଥିଲା । କାର୍ଯ୍ୟାଳୟର କିଛି କାଗଜପତ୍ର ପୋଡି ନଷ୍ଟ ହୋଇଥିବାବେଳେ ବିଶେଷ କ୍ଷୟକ୍ଷତି ଘଟିନାହିଁ। ଅଗ୍ନିକାଣ୍ଡ ପରେ କୋଠାରେ ଥିବା ଅନ୍ୟ ଲୋକେ ଜୀବନ ବିକଳରେ ତଳକୁ ଧାଇଁ ଆସିଥିଲେ।

# କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ବ୍ୟାପକ ମାଓ ସାମଗ୍ରୀ ଜବତ

ଫୁଲବାଣୀ, (ସବ୍ୟୁ) : ବିଭିନ୍ନ ସୂତ୍ରରୁ ଗୁପ୍ତ ସୂଚନା ମିଳିବା ପରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର କୋଟଗଡ, ବାଲିଗୁଡ଼ା ଓ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ କୁମ୍ବିଂ ଅପରେସନ କରିବା ସମୟରେ ସୁରକ୍ଷା ବାହିନୀକୁ ମାଓ ସାମଗ୍ରୀର ଏକ ଗୁପ୍ତ ଡମ୍ପ ସମ୍ପର୍କରେ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ଜିଲ୍ଲାର ସୀତାଗୁଡ଼, ଗଞ୍ଜୁଗୁଡ଼, କୁଟିବାର୍ହି, ଗୁଡ୍ରିକ୍ୟ ଏବଂ ଲାଞ୍ଜାମ, କୋଟଗଡ଼, ବାଲିଗୁଡ଼ା ଏବଂ ତୁମୁଡିବନ୍ଧ ପୋଲିସ ଷ୍ଟେସନ ଅନ୍ତର୍ଗତ ଅଞ୍ଚଳଗୁଡ଼ିକରେ ୨ ଟି ଏସଓଜି ଦଳ ଏବଂ ଗୋଟିଏ ଡିଭିଏଫ ଦଳ ବ୍ୟବହାର କରି ଏକ ବହୁ-ପକ୍ଷୀୟ ଅପରେସନ୍ ଆରମ୍ଭ କରାଯାଇଥିଲା। ସର୍ଚ୍ଚ ଅପରେସନ୍ ସମୟରେ, ପୋଲିସ ଦଳଗୁଡ଼ିକ କୋଟାଗଡ଼ ଥାନା ଅନ୍ତର୍ଗତ ଡମ୍ପିଂ ସ୍ଥାନଗୁଡ଼ିକୁ ଠାବ କରିଥିଲେ। ଏହା ପରେ, ସମସ୍ତ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି, ବୋମା ନିଷ୍କ୍ରିୟକାରୀ ଦଳ ସମ୍ଭାବ୍ୟ ଆ.ଇ.ଇ. ଡି ଲଗାଣକୁ ରୋକିବା ପାଇଁ ସେହି ଅଞ୍ଚଳର ଏକ ବ୍ୟବସ୍ଥିତ ସନ୍ଧାନ କରିଥିଲେ। ଦଳଗୁଡ଼ିକ ୧୬.୦୬.୨୦୨୬ ରେ ଗୁପ୍ତ ଡମ୍ପରୁ ନିମ୍ନଲିଖିତ ମାଓ ସାମଗ୍ରୀଗୁଡ଼ିକୁ ସଫଳତାର ସହ ଉଦ୍ଧାର କରିଥିଲେ ବୋଲି ଆଜି ପୋଲିସ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। .୩୦୩ ରାଇଫଲ୍ - ୦୧ ଗୋଟି . ୧୨ ବୋର୍ ବନ୍ଧୁକ - ୦୨ ଗୋଟି. ସିଙ୍ଗଲ୍ ସଟ୍ ବନ୍ଧୁକ - ୦୨ ଗୋଟି , କା୦ ବଟ୍ ସହିତ ୮ଏମ୍ଏମ୍ ବନ୍ଧୁକ ଗୋଟିଏ . ୩୦୩ ବନ୍ଧୁକ- ୦୧ ଗୋଟି , ୩୦୩ ଗୋଳାବାରୁଦ - ୧୮ ନମ୍ବର , ୧୨ ବୋର୍ କାର୍ଟ୍ରିଜ୍ - ୧୦ ନମ୍ବର , ୮ଏମ୍ଏମ୍ ଗୋଳାବାରୁଦ - ୩୫ ନମ୍ବର , କୋଡେକ୍ସ - ୧୦ ମିଟର। ଇଲେକ୍ଟ୍ରିକ୍ ଡେଟୋନେଟର - ୦୫ ଗୋଟି. ସିଭିଲ୍ ଡ୍ରେସ୍ - ୦୧ ଯୋଡ଼ା, ଚପଲ - ୦୨ ଯୋଡ଼ା, ଛତା - ୦୨ ଗୋଟି, ଟିଫିନ୍ କ୍ୟାରେଜ୍ - ୦୨ ଟି, ଚାହା- ୦୫ ପ୍ୟାକେଟ୍ , ଟାୱେଲ୍ - ୦୧ ନମ୍ବର . ଟର୍ଚ୍ଚ - ୦୨ ଗୋଟି ଓ ପ୍ଲାଷ୍ଟିକ୍ ଡ୍ରମ୍ - ୦୧ ଗୋଟିଏଛ ଉଦ୍ଧାର ହୋଇଥିବା ଏହି ସବୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ମାଓବାଦୀଙ୍କର ଥିଲା ବୋଲି ସୂଚନା ଦିଆଯାଇଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ ଅନୁଯାୟୀ କନ୍ଧମାଳ ଜିଲ୍ଲା ଗତ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇସାରିଛି। କିନ୍ତୁ ମାଓବାଦୀଙ୍କ କିଛି ପୁରୁଣା ଡମ୍ପ ରହିଛି, ଯାହାକୁ ନିୟମିତ କମ୍ବିଂ ଅପରେସନ୍ ମାଧ୍ୟମରେ ଉଦ୍ଧାର କରାଯାଉଛି । ଡମ୍ପରେ ଲୁଚାଇ ରଖାଯାଇଥିବା ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିବା ସହିତ ନିକଟ ଭବିଷ୍ୟତରେ ଅଞ୍ଚଳରେ ମାଓ କାର୍ଯ୍ୟକଳାପର ପୁନରାବୃତ୍ତିକୁ ରୋକିବା ପାଇଁ ଏସଓଜି, ଡିଭିଫ , ସିଆରପିଏଫ ଏବଂ ବିଏସଏଫ ଦ୍ୱାରା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ନିୟମିତ ଭାବରେ ଏରିଆ ଡୋମିନେସନ୍ ଅପରେସନ୍ କରାଯାଉଅଛି ବୋଲି କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି। ପୋଲିସ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ସମେତ ଅନ୍ୟାନ୍ୟ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ ।




# ଖଜୁରିଆରେ ନାବାଳକଙ୍କୁ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ପୋଖରୀ ହୁଡ଼ାରେ ପରିସ୍ରା ପାଇଁ ବାରଣ କରିବାରୁ ନୂଆ ଖଜୁରିଆର ୧୭ ବର୍ଷୀୟ ନାବାଳକ ସନିଆ ଆଇଲନଙ୍କୁ ମାଡ ମାରି ହତ୍ୟା କରିଥିବା ଅଭିଯୁକ୍ତକୁ ଗୋସାଇଁନୂଆଗାଁ ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଫୁଲଟା ଗ୍ରାମର କୃଷ୍ଣଚନ୍ଦ୍ର ସାସମଲ (୨୮) । ମାମଲା ନଂ ୨୨୮/୨୬ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସାସମଲଙ୍କୁ କୋର୍ଟ ଚାଲାଣ କରିଛି । ପୋଲିସ ମୃତକ ଓ ଅଭିଯୁକ୍ତଙ୍କ ପୋଷାକପତ୍ର ସମେତ ଅନ୍ୟାନ୍ୟ ଜୈବି ନମୁନା ଜବତ କରିଛି । ପ୍ରକାଶ ଯେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ନୂଆଖଜୁରିଆ ଗ୍ରାମର ଭାସ୍କର ଆଇଲାନ୍‌ଙ୍କ ୧୭ ବର୍ଷର ପୁଅ ସାନିଆ ପ୍ରବଳ ଗରମ ଯୋଗୁଁ ନିଜ ସାଙ୍ଗମାନଙ୍କ ସହ ସ୍ଥାନୀୟ ପୋଖରୀ ହୁଡ଼ାରେ ବସିଥିଲେ। ଏହି ସମୟରେ ଫୁଲଟା ଗ୍ରାମର କୃଷ୍ଣଚନ୍ଦ୍ର ସାସମଲ (୨୮) ସେଠାରେ ପହଞ୍ଚି ପୋଖରୀ ଚଉଁରା ନିକଟରେ ପରିସ୍ରା କରିଥିଲେ । ତେବେ ଗାଁ ପୋଖରୀରେ ପରିଶ୍ରା ନକରିବାକୁ ସନିଆ ତାଙ୍କୁ କହିଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା । ଗଣ୍ଡଗୋଳ ସମୟରେ କୃଷ୍ଣଚନ୍ଦ୍ରଙ୍କ ସନିଆକୁ ମୁଥ, ବିଧା ଓ ଗୋଇଠା ମାରିଥିଲେ । ଆକ୍ରମଣ ଯୋଗୁଁ ସାନିଆ ସେଠାରେ ହିଁ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ମୃତକଙ୍କ ମାଆ କାମିନୀ ଆଇଲାନ୍ (୪୫) ଗୋଷଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ରଜ ମହୋତ୍ସବ ଧୂମ୍‌ଧାମ୍‌ରେ ପାଳିତ

ହିଞ୍ଜିଳିକାଟୁ, (ସବ୍ୟୁ): ସ୍ଥାନୀୟ ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ସୋମବାର ଓଡ଼ିଆ ଭାଷା ସାହିତ୍ୟ ସମିତି, ଓଡ଼ିଶା ପକ୍ଷରୁ ରଜ ମଉଜ -୨୦୨୬ ମହା ଆଡମ୍ବରରେ ପାଳିତ ହୋଇଥିଲା। ଏହି ଅବସରରେ ସମିତି ପକ୍ଷରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଓଡ଼ିଆ ପାରମ୍ପରିକ ଝୋଟି ଚିତା, ରଙ୍ଗୋଲି, ମେହେନ୍ଦି, ପୁଚି ଖେଳ ଓ ପୋଡ଼ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ପ୍ରଥମଥର ପାଇଁ ଏହି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ଏଥିରେ ସହରର ବହୁ ଯୁବତୀ ଓ ଗୃହିଣୀ ମାନେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଗୌରୀ ଶଙ୍କର ରଥ ଝୋଟି ଚିତା ଓ ରଙ୍ଗୋଲି ପ୍ରତିଯୋଗିତା, ମମତା ଦାଶ, ଆରତୀ ପଟ୍ଟନାୟକ ମେହେନ୍ଦି ପ୍ରତିଯୋଗିତା, ଅବସରପ୍ରାପ୍ତ ଖେଳ ଶିକ୍ଷକ ଅରୁଣ କୁମାର ସାମନ୍ତ ପୁଚି ଖେଳ ଏବଂ ସୁଚିତ୍ରା ପଣ୍ଡା ପୋଡ଼ପିଠା ପ୍ରତିଯୋଗିତାର ବିଚାରକ ଭାବରେ ମୂଲ୍ୟାଙ୍କନ କରି କୃତି ପ୍ରତିଯୋଗୀ ମାନଙ୍କୁ ଚୟନ କରିଥିଲେ। ଏହି ଅବସରରେ ନାରୀ ଚେତନାରେ ଓଡ଼ିଆ ଅସ୍ମିତା ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମିତିର ଉପ- ସଭାନେତ୍ରୀ ରୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ହିଞ୍ଜିଳିକାଟୁ ପୌର ପରିଷଦର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଯୁବ ସମାଜସେବୀ ତଥା ନାରୀ ନେତ୍ରୀ ରଞ୍ଜିତା ସାହୁ, ସମ୍ମାନୀତ ଅତିଥି ଭାବରେ ଗାୟତ୍ରୀ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ପରିଚାଳନା ମୁଖ୍ୟ ସସ୍ମିତା ପଟ୍ଟନାୟକ, ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଆରତୀ ଶତପଥୀ, ସମ୍ମାନୀତ ବକ୍ତା ଭାବରେ ଆଧାତ୍ମିକ ମାର୍ଗଦର୍ଶକ ବ୍ରହ୍ମାକୁମାରୀ ଅଙ୍କିତା ପ୍ରମୁଖ ମଞ୍ଚାସୀନ ରହି ନାରୀ ଚେତନାରେ ଓଡ଼ିଆ ଅସ୍ମିତା ଶୀର୍ଷକରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଦସ୍ୟା ସ୍ନେହା ରାଣୀ ଗୌଡ ଏବଂ ଲିଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ସୁଜାତା ସାହୁ (ପଣ୍ଡା), ସ୍ୱଚ୍ଛତା କର୍ମଚାରୀ ତମାଳ ନାଇକ ଏବଂ ଉପଖଣ୍ଡ ଚିକିତ୍ସାଳୟର ସେବିକା ରଶ୍ମିତା ଚୌଧୁରୀଙ୍କୁ ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ପ୍ରତିଷ୍ଠାତା-ସଭାପତି ଆକାଶ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ, ସମ୍ପାଦକ ଚିନ୍ମୟ ପୋଲାଇ, ସଦସ୍ୟ ପ୍ରିୟମ୍ବଦ ପଟ୍ଟନାୟକ, ଯୁବ ଆଇନଜୀବୀ ସଂସ୍କାର ପଟ୍ଟନାୟକ, ଜୀବନ କୁମାର ପାତ୍ର, ବନିଲ କୁମାର ସାହୁ, ବଳରାମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଦଳୁଛି ବୁଗୁଡାର ରାଜନୈତିକ ବାତାବରଣ

# ବିଜେପି ଛାଡିବେ ବ୍ଲକ୍ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ

ବୁଗୁଡ଼ା, (ସବ୍ୟୁ): ସମ୍ପ୍ରତି ବୁଗୁଡା ଅଞ୍ଚଳରେ ରାଜନୈତିକ ବାତାବରଣ ବଦଳୁଥିବାର ଦୃଶ୍ୟମାନ ହେଉଛି । ବିଜେଡିକୁ ହଟାଇ ବିଜେପି ଶାସନ ଡୋରି ଧରିଥିବା ବେଳେ ବୁଗୁଡ଼ା ଅଞ୍ଚଳର ଜନପ୍ରିୟ ନେତ୍ରୀ ତଥା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ କୁଆଡେ ବିଜେପି ଛାଡି ବିଜେଡିରେ ଶଙ୍ଖନାଦ କରିବାକୁ ମନସ୍ଥ କରିଥିବା କଥାକୁ ନେଇ ଅଞ୍ଚଳରେ ରାଜନୈତିକ ଆଲୋଚନା ଜୋର ଧରିଛି। ଗତ ୨୬ ଡିସେମ୍ବର ୨୦୨୪ ତାରିଖ ବିଜେଡିର ପ୍ରତିଷ୍ଠା ଦିବସରେ ବିଜେପି ପକ୍ଷରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ମିଶ୍ରଣ ପର୍ବ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ସାଂସଦ ଅନିତା ଶୁଭଦର୍ଶିନୀଙ୍କ ଉପସ୍ଥିତିରେ ନିଜର ସମର୍ଥିତ ଅନେକ ଜନପ୍ରତିନିଧି ଏବଂ ଶହ ଶହ କର୍ମୀଙ୍କୁ ନେଇ ବିଜେପିରେ ଯୋଗଦାନ କରି ଚହଳ ପକାଇଥିଲେ। ଏଥି ସହ ଗଞ୍ଜାମ ଜିଲ୍ଲା ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ମହିଳା ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଏବଂ ପରବର୍ତ୍ତୀ ସମୟରେ ମହିଳା ନେତୃତ୍ୱ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଫଳତା ହାସଲ କରି ସେ ସର୍ବ ଭାରତୀୟ ଚେଞ୍ଜ ମେକର କର୍ମଶାଳାକୁ ମନୋନୀତ ହୋଇ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିପାରିଥିଲେ। ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷାଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିଲା ବେଳେ ଏବେ ପ୍ରାୟ କିଛି ମାସ ହେବ କଣ ହେଲା କେଜାଣି ଯେ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ତାଙ୍କର ପ୍ରକୋଷ୍ଠ ତାଲାବନ୍ଦ ଅବସ୍ଥାରେ ରହିଥିବା ବେଳେ ସେ ବ୍ଲକ କାର୍ଯ୍ୟାଳୟ ପିଣ୍ଡା ମାଡୁନଥିବା ଜଣାଯାଇଛି। ଅନ୍ୟପକ୍ଷରେ ଚଳିତ ମାସ ଗତ ୧୨ ତାରିଖରେ ବି.ବ୍ରହ୍ମପୁର ଗ୍ରାମସ୍ଥ କଦମ୍ବମଠ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାଂଗଠନିକ ବୈଠକ ଅବସରରେ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଅଧ୍ୟକ୍ଷାଙ୍କ ସ୍ୱାମୀ କେ.ନୀଳମାଧବ ଆଚାରୀ ତାଙ୍କର କେତେକ ସମର୍ଥକ ସହ ବିଜେଡିକୁ ଫେରିଥିବାରୁ ଆଗାମୀ ଦିନରେ ଅଧ୍ୟକ୍ଷା ମଧ୍ୟ ବିଜେପିକୁ ବାଏ ବାଏ କରି ବିଜେଡିରେ ଯୋଗଦେବାକୁ ଯାଉଥିବା ନେଇ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିବା ଦେଖିବାକୁ ମିଳୁଛି ।

## ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି

# ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କର : ଏଆଇଡିଏସଓ

ବାରିପଦା, (ସବ୍ୟୁ) : ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ମଧ୍ୟ ଏହାକୁ ଦୃଢ଼ ବିରୋଧ କରାଯିବା ସହ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତିରେ ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଂପର୍କରେ ଗଣଶିକ୍ଷା ମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ଖାମଖିଆଲି ମନ୍ତବ୍ୟକୁ ଦୃଢ଼ନିନ୍ଦା କରିଛନ୍ତି ଓ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ ରୁ ଉର୍ଦ୍ଧ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ ରୁ ଉଦ୍ଧର୍ବ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି। ମୋଟ୍ ୧୭୦୦ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ। ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ ଯେଉଁ ୧୭୦୦ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ୱାରାକି ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶୀକାର ହେବେ। ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷା ଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ ନଚେତ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜୟ ଜଗନ୍ନାଥ କ୍ଲବ୍ ପକ୍ଷରୁ ରଜ ମହୋତ୍ସବ




କଟକ , (ସ୍ୱପ୍ର) : ଓଡ଼ିଶାର ଏକ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଜୟ ଜଗନ୍ନାଥ କ୍ଲବ୍' ଜୟ ଜଗନ୍ନାଥ କଲୋନୀ, ଖପୁରିଆ, କଟକର ରଜ ମହୋତ୍ସବ ଖପୁରିଆ ଶିଳ୍ପାଞ୍ଚଳସ୍ଥ ଓଇଆ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ୫୦ ନମ୍ବର ୱାର୍ଡ଼ କର୍ପୋରେଟର ସନ୍ତୋଷ କୁମାର ଭୋଳ, ସମ୍ମାନିତ ଅତିଥିଭାବେ ଓବିସିସିର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ନମ୍ରତା ରାୟ, ପଞ୍ଚମୁଖୀ ହନୁମାନ ମନ୍ଦିରର ମୁଖ୍ୟ ପୂଜକ ସୁନିଲ କୁମାର ମିଶ୍ର, ସାହିମୁରବୀ ହରପ୍ରିୟା ମିଶ୍ରଙ୍କ ସହ ଜୟ ଜଗନ୍ନାଥ କ୍ଲବ ଉପସଭାପତି- ସୁବାଷ କୁମାର ମହାରଣା, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ଲେଙ୍କା, କୋଷାଧ୍ୟକ୍ଷ ମୋହନ ସେଠୀ ଯୋଗ ଦେଇଥିଲେ। ନୃତ୍ୟ ପାଇଁ ବିଜୟ ଲକ୍ଷ୍ମୀ ସେଠୀ, ଶ୍ରଦ୍ଧାଞ୍ଜଳି ମହାରଣା, ପ୍ରିୟାଂଶୀ ମଲ୍ଲିକ୍, ତନବୀ ତନିଷା ପଣ୍ଡା, ଶୁଭଲକ୍ଷ୍ମୀ ଲେଙ୍କା, ଶ୍ରେୟାସୀ ବେହେରା, ଭାଗ୍ୟଲକ୍ଷ୍ମୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ କଲ୍ୟାଣୀ ଦାଶ। ଉପଦେଷ୍ଟା-ବାଦଲ ସାହୁ, ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ୍, ସଙ୍ଗଠନ ସମ୍ପାଦକ-ଲକ୍ଷ୍ମଣକୁମାର ପଣ୍ଡା, ଯୁଗ୍ମସମ୍ପାଦକ-କେଶବ ଚନ୍ଦ୍ର ବେହେରା, ସହ-ସମ୍ପାଦକ- ସନ୍ତୋଷ କୁମାର ନନ୍ଦ, ସଭ୍ୟ - ପ୍ରଦୀପ ପରିଡ଼ା, ସନ୍ତୋଷ ବେହେରା, ଦୁର୍ଯ୍ୟୋଧନ ବିନ୍ଧାଣୀ, ସତ୍ୟ ନାରାୟଣ ସାମନ୍ତରା, ସଞ୍ଜୟ ମହାରଣା, ଚନ୍ଦନ ସ୍ୱାଇଁ, କାହ୍ନୁ ସେଠୀ, ବିମଳ କୁମାର ସିଂହ, ରାକେଶ କୁମାର ସେଠୀ, ବିଶ୍ୱରଞ୍ଜନ ବାରିକ, ଶଙ୍କର ସେଠୀ ପ୍ରମୁଖ ସହାୟତା କରିଥିଲେ।

# ନୂଆଁକରି ନିଯୁକ୍ତି ପାଇଲେ ୬ ସ୍ଥାୟୀ ପ୍ରଧାନଶିକ୍ଷକ

ବୁଗୁଡା, (ସବ୍ୟୁ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟ ବିବେଚିତ ସହକାରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲ ଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ଏହି କ୍ରମରେ ବୁଗୁଡା ଅଞ୍ଚଳର ୬ଟି ସରକାରୀ ହାଇସ୍କୁଲରେ ନୂତନ ଭାବେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଥିବା ଜଣାପଡିଛି। ଶିକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ସ୍ୱାଗତ କରାଯାଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ବୁଗୁଡା ବ୍ଲକର ବାଲିପଦର ହାଇସ୍କୁଲରେ ପ୍ରଶାନ୍ତ କୁମାର ଗୌଡ, ବି.କରଡ଼ାବାଡ଼ି ହାଇସ୍କୁଲରେ ସରଜିନି ହାସଦା, ଘୋଡାପଡା ହାଇସ୍କୁଲରେ ବୁଲୁ ବେହେରା, ବୁଦ୍ଧଗିରି ବିଦ୍ୟାପୀଠରେ ସୁବଳ କଅଁର, କରଚୁଲି ହାଇସ୍କୁଲରେ ଶୁଭଲକ୍ଷ୍ମୀ ଦେହୁରି , ମାଣିତରା ହାଇସ୍କୁଲରେ ବେଲାଳସେନ ମଲ୍ଲିକ ପ୍ରମୁଖ ନିଯୁକ୍ତି ପାଇଥିବା ଜଣାପଡିଛି । ବୁଗୁଡା ଅଞ୍ଚଳର ବହୁ ସରକାରୀ ହାଇସ୍କୁଲରେ ଦୀର୍ଘଦିନ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାନା ସମସ୍ୟା ସୃଷ୍ଟି ହେଉଥିଲା।

# ଧରାକୋଟ ବ୍ଲକରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ଧରାକୋଟ, (ସବ୍ୟୁ): ଓଡ଼ିଶା ସରକାରଙ୍କ କାର୍ଯ୍ୟକାଳର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକାଶର ଧାରା ଓଡ଼ିଶା ସାରା ପଞ୍ଚାୟତ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସ୍ତରରେ ସୁଶାସନ ଗ୍ରାମାଞ୍ଚଳରେ ବିକାଶର ପରିବର୍ତନ ନେଇ ଏହି କାର୍ଯ୍ୟକ୍ରମ ଲୋକଙ୍କୁ ସୁଶାସନ ନେବା ବିକାଶକୁ ତ୍ୱରାନ୍ୱିତ କରିବା ଗ୍ରାମାଞ୍ଚଳରେ ବିକାଶକୁ ହାତ ପାହାନ୍ତାରେ ପହଞ୍ଚାଇବା ସହ ସରକାରୀ ଯୋଜନାର ସୁବିଧା ନେବା ପାଇଁ ଜନ ସାଧାରଣଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ, ଅତିରିକ୍ତ ତହସିଲଦାର ଯୁଧିଷ୍ଠିର ଦଳାଇ, ବ୍ଲକ ଫାଇନାନ୍ସ ଅଧିକାରୀ ସୁରେଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା। ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଅନନ୍ୟା ପଣ୍ଡା କାର୍ଯ୍ୟକ୍ରମକୁ ଥିବା ବେଳେ ଭୂମିହୀନ ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳର ଜନସାଧାରଣ ପଟା ବଣ୍ଟନ କରାଯାଇଥିଲା। ଗ୍ରାମ ପଞ୍ଚାୟତ ଅଧିକାରୀ ଦେବରାଜ ନାୟକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।

# ଆଇଡିଏସପି-ଆଇଏଚଆଇପି ରିପୋର୍ଟିଂ ନେଇ ଘରୋଇ ହସ୍ପିଟାଲ ପାଇଁ ସଚେତନତା କର୍ମଶାଳା



ବ୍ରହ୍ମପୁର, (ସବ୍ୟୁ): ରୋଗ ନିରୀକ୍ଷଣକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲା ସର୍ଭେଲାନ୍ସ ୟୁନିଟ୍ (ଆଇଡିଏସପି) ଓ ଜେଏଚପିଆଇଇଗୋ ଓଡ଼ିଶାର ମିଳିତ ସହଯୋଗରେ ବୁଧବାର ସ୍ଥାନୀୟ ନନ୍ଦନ ଇଣ୍ଟରନ୍ୟାସନାଲ୍ ହୋଟେଲର ଘରୋଇ ହସ୍ପିଟାଲ ଗୁଡ଼ିକ ପାଇଁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ଜିଲ୍ଲାର ୪୫ଟି ଘରୋଇ ହସ୍ପିଟାଲର ମାଲିକ, ପ୍ରଶାସକ ଓ ଡାଟା ମ୍ୟାନେଜର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ), ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚ୍‌ଓ), ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଏବଂ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର (ଡିପିଏମ୍) ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ଅତିଥିମାନେ ମହାମାରୀ ଆକାର ନେଉଥିବା ରୋଗର ଶୀଘ୍ର ଚିହ୍ନଟ ଓ ପ୍ରମାଣ-ଭିତ୍ତିକ ସ୍ୱାସ୍ଥ୍ୟ ଯୋଜନା ପାଇଁ ଘରୋଇ ହସ୍ପିଟାଲ ଗୁଡ଼ିକ ଦ୍ୱାରା ସଠିକ୍ ସମୟରେ ରିପୋର୍ଟିଂ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ 'ଇଣ୍ଟିଗ୍ରେଟେଡ୍ ହେଲଥ ଇନଫରମେସନ୍ ପ୍ଲାଟଫର୍ମ' (ଆଇଏଚଆଇପି) ପୋର୍ଟାଲ୍ ମାଧ୍ୟମରେ ଡେଙ୍ଗୁ, ମ୍ୟାଲେରିଆ, ଚିକନଗୁନିଆ, ଝାଡ଼ାବାନ୍ତି, ହଇଜା, ଟାଇଫଏଡ୍, ମିଳିମିଳା, ଯକ୍ଷ୍ମା, କୋଭିଡ୍-୧୯, ଇନଫ୍ଲୁଏଞ୍ଜା ପରି ରୋଗ/ଗୁରୁତର ତୀବ୍ର ଶ୍ୱାସକ୍ରିୟା ସଂକ୍ରମଣ (ଆଇଏଲଆଇ/ଏସଏଆରଆଇ), ହେପାଟାଇଟିସ୍, ଏକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍/ଜାପାନିଜ୍ ଏନସେଫାଲାଇଟିସ୍ (ଏଇଏସ୍/ଜେଇ), ଜଳାତଙ୍କ ଏବଂ ଖାଦ୍ୟ ବିଷାକ୍ତ ଭଳି ରୋଗର ଅନଲାଇନ୍ ରିପୋର୍ଟିଂ ପ୍ରକ୍ରିୟା ବିଷୟରେ ହାତେକଲମେ ପ୍ରଶିକ୍ଷଣ ଦିଆଯାଇଥିଲା। ଜେଏଚପିଆଇଇଗୋ ପକ୍ଷରୁ ବୈଷୟିକ ସହାୟତା ପ୍ରଦାନ କରାଯାଇଥିଲା। ଗଞ୍ଜାମରେ ପ୍ରଭାବଶାଳୀ ରୋଗ ନିରୀକ୍ଷଣ ପାଇଁ ଆଇଏଚଆଇପି ମାଧ୍ୟମରେ ନିୟମିତ ରିପୋର୍ଟିଂ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସମସ୍ତ ଘରୋଇ ହସ୍ପିଟାଲକୁ ଅନୁରୋଧ କରିଛି।

## ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀଙ୍କ ଗଞ୍ଜାମ ଗସ୍ତ

# ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ ଅଗ୍ରଗତିର ସମୀକ୍ଷା




ବ୍ରହ୍ମପୁର, (ସବ୍ୟୁ) : ଭାରତ ନିର୍ବାଚନ ଆୟୋଗର ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଗୋପାଳପୁର ସର୍କିଟ ହାଉସ ଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ ଜିଲ୍ଲାରେ ଚାଲିଥିବା ପରିଗଣନା ଫର୍ମ ବିତରଣ, ଡିଜିଟାଇଜେସନ କାର୍ଯ୍ୟ ଏବଂ ଏସ୍ଆଇଆର୍ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ବିଷୟରେ ଉପ-ନିର୍ବାଚନ ଆୟୁକ୍ତଙ୍କୁ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୧୩ଟି ବିଧାନସଭା କ୍ଷେତ୍ରରେ ୩,୧୨୪ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ୩୧୧ ଜଣ ବିଏଲ୍‌ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସେହିପରି ୧୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ଓ ୭୯ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ସମଗ୍ର କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲ୍ଲାରେ ମୋଟ ୨୯,୯୯,୭୮୨ ଜଣ ଭୋଟର ଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୯.୮୬ ପ୍ରତିଶତ ପରିଗଣନା ଫର୍ମ ଭୋଟରମାନଙ୍କ ନିକଟରେ ବିତରଣ କରାଯାଇଛି। ଭୋଟରମାନେ ଫର୍ମର ଗୋଟିଏ କପି ନିଜ ପାଖରେ ରଖୁଥିବା ବେଳେ ଅନ୍ୟ କପିଟି ପୂରଣ ଓ ସ୍ୱାକ୍ଷର କରି ବିଏଲ୍‌ଓଙ୍କୁ ପ୍ରଦାନ କରୁଛନ୍ତି। ବିଏଲ୍‌ଓମାନେ ଭୋଟରମାନଙ୍କୁ ଫର୍ମ ପୂରଣ ପ୍ରକ୍ରିୟାରେ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ସେହିପରି ଫର୍ମଗୁଡ଼ିକର ଡିଜିଟାଇଜେସନ କାର୍ଯ୍ୟ ଜିଲ୍ଲାରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୮,୧୩,୨୧୫ଟି ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୧,୪୬,୬୦୯ଟି ଫର୍ମକୁ ବିଏଲ୍‌ଓମାନେ ଯାଞ୍ଚ କରିସାରିଛନ୍ତି। ଜିଲ୍ଲାରେ ୬୦.୪୪ ପ୍ରତିଶତ ଫର୍ମର ଡିଜିଟାଇଜେସନ ହୋଇସାରିଛି । ଏହାସହ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ଏସ୍ଆଇଆର୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଭାରତ ନିର୍ବାଚନ ଆୟୋଗର ପ୍ରମୁଖ ସଚିବ ଏସ୍.ବି. ଯୋଶୀ, ଉପ ସଚିବ ଅଭିନବ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଆଲୋଚନା କରି କ୍ଷେତ୍ରସ୍ତରର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ। ଗଞ୍ଜାମରେ ଏସ୍ଆଇଆର୍ କାର୍ଯ୍ୟର ଅଗ୍ରଗତି ନେଇ ସେମାନେ ସନ୍ତୋଷ ପ୍ରକାଶ କରିଥିଲେ।

# ନାଉଗାଁ ବ୍ଲକ ଛକରେ ଦୟନୀୟ ଅବସ୍ଥାରେ ବସ ଷ୍ଟପ : ବଢୁଛି ଅସନ୍ତୋଷ

ନାଉଗାଁ, (ସବୁ) ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଛକରେ ଥିବା ବସ ଷ୍ଟପ୍ର ଦୟନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅବସରରେ ସାମାଜିକ କର୍ମୀ ସୁନିଲ କୁମାର ମାଟିଆ ଏହି ସମସ୍ୟାକୁ ତାଙ୍କ ସୋସିଆଲ ମିଡିଆ ମାଧ୍ୟମରେ ଉଠାଇ ପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଉକ୍ତ ସ୍ଥାନଟି ନାଉଗାଁ ମେଡିକାଲ, ତହସିଲ କାର୍ଯ୍ୟାଳୟ, ବ୍ଲକ ଅଫିସ, ଶିଶୁ ବିକାଶ କାର୍ଯ୍ୟାଳୟ (ଇଉPକ୍ସ), ପଶୁ ଚିକିତ୍ସାଳୟ, ଶିକ୍ଷା ଅଧିକାରୀ (ଇଉକ୍ସ) କାର୍ଯ୍ୟାଳୟ ଓ କଲେଜP ଯିବାର ମୁଖ୍ୟ ସଂଯୋଗ ସ୍ଥଳ ହୋଇଥିବା ସେ‰, ସେଠାରେ



ଥିବା ବସଷ୍ଟପ୍ର ପରିସ୍ଥିତି ଅତ୍ୟନ୍ତ ଦୁର୍ଦ୍ଦଶାପୂର୍ଣ୍ଣ ଅଟେ । ବସ ଷ୍ଟପ୍ର ଛାତ ଭଙ୍ଗିଯାଇଛି ଓ ଚାରିପାଖରେ ପ୍ଲାଷ୍ଟର ଖସିପଡୁଛି । ଏହାସହିତ ସଫାସୁଥା ଅଭାବ ଓ ବସିବା ପାଇଁ ଯଥେଷ୍ଟ ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ରତିଦିନ ଏହି ସ୍ଥାନରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଥିବାରୁ ଏହାକୁ ସ୍ଥାନୀୟମାନେ ଲଜ୍ଜାଜନକ ପରିସ୍ଥିତି ବୋଲି ମତ ପ୍ରକାଶ କରିଛନ୍ତି । ସୁନିଲ କୁମାର ମାଟିଆ ପ୍ରଶାସନଙ୍କୁ ଶୀଘ୍ର ବସ ଷ୍ଟପ୍ର ପୁନରୁଦ୍ଧାର କିମ୍ବା ନୂତନ ଆଧୁନିକ ବସ ଷ୍ଟପ ସହିତ ଶୌଚାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି । ଏହା ସହ ସ୍ଥାନୀୟ ଲୋକମାନେ ମଧ୍ୟ ଶୀଘ୍ର ସମାଧାନ ପାଇଁ ଆଶା ବ୍ୟକ୍ତ କରିଛନ୍ତି ।

# ମୁଣ୍ଡକଟା ମୃତଦେହ ନୁହେଁ ମୁଣ୍ଡ ଥିବା ମୃତଦେହ ଉଦ୍ଧାର କଲା ପୋଲିସ

ପଟ୍ଟାମୁଣ୍ଡାଇ,(ସବ୍ୟୁ) : ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ମଦନପୁର ନିକଟସ୍ଥ ବଙ୍ଗାଳିପଡା ନିକଟରେ ଏକ କଲଭର୍ଟ ତଳେ ମୁଣ୍ଡକଟା ମୃତଦେହ ପଡିଥିବା ନେଇ ଯେଉଁ ପ୍ରଚାର ହୋଇଥିଲା ପୋଲିସ ପହଁଚିବା ପରେ ତାହା ଭୁଲ ପ୍ରମାଣିତ ହୋଇଛି । ଘଟଣାରୁ ପ୍ରକାଶ ଆଜି ସକାଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ନିକଟସ୍ଥ ବଙ୍ଗାଳିପଡ଼ାର ଏକ କଲଭର୍ଟ ତଳେ ଗୋଟିଏ ମୁଣ୍ଡ ନଥିବା ମୃତଦେହ ପଡିଛି ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ମୁହଁ ମାଡି କାଦୁଅରେ ପଡି ଥିବାରୁ ମୁଣ୍ଡ ବେକ ପର୍ଯ୍ୟନ୍ତ କାଦୁଅରେ ପୋତି ହୋଇ ଯାଇଥିବାରୁ ମୃତଦେହର ମୁଣ୍ଡ ନଥିବା ଭଳି ଦେଖା ଯାଉଥିଲା । ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଶ୍ରୀକାନ୍ତ ବାରିକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି କାଦୁଅରୁ ମୃତଦେହ ଉଦ୍ଧାର କଲା ପରେ ମୃତଦେହର ମୁଣ୍ଡ ର କୌଣସି କ୍ଷତି ହୋଇ ନଥିବା ଜଣା ପଡିଥିଲା । ଆଇ ଆଇ ସି ଶ୍ରୀ ବାରିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ମୃତକ ସିଂହପହର ଗ୍ରାମର ଅଭୟ ନାଥ ( ୪୫ ) ବୋଲି ଜଣାପଡିଛି । ଅଭୟଙ୍କ ବାପା ଅର୍ଜୁନ ନାଥଙ୍କ ଏତଲା ଅନୁଯାୟୀ ମୃତକଙ୍କ ପନୀ ପ୍ରାୟ ୫ ବର୍ଷ ହେଲା ତାଙ୍କୁ ଛାଡ଼ି ଅନ୍ୟ ପୁରୁଷ ସହ ରହୁଥିବା ଜଣାଇଛନ୍ତି । ସେହି କାରଣରୁ ଅଧିକାଂଶ ସମୟରେ ଅଭୟ ମଦ ପିଇ ନିଶାରେ ରହୁଥିଲେ ଏବଂ କଲଭର୍ଟ ଉପରୁ ତଳକୁ ନିଶାସକ୍ତ ଅବସ୍ଥାରେ ପଡ଼ିଯିବା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ ବାପା ଏତଲାରେ ଦର୍ଶାଇଛନ୍ତି ବୋଲି ଆଇ ଆଇ ସି ଶ୍ରୀ ବାରିକ ସ୍ପଷ୍ଟ କରିଛନ୍ତି । ଉପଖଣ୍ଡ ପୋଲିସ ଅଧିକାରୀ ସୁକାନ୍ତ ପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ସାଇଣ୍ଟିଫିକ ଟିମ ଆସି ଛାନଭିନ କରିଛନ୍ତି । ଘଟଣା ସ୍ଥଳରୁ ମଦ ବୋତଲ, ଗ୍ଲାସ ଏବଂ ଅଣ୍ଟାରୁ ମଦ ବୋତଲ ମିଳିଛି । ପରେ ମୃତକ ଅଭୟ ନାଥର ମୃତ ଶରୀରର ସାକ୍ଷୀ ମାନଙ୍କ ଉପସ୍ଥିତିରେ ପଞ୍ଚନାମା ହୋଇ ଶବ ବ୍ୟବଚ୍ଛେଦ ନିମନ୍ତେ ଆଳି ଡାକ୍ତରଖାନାକୁ ପଠାଇ ଦିଆ ଯାଇଛି । ଅପମୃତ୍ୟୁ କେସ ନଂ ୯/୨୬ ପଞ୍ଜୀକୃତ କରି ଏସ ଆଇ କୈଶୋରିକା ରାଉତରାୟ ତଦନ୍ତ କରୁଛନ୍ତି ।

# ବଣମଲ୍ଲୀ ମହୋତ୍ସବ ଉଦ୍‌ଯାପିତ : ସମ୍ବର୍ଦ୍ଧିତ ହେଲେ ଛାତ୍ରଛାତ୍ରୀ

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) :ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଜେନାପୁରର ବଣମଲ୍ଲୀ ସେବା ସଙ୍ଗଠନର ଦ୍ୱାଦଶ ବାର୍ଷିକ ମହୋତ୍ସବ ଶେଷରଜ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ପ୍ରଥମ ଭାଗ କାର୍ଯ୍ୟକ୍ରମରେ ଶରୀର ଓ ଅଙ୍ଗଦାନ ସଂଗଠନ ସଭାପତି ଡ଼ . ପ୍ର ଭା ସ ଚ ନ୍ଦ୍ର



ଆଚାର୍ଯ୍ୟ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ଡ.ତୁହିନାଂଶୁ ରଥ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଫୁଲ୍ଲକୁମାର ଦାସ, ଅଜୟକୁମାର ଦାସ, ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀ,ଶିକ୍ଷକ କାହ୍ନୁଚରଣ ସାହୁ,ବ୍ୟଙ୍ଗକବି ବାଇଧର ମାଝୀ, ଶିକ୍ଷାବିତ ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ନିର୍ମାଲ୍ୟକୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସରୋଜକାନ୍ତ ବେହେରା ସଭା ସଂଚାଳନ କରିଥିଲା ବେଳେ ମୁଖପତ୍ର ମହକର ନବମ ସଂସ୍କରଣ ଉନ୍ମୋଚନ ହୋଇଥିଲ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତିତ୍ୱ ଦମୟନ୍ତୀ ପ୍ରଧାନ,ବବିତା ସ୍ୱାଇଁ, ଅନୁସୂୟା ମଲିକ, ଲୋପାମୁଦ୍ରା ବେହେରା, ପଙ୍କଜିନି ମଲିକ, ସୌମ୍ୟ ରଞ୍ଜନ ଖଟୁଆ, ରଚିତା ଦାସ, ବସନ୍ତ କୁମାର ମଲିକ, ସୁବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ କଳାହାଣ୍ଡିରୁ ଆସିଥିବା ମା ସରସ୍ୱତୀ ଯୁବ ଅନୁଷ୍ଠାନ ପକ୍ଷରୁ ଲୋକ ନୃତ୍ୟ ଓ ସ୍ଥାନୀୟ ପ୍ରତିଭା ମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରମୋଦ ଶତପଥୀ, ଲୋକନାଥ ପୁରୀ, ପ୍ରଦୀପ ଶତପଥି, ରାମଚନ୍ଦ୍ର ମହାନ୍ତି, ବୃନ୍ଦାବନ ଶତପଥୀ, ମାନସ ରଞ୍ଜନ ପ୍ରଧାନ,ଲାଲମୋହନ ଶତପଥୀ, ଅତୁଳ ସାହୁ, ସୁବ୍ରତ ସାହୁ, ତିଥବାସି ଦଳାଇ, ମଧୁସ୍ମିତା ଖଟୁଆ ପ୍ରମୁଖ ସଭା ପରିଚାଳାରେ ସହଯୋଗ କରିଥିଲେ ।

# ଉଦ୍‌ଯାପିତ ହେଲା ପାଣିକୋଇଲି ଜଳଛତ୍ର ୬୦ ଦିନର ନିରବଚ୍ଛିନ୍ନ ସେବା

ପାଣିକୋଇଲି, (ସବ୍ୟୁ): କୋରେଇ ନିର୍ବାଚନ ମଣ୍ଡଳୀ ପାଣିକୋଇଲି ଠାରେ କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଚାଲୁଥିବା ଜଳଛତ୍ରର ଆଜି ଉଦଯାପନୀ ହେଇଯାଇଛି। ଦୁଇ ମାସ ଧରି ଚାଲୁ ରହିଥିବା ଜଳଛତ୍ର ଶିବିର ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଜଳଛତ୍ର ଶିବିରରି ଜୁନ ୧୭ ଶେଷ ହୋଇଥିଲା। ମାନବ ସେବା ହିଁ ମାଧବ ସେବା ଏହାକୁ ପାଥେୟ କରି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଦୀର୍ଘ ୬୦ ଦିନ ଧରି ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ତୁଲାଇ ଆସୁଥିଲେ। ପ୍ରତ୍ୟେକ ଦିନ ଶହ ଶହ ପଥଚାରୀ ଜଳଛତ୍ରରେ ପାଣି ପିଇ ନିଜର ତୃଷ୍ଣା ମେଣ୍ଟାଉଥିବା ଦେଖିବାକୁ ମିଳିଛି। ଆଜିର ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସେକ ଜହର ଅଲ୍ଲୀ,ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ଯୁବ ମୋର୍ଚ୍ଚା ସଭାପତି ଆଲୋକ କୁମାର ଦାଶ, ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ମହିଳା ନେତ୍ରୀ ମୋନାଲିସା ପରିଡା, ବୀଣାପାଣି ଜେନା, ବରିଷ୍ଠ ନେତା ବିକାଶ ଜେନା, ନିରଞ୍ଜନ ନାୟକ, ବିଜୟ ମହାନ୍ତି, ଶିବପ୍ରସାଦ ବେହେରା, ସୁଶାନ୍ତ ମଲ୍ଲିକ,ମନୋଜ ପାଢ଼ୀ,ଆଲୋକ ପରିଡା, ରଞ୍ଜନ ମଲ୍ଲିକ ଓ ନାରାୟଣ ବାରିକ, ରମେଶ ବାରିକ ,ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ଏବଂ ନିରନ୍ତର ସେବା ପାଇଁ ସୁଶାନ୍ତ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମେଧାବୀ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ବିଧାୟକଙ୍କ ଦ୍ୱାରା ଲାପ୍‌ଟପ୍ ପ୍ରଦାନ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ବର୍ଷ ହେଲା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଭଲ ପାଠ ପଢି ଉଚ୍ଚଶିକ୍ଷା ଲାଗି ଇଚ୍ଛା ରଖିଥିବା ଗରିବ ଘରର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ସହ ଅନେକଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଲାପଟପ ପ୍ରଦାନ କରିଛନ୍ତି। ଉଚ୍ଚ ଶିକ୍ଷାଲାଗି ଇଚ୍ଛା ରଖରଥିବା ଜଣେ ଗରିବ ଘରର ଝିଅକୁ ଆଜି ବିଧାୟକଙ୍କ ଦ୍ୱାରା ଏକ ଲାପଟପ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ଧର୍ମଶାଳା ବ୍ଲକ ଅଭୟପୁର ପଂଚାୟତ ମଙ୍ଗରାଜପୁର ଗ୍ରାମର ଖଟିଖିଆ ଗରିବ ଶତ୍ରୁଘ୍ନ ଖଟୁଆଙ୍କ ମେଧାବୀ ଝିଅର ଉଚ୍ଚ ଶିକ୍ଷା ନିମନ୍ତେ ଲାପଟପର ଆବଶ୍ୟକତା ହେଉଥିବା ଶୁଣିବା ପରେ ବିଧାୟକ ଶ୍ରୀ ସାହୁ ସଙ୍ଗେ ସଙ୍ଗେ ତାଙ୍କୁ ଏକ ଲାପଟପ ପ୍ରଦାନ କରିଛନ୍ତି। ଶତ୍ରୁଘ୍ନ ଖଟୁଆଙ୍କ ଝିଅ ରିନୁ ଖଟୁଆ ଆଜି ଜାରକା କୁମାରୀସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ପହଁଚିଥିଲେ। ସେଠାରେ ବିଧାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଅରୁହା ଜୋନର



ବିଜେପି ସଭାପତି ଜିତେନ୍ଦ୍ର ରାଉତ ଓ ନେଉଳପୁର ଅଂଚଳର ଯୁବ ସମାଜସେବୀ ସଞ୍ଜିବ ଜେନା ଓ ଅନ୍ୟମାନେ ସୁଶ୍ରୀ ରୁନୁ ଖଟୁଆଙ୍କୁ ଲାପଟପ ପ୍ରଦାନ କରିଥିଲେ। ସେହିଭଳି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରୋଗରେ ପୀଡିତ ବ୍ୟକ୍ତି ବିଶେଷଙ୍କୁ ଆଜି ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ମାଗଣା ଔଷଧ ଘରେ ଘରେ ପହଁଚାଇ ଦିଆଯାଇଛି। ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅସହାୟ ଓ ଗରିବ ମାନଙ୍କୁ ଏଭଳି ସହାୟତା ପ୍ରଦାନ ଜାରି ରହିଥିବାରୁ ବିଭିନ୍ନ ମହଲରେ ବିଧାୟକଙ୍କୁ ପ୍ରଶଂସା କରାଯାଇଛି ।

# କନିକା ସାହିତ୍ୟ ସଂସ୍କୃତି ପରିଷଦ, କବି ସମ୍ମିଳନୀ ଓ ରଜ ମହୋତ୍ସବ

ରାଜକନିକା ,(ସବ୍ୟୁ) : କନିକା ସାହିତ୍ୟ ସଂସ୍କୃତି ପରିଷଦ ରାଜକନିକାର ରଜ ମହୋତ୍ସବ ଓ କବି ସମ୍ମିଳନୀ ପିମ୍ପୁଡି ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ପରିଷଦ ର ସଭାପତି ବିରେନ ମିତ୍ର ରାଉତରାୟଙ୍କ କରକମଳରେ ଉଦଘାଟନ କରା ଯାଇ ଦୁଇଟି ଅଧିବେଶନ ଅତି ସଫଳତା ସହିତ ଶେଷ କରା ଯାଇଥିଲା । ପ୍ରଥମ ଅଧିବେଶନ ସନ୍ଧ୍ୟା ୬ ଘଟିକା ସମୟରେ ଅତିଥି କବି ମନୋଜ ସେନାପତି ଓ ମଙ୍ଗୁଳି ଚରଣ ବେହେରାଙ୍କ ସଂଯୋଜନାରେ ୧୮ ଜଣ କବି କବିତା ପାଠ କରିଥିଲେ । ସନ୍ଧ୍ୟା ୭ ଟାରେ ଦ୍ୱିତୀୟ ଅଧିବେଶନ ସଭାପତି ବିରେନ ମିତ୍ର ରାଉତରାୟଙ୍କ ଅଧ୍ୟକ୍ଷତା ଓ ପ୍ରଫେସର ବୈକୁଣ୍ଠ ନାଥ ପରିଡାଙ୍କ ସଭା ସଂଯୋଜନା ରେ ଭାଷା ସାହିତ୍ୟର ତରଙ୍ଗ ସୃଷ୍ଟି ହୋଇଥିଲା । ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ପତିତପାବନ ବେହେରା ତାଙ୍କ ସ୍ୱାଗତ ଭାଷଣରେ କନିକାର ସମସ୍ତ ବର୍ଗ ର ପ୍ରତିଭାମାନଙ୍କୁ ପରିଷଦ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ସେମାନେ କିପରି ନିଜକୁ ଜଣେ ସୁଦକ୍ଷ କର୍ତ୍ତବ୍ୟନିଷ୍ଠ ସାଧକ ଭାବେ ପ୍ରତିଷ୍ଠିତ କରି ପାରିବେ ସେଥିପାଇଁ ଉଦ୍ୟମ ଜାରି ରଖିବା ଏବଂ କନିକା ମାଟି ବରପୁତ୍ର ମାନଙ୍କୁ ସମଗ୍ର ରାଜ୍ୟରେ ଚିହ୍ନଟ କରିବା ପାଇଁ ଦୃଢ ପରିକର ବୋଲି ସେ ମତବ୍ୟକ୍ତ କରି ଆସନ୍ତା ବାର୍ଷିକ ଉତ୍ସବ ରେ ପରିଷଦର ମୁଖପତ୍ର କନିକା ଶ୍ରୀ ଆମ୍ ପ୍ରକାଶ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ମୁଖ୍ୟବକ୍ତା କାଳିପ୍ରସାଦ ନାୟକ ଏବଂ ମୁଖ୍ୟ ଅତିଥି ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର ତାଙ୍କ ଅଭିଭାଷଣ ରେ ବର୍ତ୍ତମାନର ସଂସ୍କୃତି କିପରି ଅପ- ସଂସ୍କୃତି ହୋଇଛି ଏବଂ ଏହା କିପରି ଆମକୁ ଧ୍ୱଂସ ଆଡକୁ ଟାଣି ନେଉଛି ଏହାକୁ ଦୃଢ଼ତାର ସହିତ ଯୁକ୍ତି ଉପସ୍ଥାପନ କରିବା ସହିତ ସେଥିପାଇଁ ମାତୃଭୂମି ଓ ମାତୃଭାଷାକୁ ଆମକୁ ଭଲକି ବୁଝିବା ସହିତ କାର୍ଯ୍ୟ କରିବାକୁ ପଡିବ ବୋଲି ମତ ବ୍ୟକ୍ତ କରିଥିଲେ, ସମ୍ମାନିତ ଅତିଥି ଭାବେ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ଚିଦମ୍ବର ପତି ଓ ଗୋପୀନାଥ ଖଟୁଆ ପ୍ରମୁଖ ମଞ୍ଚାସିନ ଅତିଥି ମାନେ କନିକାର ଅଗ୍ରଗତି ପାଇଁ ଓଡ଼ିଆ ଭାଷା ସାହିତ୍ୟ ହିଁ ଏକ ମାତ୍ର ବିକଳ୍ପ, କନିକା ସାହିତ୍ୟ-ସଂସ୍କୃତି ପରିଷଦର ବିକାଶ ହିଁ ଆମ ପରମ୍ପରା ଓ ସଂସ୍କୃତି ର ଗୋଟିଏ ବଡ଼ ମାଧ୍ୟମ, ଏହାକୁ ଆଗେଇ ନେବାପାଇଁ କନିକାର ସମସ୍ତ ବୁଦ୍ଧିଜୀବୀ ସାମିଲ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଉକ୍ତ ସଭାରେ ବଜ୍ରମହାକାଳୀ ଆଞ୍ଚଳିକ ଯୁବ ନାଟ୍ୟ ପରିଷଦ ପିମ୍ପୁଡିର ବରିଷ୍ଠ କଳାକାର ସୋମ୍ୟକାନ୍ତ ନାୟକ ସୁଲଭ ଢଙ୍ଗରେ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ କରିଥିବା ବେଳେ ଶିକ୍ଷାବିତ ପ୍ରସନ୍ନ କୁମାର ଧଳ ଅତିଥି ପରିଚୟ ଓ ଆଦର୍ଶ ଶିକ୍ଷକ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ରେ ରୁପେଶ ନାୟକ, ମଦନମୋହନ ଦାସ, କୈଳାଶ ଚନ୍ଦ୍ର ନାୟକ,ଦୀନବନ୍ଧୁ ବାରିକ, ସାବିତ୍ରୀ ମାହୁନ୍ତ ଙ୍କ ସମେତ ବଜ୍ର ମହାକାଳୀ ଯୁବ ନାଟ୍ୟ ପରିଷଦର ସମସ୍ତ କଳାକାର ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଶତାୟୁ ମହିଳାଙ୍କ ପରଲୋକ

ବରୀ, (ସବ୍ୟୁ ): ବରୀ ବ୍ଲକ ଅଧିନସ୍ଥ ଅଲିପୁର ଗ୍ରାମର ଶତାୟୁ ମହିଳା କ୍ଷୀରୋଦିନୀ ଦାଶଙ୍କ ପରଲୋକ ଘଟିଛି । ମୃତ୍ୟ ବେଳକୁ ତାଙ୍କୁ ୧୦୧ବର୍ଷ ବୟସ ହୋଇଥିଲା ।ଗତକାଲି ବିଳମ୍ବିତ ରାତିରେ ସେ ଶାରୀରିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ତାଙ୍କୁ ଚିକିତ୍ସା ନିମନ୍ତେ ନିଆଯିବା ପରେ ଚିକିତ୍ସାଧୀନ ଅବସ୍ଥା ରେ ତାଙ୍କର ପରଲୋକ ଘଟିଥିଲା । ମରଶରୀର ତାଙ୍କ ବାସଭବନରେ ପହଂଚିବା ପରେ ବିଶିଷ୍ଟ ପାଲା ଗାୟକ ଦେବ ପ୍ରସାଦ ଶତପଥି, ଅଲିପୁର ପଂଚାୟତ ର ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ମିଶ୍ର, ସମାଜ ସେବୀ ଦିଲିପ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଗଦାଧର କର, ବିଷ୍ଣୁ ଶତପଥି, ଭାଗିରଥି କର, ବୀରେନ୍ଦ୍ର ପାଢ଼ୀ ପ୍ରମୁଖ ପହଂଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ ।ଗ୍ରାମ ଶ୍ମଶାନ ରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ତାଙ୍କ ସାନ ପୁଅ ନିହାର ରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇଁ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ,ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା, ପୂର୍ବତନ ସରପଞ୍ଚ ଶୁଭଲକ୍ଷ୍ମୀ ନାଥ ଶର୍ମା ପ୍ରମୁଖ ଦୁଃଖ ପ୍ରକାଶ କରିଥିଲେ ।

# ଏକାଦଶ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ

ରାଜନଗର ,(ସବ୍ୟୁ) : ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଶ୍ରୀ ଶ୍ରୀ ବୁଢ଼ୀ ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ରାଜନଗର ଗଳିଦାଣ୍ଡର ଆରାଧ୍ୟା ଦେବୀ ମା ବୁଢ଼ୀମଙ୍ଗଳାଙ୍କ ନିକଟରେ ତିନିଦିନ ଧରି ଏକାଦଶ ବାର୍ଷିକ ରଜ ମହୋତ୍ସବ - ୨୦୨୬ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ପ୍ରଥମ ରଜ ସନ୍ଧ୍ୟାରେ ମା ବୁଢ଼ୀମଙ୍ଗଳାଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ ସହ ମଞ୍ଚ ଉ"ାଟନ ହୋଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଆମ ଅଞ୍ଚଳ ର ପୁଅ ତଥା ଓଡିଶାର ସୁନାମ ଧନ୍ୟ ଚିକିତ୍ସକ ଡାଃ ରମେଶ ଚନ୍ଦ୍ର ଦାସ । ରାଜନଗର ଅଞ୍ଚଳରେ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ବୁଢ଼ୀ ମଙ୍ଗଳା ଯୁବକସଙ୍ଘ ତରଫରୁ ତାଙ୍କୁ ରାଜନଗର ରନି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମାଜରେ ରଜପର୍ବର ଆନନ୍ଦ ହଜିଯାଉଥିବା ବିଷୟରେ ସୂଚନା ଦେବା ସହ ଜନ୍ମନିୟନ୍ତ୍ରଣର କୁପ୍ରଭାବ ଫଳରେ ଆଜି ଛୋଟ ପରିବାରର ଅଭିଭାବକ ଓ ବାପା ମାଆମାନେ ଏକମାତ୍ର ସନ୍ତାନ ହରାଇ ଭୋଗୁଥିବା କଷ୍ଟଯନ୍ତ୍ରଣା ବିଷୟରେ ଡାଃ ଦାସ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ସହିତ ଯୁବପିଢ଼ିଙ୍କ ପାଇଁ ନିଜର ମତ ରଖିଥିଲେ ।ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବୁଢୀମଙ୍ଗଳା ଗ୍ରାମ୍ୟ କମିଟିର ସମ୍ପାଦକ ଅଭିରାମ ସାହୁ, ସାମ୍ବାଦିକ ଭାସ୍କର ରାଉତରାୟ ଏ ଜୟଦୁର୍ଗା ବଣିକ ସଂଘର ପୂର୍ବତନ ସଭାପତି ପଣ୍ଡିତ ସଙ୍କର୍ଷଣ ମିଶ୍ର ଯୋଗ ଦେଇ ରଜପର୍ବ ପାଳନ ଉପରେ ଆଲୋଚନା କରିଥିଲେ ।ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ଲେଙ୍କାଙ୍କୁ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା । ଉଦଯାପନୀ ସନ୍ଧ୍ୟାରେ ଯୁବକସଙ୍ଘ ସଭାପତି ଶିବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭିକାରି ଚରଣ ବଳ,ପ୍ରମୋଦ କୁମାର ବେହେରା,ଅନିରୁଦ୍ଧ ପରିଡା,କଳାକାର ପ୍ରଫୁଲ୍ଲ ଦାସ,ସୁକାନ୍ତ କୁମାର ବେହେରା ଓ ବାଟୋଇ ପତ୍ରିକା ସମ୍ପାଦକ ଶତ୍ରୁଘନ ତରାଇଙ୍କୁ ମଞ୍ଚରେ ଉତ୍ତରୀୟ ଅର୍ପଣ କରାଯାଇ ସମ୍ମାନିତ କରାଯାଇ ଥିଲା । ବିଭିନ୍ନ ପ୍ରତିଯୋଗିତାରେ କତିବ ଲାଭ କରିଥିବା ଗଳିଦାଣ୍ଡର ପିଲାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ରଜପର୍ବ ର ଦିତୀୟ ଦିନ ଅର୍ଥାତ ରଜସଂକ୍ରାନ୍ତି ସନ୍ଧ୍ୟାରେ ଗୋପାଳ ଦାଶସ୍ମାରକୀ କଳାମନ୍ଦିର, ମୂଳବସନ୍ତ ଓ ଶେଷରଜଦିନ ହଂସୁଆକଳା ପ୍ରତିଷ୍ଠାନ, ରାଜନଗରର କଳାକାରମାନଙ୍କ ନତ୍ୟସଂଗୀତ ପରିବେଷଣରେ ଦର୍ଶକମାନେ ଆନନ୍ଦରେ ବିଭୋର ହୋଇଥିଲେ । ଯୁବକସଙ୍ଘର ସଭାପତି ଶିବାନନ୍ଦ ରାଉତ,ଆବାହକ ଡାଃ ଅମିୟ ରଞ୍ଜନ ପରିଡା,ସମ୍ପାଦକ ଚନ୍ଦ୍ରକାନ୍ତ ସେଠୀ, ଅମୃତ ପତି,ସହଦେବ ସେଠୀ ,ଭରତ ସାହୁ , ରଜତ ପରିଡା, ପ୍ରିୟବ୍ରତ ସାହୁ,ଦୀନବନ୍ଧୁ ସୂତାର,ଯଶୋମତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଯୁବକସଙ୍ଘର ଉପଦେଷ୍ଟା ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନସହଯୋଗ କରିଥିଲେ ।

# ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କୁ ଦିଆଯିବ ମୋବାଇଲ୍ : ଉଦ୍‌ଘାଟନ କଲେ ମନ୍ତ୍ରୀ

କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ୨୨୪୦ ଜଣ ଅଙ୍ଗନଓ୍ୱାଡୀ କର୍ମୀ, ସୁପରଭାଇଜର ଓ ବ୍ଲକ ସଂଯୋଜକଙ୍କୁ ମୋବାଇଲ୍ ପ୍ରଦାନ କରାଯିବ । ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ନେଇ କେନ୍ଦ୍ରାପଡାର ୧୦ ଜଣଙ୍କୁ ଓ ପୌରାଂଚଳର ୨ଜଣ ମୋଟ୍ ୧୨ ଜଣଙ୍କୁ ସ୍ମାର୍ଟ ମୋବାଇଲ୍ ପ୍ରଦାନ କରାଯାଇଛି । ଅବଶିଷ୍ଟ ୨୧୪୭ ଜଣ ଅଙ୍ଗନୱାଡୀ କର୍ମୀ, ୮୪ ଜଣ ସୁପରଭାଇଜର ଓ ୯ ଜଣ ବ୍ଲକ ସଂଯୋଜକଙ୍କୁ ମୋଟ୍ ୨୨୪୦ ଜଣଙ୍କୁ ସିଡିପିଓ ନିଜ ନିଜ ବ୍ଲକରେ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡକଫର ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କବି ରାଜକିଶୋର ମିଶ୍ରଙ୍କ ଗଳ୍ପସଂକଳନ ଲୋକାର୍ପିତ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତର ପାଣ୍ଡିଆ ସ୍ଥିତ ଅନ୍ନପୂର୍ଣ୍ଣା ନିବାସ ପରିସରରେ କବି ରାଜକିଶୋର ମିଶ୍ରଙ୍କ ୭୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବନ୍ଧୁ ମିଳନ ଓ ଗଳ୍ପ ସଂକଳନ "ହସୁଛି ଅଳପ କାନ୍ଦୁଛି ବେଶି'ର ଲୋକାର୍ପଣ ଉତ୍ସବ ଅଧ୍ୟାପକ ଉମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡଃ ନିଖିଳେଶ ମହାନ୍ତି, ଡଃ ଭାବଗ୍ରାହୀ ରାଉତ, ପ୍ରବାଚକ ଶରତ ଚନ୍ଦ୍ର ରଥ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ପାଲାଗାୟକ ସତ୍ୟାନନ୍ଦ ଦାଶ, ଅବସରପ୍ରାପ୍ତ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ପ୍ରମୋଦ କୁମାର ନାୟକ, ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ରଘୁନାଥ ବେଦାନ୍ତ, ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଫୁଲ୍ଲ କୁମାର ସିଂହ, ପୁଷ୍ପକ ରଥ, ଇଂ. ସରୋଜକୁମାର ସାମଲ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଅଶୁକବି ବିଜୟ କୁଅଁର, ଦିଲ୍ଲିପ କୁମାର ଗ୍ରହାଚାର୍ଯ୍ୟ,ଡଃ ଭାଗ୍ୟଧର ରାଉତ, କବି ସଦାଶିବ ପଣ୍ଡା, ଗବେଷକ ଡଃ ଏକାଦଶୀ ପ୍ରଧାନ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସମାଜସେବୀ କଲ୍ଲୋଳ ଚନ୍ଦ୍ର ମହାନ୍ତି, ପ୍ରମୁଖ ଯୋଗଦେଇ କବି ରାଜକିଶୋର ମିଶ୍ରଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରି ବଧାଇ ଜଣାଇଥିଲେ । ସେ ଅଧିକରୁ ଅଧିକ ଗଳ୍ପ ଓ କବିତା ଲେଖିବା ସହିତ ଓଡ଼ିଆ ସାହିତ୍ୟକୁ ବଂଚାଇ ରଖିବା ପାଇଁ ସେଯେଉଁ ଉଦ୍ୟମ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଅତିଥିମାନେ ରାଜକିଶୋର ମିଶ୍ରଙ୍କ ରଚିତ ଗଳ୍ପ ପୁସ୍ତକ "ହସୁଛି ଅଳପ କାନ୍ଦୁଛି ବେଶି'କୁ ଲୋକାର୍ପିତ କରିଥିଲେ ।

# ସରପଞ୍ଚ ଚାମେଲିଙ୍କୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଲା ଯୁବ କଂଗ୍ରେସ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ପଂଚାୟତରେ ତିଖିରି ପଂଚାୟତର ସରପଂଚ ଚମେଲି ଓଝାଙ୍କ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ସମ୍ପର୍କରେ ରାଜ୍ୟସାରା ପ୍ରଚାର ହେବାପରେ ପ୍ରାୟ ସବୁଦିନ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ଓ ବିଭିନ୍ନ ସଂଗଠନ ତରଫରୁ ଚମେଲି ଓଝାଙ୍କୁ ଦେଖା କରିବା ସହିତ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ସହିତ ଆଲୋଚନା କରି ତାଙ୍କୁ ନ୍ୟାୟ ଦେବାପାଇଁ ଦାବି କରିଆସୁଛନ୍ତି । ବୁଧବାର ଯୁବ କଂଗ୍ରେସ ତରଫରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଏକ ସଭା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ମହାକାଳପଡା ବିଧାୟକ, ବିଡିଓ, ମହାକାଳପଡା ଥାନା ଅଧିକାରୀ ସରପଂଚ ଚମେଲି ଓଝାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରି ଯେଉଁଳି ଭାବରେ ତାଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରିଛନ୍ତି ଏହା ଦୁର୍ଭାଗ୍ୟଜନକ । ଜଣେ ଯୁବ ମହିଳା ସରପଂଚଙ୍କୁ ଉଦ୍ଦେଶ୍ୟମୂଳକ ଭାବେ



ହଇରାଣ ହରକତ କରାଯାଉଛି । ଗତ କିଛିଦିନ ହେବ କେନ୍ଦ୍ରାପଡାରେ ଏହି ଘଟଣାକୁ ନେଇ ରାଜ୍ୟସାରା ନିନ୍ଦିତ କରାଯାଉଛି । ସରପଂଚ ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ଅବସ୍ଥାରେ ତାଙ୍କୁ ଜୋର୍ ଜବରଦସ୍ତି ଜେଲ୍‌କୁ ପଠାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁନର୍ବାର ପୁଣି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରାଜନୈତିକ ଚାପରେ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଯୁବ କଂଗ୍ରେସ ପକ୍ଷରୁ ଏହାର ତୀବ୍ର ନିନ୍ଦା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଚାମେଲି ଓଝାଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରଚାର କରିବା ସହିତ ବିଧାୟକ, ବିଡିଓ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଂଜିତ୍ ପାତ୍ରଙ୍କ ସହ ଯୁବ ନେତା ଆଲୋକ ଦାସ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ସଂଗଠନ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ସହିତ ଚିତ୍ତରଞ୍ଜନ ତରାଇ, ଜେ୍ୟାତି ରଞ୍ଜନ ପରିଡା, ରାଜୀବ ଲୋଚନ ମିଶ୍ର, କୃଷ୍ଣପ୍ରିୟା ବାରିକ, ଲୁଲୁ ମଲିକ, ଶୁଭ୍ରାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ଶାଖାର ବୈଠକ

ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଶାଖାର ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଦିନକୁ ଦିନ ବଢ଼ିଚାଲିଥିବା ବେଳେ ସମାଧାନର ନାଁ ଧରୁନଥିବା ପ୍ରକାଶ କରିଥିଲେ। ନିର୍ମାଣ ଶ୍ରମିକ ମାନଙ୍କ ସମସ୍ୟା ସମ୍ପର୍କରେ ଶ୍ରୀ ତ୍ରିପାଠୀ ଜିଲ୍ଲା ଶ୍ରମ ଅଧିକାରୀ ଓ ରାଜ୍ୟ ଶ୍ରମ କମିଶନରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସଂଘ ତରଫରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ଧାରଣାରେ ବସିବେ ବୋଲି ଆଜିର ବୈଠକରେ ସ୍ଥିତ କରାଯାଇଥିଲା। ତୁରନ୍ତ ଆସନ୍ତା ବୈଠକରେ ଦିନ ଧାର୍ଯ୍ୟ କରାଯିବା ସହିତ ଜିଲ୍ଲାର ସମସ୍ତ ବ୍ଲକ ସଂଘର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଆଜିର ବୈଠକରେ ହରିହର ମାହାଲି, ଧିରେନ ସାହୁ, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଗୌତମ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାତି ଅନିଦ୍ରା ହୋଇ ରାସ୍ତାନିର୍ମାଣ କରାଇଲେ ବିଧାୟକ



ନିରାକାରପୁର,(ସବ୍ୟୁ) :ଜନୈକ ବ୍ୟକ୍ତିଙ୍କ କଂାରେ ଥିବା ରାସ୍ତା ଶେଷରେ ଅବରୋଧ ମୁକ୍ତ ହୋଇଛି । ବ୍ୟକ୍ତି ଜଣକ ପ୍ରାୟ ୧୦୦ ମିଟର ରାସ୍ତା କାମ କରାଇ ଦେଉ ନଥିବାରୁ ଦୀର୍ଘ ଦିନ ହେବ ଯାତାୟତ ବାଧାପ୍ରାପ୍ତ ହେଉଥିଲା, ଯାହାକୁ ନେଇ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଥିଲା ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମରେ । ଗ୍ରାମବାସୀମାନେ ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ତେବେ ମଙ୍ଗଳବାର ରାତିରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଛଣଗିରି ଗ୍ରାମକୁ ଯାଇଥିବା ବେଳେ ରାସ୍ତାର ଏହି ଦୁରବସ୍ଥା ନିଜେ ଦେଖିବାକୁ ପାଇଥିଲେ ଏବଂ ଅଞ୍ଚଳବାସୀଙ୍କ ଠାରୁ ସମସ୍ତ ଅଭିଯୋଗ ଶୁଣିଥିଲେ ।ଲୋକଙ୍କ ସମସ୍ୟାକୁ ଅନୁଭବ କରି ସେ ରାତି ଅଧରେ ହିଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ପୂର୍ତ୍ତ ବିଭାଗର ଉଚ୍ଚ ପଦାଧିକାରୀମାନଙ୍କୁ ସେଠାକୁ ଡକାଇଥିଲେ ।ପ୍ରଶାସନିକ ସହାୟତାରେ ତୁରନ୍ତ ରାସ୍ତାକୁ ଅବରୋଧ ମୁକ୍ତ କରାଯିବା ସହ ସେହି ରାତିରେ ହିଁ ରାସ୍ତା କାମ ଆରମ୍ଭ କରାଯାଇଥିଲା ।ବିଧାୟକ ନିଜେ ସାରା ରାତି ଅନିଦ୍ରା ରହି ଉପସ୍ଥିତ ରହିବା ସହ ଗ୍ରାମବାସୀଙ୍କ ସହଯୋଗରେ ବୁଧବାର ସକାଳ ସୁଦ୍ଧା ଉକ୍ତ ସ୍ଥାନରେ ଏକ ସୁନ୍ଦର କଂକ୍ରିଟ ରାସ୍ତା ନିର୍ମାଣ କରାଇଥିଲେ ।ବିଧାୟକଙ୍କ ଏଭଳି ଦୃଢ଼ ପଦକ୍ଷେପ ଯୋଗୁଁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ବଡ଼ ସମସ୍ୟାର ସମାଧାନ ହୋଇପାରିଛି । ଆଉ ୬ ଦିନ ପରେ ଅନ୍ୟ ପାଶ୍ୱର୍ ରାସ୍ତା କଂକ୍ରିଟ ଢଳେଇ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡିଛି ।

## ରୋମାନିଆରୁ ଫେରିଥିବା କଳାକାରଙ୍କୁ ସୀତାରାମୟୁଥ କ୍ଲବର ସ୍ୱାଗତ

ଦଶପଲ୍ଲା(ସବ୍ୟୁ) :ୟୁରୋପ ମହାଦେଶ ରୋମାନିଆରେ ସେକ୍ସପିଅର ନାଟକ ସାନ୍ତାଳି ଭସାରେ ମଞ୍ଚସ୍ଥ କରି ଇତିହାସ ସୃଷ୍ଟି କରିଥିବା କିସ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦ୍ରୋପଦୀ ମୁର୍ମୁ ଓ ଓଡିଶାରେ ସ୍ୱାଗତ ସହ ଶୁଭେଚ୍ଛା ଜଣାଯାଇ ଥିବା ବେଳେ ଦଶପଲ୍ଲା ସୀତାରାମୟୁଥ କ୍ଲବ ପକ୍ଷରୁ ଏହି କଳାକାରମାନଙ୍କୁ ଭବ୍ୟ ସଓ୍ୱାଗତ କରାଯାଇଛି. ସମସ୍ତ କଳାକାର ମାନଙ୍କୁ ସ୍ଥାନୀୟ ତ୍ରିନାଥ ବଜାର ଠାରୁ ଏକ ଶୋଭାଯାତ୍ରାରେ କ୍ଲବ ପରିସରକୁ ଅଣା ଯାଇଥିଲା ।

# ୩୮୦ ପେଟି ବେଆଇନ ମଦ ସହ ଗାଡି ଜବତ: ଜଣେ ଗିରଫ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ବେଆଇନ ମଦ ଚାଲାଣ ହେଉଥିବା ବିଷୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଂକିଆ ପୋଲିସ ଗତକାଲି ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୦୭:୧୬ ମିନିଟ ସମୟରେ ବାହାଡ଼ା ଛକ ନିକଟରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ଏକ ବେଆଇନ ମଦ ବୋଝେଇ ପିକଅପ ଭ୍ୟାନକୁ ଜବତ କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି ।ପୋଲିସ ସୂଚନା ଅନୁଯାୟୀ, ବାହାଡ଼ା ଛକ ନିକଟରେ ସନ୍ଦେହଜନକ ଭାବେ ଗତି କରୁଥିବା ଏକ ମହିନ୍ଦ୍ରା ବୋଲେରୋ ପିକଅପ ଗାଡ଼ି (ରେଜିଷ୍ଟ୍ରେସନ ନଂ- ଓଡ଼ି ୦୨ ବିକେ ୦୬୩୬) କୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ଗାଡ଼ି ଭିତରୁ ୩୮୦ କାର୍ଟୁନ ' ଆସ୍କା ଫର୍ଟୀ' ଦେଶୀ ମଦ ଉଦ୍ଧାର କରାଯାଇଥିଲା, ଯାହାର ଆନୁମାନିକ ପରିମାଣ ପ୍ରାୟ ୧,୯୦୦ ଲିଟର ହେବ ଓ ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।ଏହି ବେଆଇନ ମଦ ପରିବହନ ସମ୍ପର୍କରେ କୌଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ନପାରିବାରୁ ପୋଲିସ ଗାଡ଼ି ଚାଳକକୁ ଘଟଣାସ୍ଥଳରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ତରତୁଆ ଅଞ୍ଚଳର ଦେବାଶିଷ ପଣ୍ଡା (୨୭) ।ଏହି ଘଟଣାରେ ଜଂକିଆ ଥାନା ଏସ.ଆଇ ଜ୍ୟୋତ୍ସ୍ନା ରାୟଙ୍କ ଅଭିଯୋଗ କ୍ରମେ ଓଡ଼ିଶା ଅବକାରୀ ଆଇନ, ୨୦୧୬ ର ଧାରା ୫୨(ଏ) (ଆଇ) ଅନୁଯାୟୀ ଏକ ମାମଲା (କେସ ନଂ- ୪୨୦/୨୦୨୬) ରୁଜୁ କରାଯାଇଛି । ଏହି ବେଆଇନ ମଦ କାରବାର ପଛରେ ଆଉ କାହାର ସଂପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ।ଏହି ସଫଳତା ସମ୍ପର୍କରେ ଆୟୋଜିତ ପ୍ରେସ ମିଟ୍ରେ ଖୋର୍ଦ୍ଧା ଏସପି ପରମାର ସ୍ମିତ ପରଶୋତ୍ତମ ଦାସ , ଖୋର୍ଦ୍ଧା ଏସଡିପିଓ ପଙ୍କଜ କୁମାର ମାଝୀ ଏବଂ ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କାକଟପୁର ବ୍ଲକରେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ

କାକଟପୁର ,(ସବ୍ୟୁ):ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସୁଶାସନ, ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣମୂଳକ ଯୋଜନାର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ, ଏହି କାର୍ଯ୍ୟକ୍ରମ କାକଟପୁର ବ୍ଲକ ସଭା ଉଦଘାଟିତ ହୋଇଯାଇଛି ।

କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ସାହୁ, ଆତ୍ମା କମିଟି ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର, ଶିବ ପ୍ରସାଦ ପ୍ରଧାନ, ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କୃଷି ବିଭାଗ, ଟିପିସିଓଡିଏଲ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ, ମନରେଗା, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ଜୀବିକା ମିଶନ (ମିଶନ ଶକ୍ତି), ସୁଭଦ୍ରା ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ଯୋଜନା, ସେବା ଓ ଜନହିତକର ପଦକ୍ଷେପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା । ଅତିଥିମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ସଦସ୍ୟମାନଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ପାଦ, କାର୍ଯ୍ୟକଳାପ ଓ ସରକାରୀ ସହାୟତା ସମ୍ପର୍କରେ ଅବଗତ ହୋଇଥିଲେ ।

ପରେ ପ୍ରଥମ ଦିନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ସମ୍ମିଳନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ, ସୁଶାସନର ପ୍ରତିବଦ୍ଧତା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସରକାରଙ୍କ ଲକ୍ଷ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ଉନ୍ନୟନର ସୁଫଳ ପହଞ୍ଚାଇବା, ଏଥିସହ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ ଯୋଜନା ଓ ସେବାଗୁଡ଼ିକର ସଫଳ କାର୍ଯ୍ୟାନଓ୍ୱୟନ ସହ ଅଧିକରୁ ଅଧିକ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶାରେ ହେଉଥିବା ପରିବର୍ତ୍ତନ ଓ ବିକାଶମୂଳକ ପଦକ୍ଷେପ ଉପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଲୋକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓଡ଼ିଶାକୁ ଜାତୀୟ ତଥା ବିଶ୍ୱସ୍ତରରେ ଏକ ଆଦର୍ଶ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବା ଦିଗରେ ସହାୟକ ହେଉଛି ।

# ବିଲିପଡ଼ା ରଜ ମହୋତ୍ସବ ଧୂମଧାମରେ ପାଳିତ




ପିପିଲି,(ସବ୍ୟୁ) :ପିପିଲି ବ୍ଲକ ଅନ୍ତର୍ଗତ ବିଲିପଡ଼ା ମେଳଣ ପଡିଆ ଠାରେ ବିଲିପଡ଼ା ରଜ ମହୋତ୍ସବ ଧୂମଧାମ ରେ ପାଳିତ ହୋଇଯାଇଛି । ମହୋତ୍ସବର ମୁଖ୍ୟ ପୁରୋଧା କାହ୍ନୁ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ ବାମଦେବ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଙ୍ଗାଧର ସେଠି,ବାସୁଦେବ ମାଲ ବିଶୋଇ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ,ମୁଖ୍ୟବକ୍ତା ଭାବେ ଜଟଣୀ ସୋମନାଥ ଦେବ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁକାନ୍ତି ମହାପାତ୍ର ଏବଂ ମୁଖ୍ୟଅତିଥି ଭାବେ ଓଡ଼ିଆ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ଏପରି ସଂସ୍କୃତି ଭରା କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ପୁରୁଣା ଦିନର ହଜି ଯାଇଥିବା ସ୍ମୃତିକୁ ମନେ ପକାଇଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ସଫଳତା ପାଇଁ ଦୀପଶିଖା ଦାସ, ସ୍ୱରୂପା ମିଶ୍ର, ଅର୍ପିତା ଦାସ, ପୂର୍ବୀ ଶତପଥୀ, ବର୍ଷାନୀ ଚୌଧୁରୀ,ସ୍ମୃତିମେଧା ସୁଭଦର୍ଶନୀ, ଇସା ଇସିକା, ପ୍ରତୀକ୍ଷା ମିଶ୍ର, ଅର୍ଚିତା ପ୍ରମାଣିକ, ସଂଗୀତ କ୍ଷେତ୍ରରେ ପିଆଲି ପ୍ରିୟଦର୍ଶିନୀ ସ୍ୱାଇଁ ଏବଂ ନୃତ୍ୟ କ୍ଷେତ୍ରରେ ପ୍ରିୟଦର୍ଶିନୀ ପଟନାୟକ,ଇର୍ଷା କାଣ୍ଡି ଏବଂ ସାଇ ସୌମ୍ୟକାନ୍ତ ଙ୍କୁ ମୁଖ୍ୟ ଅତିଥି ଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟତ୍ରୀ ଶୁଚିସ୍ମିତା ଦାସ ହାତ ତିଆରି ପେନସିଲ ଆର୍ଟ ଅତିଥି ମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିବା ବେଳେ ସମାଜସେବୀ ସର୍ବେଶ୍ୱର ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସ୍ଥାନୀୟ କଳାକାର ଏବଂ ଅତିଥି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସମ୍ପର୍କ ଗ୍ରୁପର ସଦସ୍ୟ ମାନେ ପରିଚାଳନା କରିଥିଲେ

# ନୟା ସବେରା ନିମାପଡାୟୁଥଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ



ନିମାପଡା ,( ସବ୍ୟୁ ): ନିମାପଡା ମୁକ୍ତାକାଶ ମଂଚ ପରିସରରେ ନୟା ସବେରା ନିମାପଡାୟୁଥ ଟ୍ରଷ୍ଟ ପକ୍ଷରୁ ତିନିଦିନ ବ୍ୟାପି ଚାଲିଥିବା ରଜ ମହୋସିବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ବ୍ୟାପି ଚାଲିଥିବା ଏହି ମହୋସିବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ,ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି,ପୁରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା,ସ୍ଥାନୀୟ ତହସିଲଦାର ଡଃ. ମନୋଜ ପ୍ରଧାନ,ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ,ନୟା ସବେରା ନିମାପଡାୟୁଥ ଟ୍ରଷ୍ଟର ସଭାପତି ବିଶ୍ୱ ରଂଜନ ତ୍ରିପାଠୀ,ସଂପାଦକ ନିର୍ମଳ ପରିଜା,ଉପଦେଷ୍ଟା ପ୍ରତାପ ସାବ୍ରତ,ଜୀବନ ଜେଯାତି ଶତପଥି,ବିଚିତ୍ରା ନନ୍ଦ ପାତ୍ର,ବନିତା ଜେନା,ଶ୍ରଦ୍ଧାଞ୍ଜଳୀ ଓଝା ପ୍ରମୁଖ ଯୋଗଦେଇ ଓଡିଶାର ସଂସ୍କୃତୀ ଓ ପରମ୍ପରାକୁ ଉଜ୍ଜବୀତ କରି ରଖିବା ପାଇଁ ଏହି ଭଳି ମହୋସିବ ଆୟୋଜନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମହୋସିବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।ନୟାସବେରାର ସଦସ୍ୟ,ଶିକ୍ଷାବିତ୍,ବୁଦ୍ଧିଜୀବୀ,ଜନପ୍ରତିନିଧି,ସମାଜସେବୀ,କ୍ରୀଡାବିତ୍ ପ୍ରମୁଖ ଯୋଗ ଦେଇଥିଲେ। ରଜ ମହୋସିବରେ ତିନିଦିନ ଧରି ପ୍ରବଳ ଜନଗହଳି ଲାଗି ରହିଥିଲା

## ଆମ ଗାଁରେ ଆମ ତହସିଲ

କଣାସ,(ସବ୍ୟୁ):ଏଣିକି ଆଉ ତହସିଲ ଅଫିସକୁ ଦୌଡିବାକୁ ପଡିବନି । ଜମି କାଗଜପତ୍ର, ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକଙ୍କୁ ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ । ଯାହାର ଏବେ ବାସ୍ତବରେ ପରିଣତ ହୋଇଛି । ପୁରୀ ଜିଲ୍ଲା କଣାସ ଅଂଚଳରେ ଗାଁକୁ ଯାଇଛି ତହସିଲ । ଗାଁରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କଣାସ ତହସିଲ କର୍ମଚାରୀ ଦୋକନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଲୋକଙ୍କ ସମସ୍ୟା ବୁଝିଛନ୍ତି । ତହସିଲଦାର ହିମାଂଶୁ ଶେଖର ଗିରି , ରେକଡ କିପର, ଆରଆଇ କାଇଁଫୁଲ ନାୟକ, ସୁପରଭାଇଜର ପ୍ରଭାତ କୁମାର କୁଣ୍ଡୁ ଉପସ୍ଥିତିରେ ୩୦ ଜଣଙ୍କୁ ଜମି ପଟା ବଣ୍ଟନ କରିବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମୀର କେଶରୀ ବଳିଆରସିଂହ,ସରପଂଚ ଈଶ୍ୱର ହରିଚନ୍ଦନ ଓ ଗ୍ରାମ ସଭାପତି ପ୍ରଶାନ୍ତ ସୁନ୍ଦରାୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସାଧାରଣ ଜନସାଧାରଣଙ୍କୁ ଯେପରି ହଇରାଣ ହେବାକୁ ପଡିବନି ସେଥିପାଇଁ ତହସିଲର ସମସ୍ତ କାର୍ଯ୍ୟ ଗାଁରେ ଚାଲିବ ବୋଲି ତହସିଲଦାର ଶ୍ରୀ ଗିରି ସୂଚନା ଦେଇଥିଲେ । ଏନେଇ ନିକଟରେ ସରକାରଙ୍କ ନିଷ୍ପତ୍ତି ପରେ ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟାୟନ ହୋଇଛି ।

## ବନମାଳିପୁର ମୁଣ୍ଡହଣାପାଟଣାରେ ରଜ

ବାଲିପାଟଣା ,( ସବ୍ୟୁ ): ବନମାଳୀପୁର ର ମୁଣ୍ଡହଣା ପାଟଣା ଗ୍ରାମରେ ତିନି ଦିନ ଧରି ରଜ ମହୋତ୍ସବ ବଡ ଧୂମଧାମରେ ପାଳିତ ହୋଇଯାଇଛି ।ମୁଣ୍ଡହଣା ପାଟଣା ଗ୍ରାମର ମା ସିଦ୍ଧେଶ୍ୱରୀପୂଜା କମିଟି ଏହି ରଜ ମହୋତ୍ସବକୁ ଆୟୋଜନ କରି ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଅଛନ୍ତି । ଏହି ମହୋତ୍ସବକୁ ଦେଖିବା ପାଇଁ ଆଖ ପାଖ ଅଞ୍ଚଳର ୨୦୦୦ରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ହୋଇଥିଲେ । ଏହି ମହୋତ୍ସବରେ ପୁଚିଖେଳ, ବାଟି ଚାମଚ ଖେଳ,ମ୍ୟୁଜିକ ଚେୟାର, ରଙ୍ଗୋଲି , ମୁରୁଜ, ଝୋଟିପକା, ଦୋଳି ଖେଳ ସହିତ ସିନିୟର, ଜୁନିୟର ନୃତ୍ୟ ପରିବେଷିତ ହୋଇଥିଲା । ସବୁ ବିଭାଗରେ ପ୍ରଥମ ଦିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ଉପହାର ପ୍ରଦାନ କରାଯାଇଥିଲା ।

# ସହରାଞ୍ଚଳରୁ ୩୯ ପାନୀୟଜଳ ଯୋଗାଣ ମିଟର ଚୋରି



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ଓ୍ୱାର୍ଡ ମଧ୍ୟରେ ବାସଭବନ ଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାନୀୟଜଳ ପାଇପ ଲାଇନରେ ଲଗାଯାଇଥିବା ମିଟରକୁ କିଛି ଦୁର୍ବୃତ୍ତ ଚୋରି କରି ନେଇଥିବା ବେଳେ ଘଟଣା ସଂପର୍କରେ ବିଭାଗ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ସହରାଞ୍ଚଳର ସମସ୍ତ ୧୩ ଗୋଟି ଓ୍ୱାର୍ଡର ବାସିନ୍ଦାମାନଙ୍କ ଗୃହକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ କରାଯାଇଥିବା ବେଳେ ଗୃହର ପାନୀୟଜଳର ଚାହିଦା ଓ ବ୍ୟବହାର ସଂପର୍କରେ ଜାଣିବା ପାଇଁ ହିତାଧିକାରୀ ମାନଙ୍କ ଘର ସମ୍ମୁଖରେ ବିଭାଗ ପକ୍ଷରୁ ଏକ ମିଟର ଲଗାଯାଇଥିବା ବେଳେ ମିଟର ରିଡିଙ୍ଗ କରାଯାଇ ମାସିକ ଦେୟ ଆଦାୟ କରାଯାଇଥାଏ ।

ସୋମବାର ରାତିରେ ତିନି ଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲ ଯୋଗେ ଏକ ନମ୍ବର ଓ୍ୱାର୍ଡ ଜେଲରୋଡ,ଦୁଇ ନମ୍ବର ଓ୍ୱାର୍ଡ ତଳ ସାହି, ବେବର୍ତ୍ତାସାହି,ନଅ ନମ୍ବର ଓ୍ୱାର୍ଡ ମଣିକର୍ଣ୍ଣିକା ସାହି ମଧ୍ୟରେ ୩୯ ଜଣ ହିତାଧିକାରୀ ମାନଙ୍କ ଦୁଆରେ ଲଗାଯାଇଥିବା ପାଣିମିଟର ଗୁଡ଼ିକୁ କାଟି ନେଇ ଯାଇଥିବା ସିସିଟିଭି ଫୁଟେଜରୁ ଦେଖାଯାଇଛି । ହିତାଧିକାରୀ ମାନଙ୍କ ପକ୍ଷରୁ ବିଭାଗୀୟ କାର୍ଯ୍ୟାଳୟକୁ ଘଟଣା ସଂପର୍କରେ ଅବଗତ କରାଇବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ଘଟଣାସ୍ଥଳ ପରିଦର୍ଶନ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ନିଶାଦ୍ରବ୍ୟ ବ୍ୟବହାରକାରୀ ଯୁବକମାନେ ଏହି କାର୍ଯ୍ୟ କରିଥିବା ସଂପର୍କରେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଶୁଭସ୍ମିତା ହେଲେ ରଜ କୁଇନ

ନିମାପଡା,୧୭।୦୬।(ସବୁ୍ୟ) ନିମାପଡା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ ପଂଚାୟତ ବିଷ୍ଣୁପୁର ଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୩ ଦିନ ବ୍ୟାପି ଚାଲିଥିବା ୯ତମ ରଜ ମହୋସିବ ଉଦ୍‌ଯାପିତ ହୋଇଯାଇଛି। ଉସିବରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ପ୍ରବକ୍ତା ସମୀର ରଂଜନ ଦାଶ,ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଶିକ୍ଷାବିତ୍ ଜଗତ ପ୍ରସାଦ ସାବ୍ରତ,କବୟତ୍ରୀ ସଂଗୀତା ଦାଶ ପ୍ରମୁଖ ଯୋଗଦେଇ ଓଡିଶାର କଳା,ସଂସ୍କୃତୀ,ପରମ୍ପରା ଓ ଗଣ ପର୍ବ ରଜ ପାଳନ ସଂପର୍କରେ ଆଲୋକପାତ କରିଥିଲେ। ଦୋଳି,ତାସ ଖେଳ ଠାରୁ ଆରମ୍ଭ କରି ଦୋଳି,ଝିଅ ପିଲାଙ୍କ ମଧ୍ୟରେ ପୁଚି ଖେଳ,ଝୋଟି,ଢଗଢମାଳି ପ୍ରତିଯୋଗିତା ସାଙ୍ଗକୁ ମିଠା ପାନ,ବିଭିନ୍ନ ପିଠା,ମିଠା ଆଦି ସୁସ୍ୱାଦୁ ବ୍ୟଞ୍ଜନ ଖାଇ ସମସ୍ତେ ଖୁସି ମନାଇଥିଲେ। ଏହି ଅବସରରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁଭସ୍ମିତା ରାଉତ ରଜ କୁମାରୀ ୨୦୨୬ ଭାବେ ବିଜୟୀ ହୋଇଥିଲେ। ରଜ କୁଇନ ଶୁଭସ୍ମିତାଙ୍କୁ ୫ ହଜାର ଟଙ୍କା ସହିତ କୁମାରୀ ଟ୍ରଫି ଓ ମୁକୁଟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଆଠଗଡ଼ ଟାଉନ କ୍ଲବ ପକ୍ଷରୁ ତିନିଦିନ ବ୍ୟାପି ରଜ ମହୋତ୍ସବ



ଆଠଗଡ଼ ,(ସବ୍ୟୁ) : ଆଠଗଡ଼ ଟାଉନ କ୍ଲବ ପକ୍ଷରୁ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ରଜ ମହୋତ୍ସବର ଉଦଯାପନୀ ସଂନ୍ଧ୍ୟାରେ କ୍ଲବ ର ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଭୁବନାନନ୍ଦ ଦାସ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଲେଖକ ହିମାଂଶୁ ପରିଡା , ଟାଉନ କ୍ଲବ ସଦସ୍ୟ ଉଦୟନାଥ ଶତପଥୀ, ଲକ୍ଷ୍ମୀଧର ଜେନା,ସହ ସମ୍ପାଦକ ସୋମନାଥ ଭକ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ଲବର କୋଷାଧକ୍ଷ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଆଠଗଡ ମାଟିର ପୁଅ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ବିଜୟ ମହାପାତ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉଦଯାପନୀ ସଂନ୍ଧ୍ୟାରେ ଓଡ଼ିଆ ଜାତିର ପାରମ୍ପରିକ ପିଠା, ହୁଳହୁଳି, ଶଙ୍ଖ ସହ ଏକକ ନୃତ୍ୟରେ କନିଷ୍ଠ, ବରିଷ୍ଠ ବିଭାଗର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମହୋତ୍ସବ ଦ୍ୱିତୀୟ ସଂନ୍ଧ୍ୟା ରେ ଅତିଥି ଭାବେ ରାଜ୍ୟ ସୂଚନା କମିଶନର ଶ୍ରୀମତୀ କଳ୍ପନା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଅଭୟ ବାରିକ,ଅଧ୍ୟାପକ ରେବତୀକାନ୍ତ ମହାରଣା ଯୋଗ ଦେଇଥିଲେ । ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଓଁକାର ଡ୍ୟାନ୍ସ ଏକାଡେମୀ, ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡେମୀ, ଆଠଗଡ କଲଚୁରଲ ଏକାଡେମୀ, ଶ୍ରୀ ରାଧେ ନୃତ୍ୟ ନିଳୟ, ପାୟଲ ଡ୍ୟାନ୍ସ ଗ୍ରୁପ, ଏ ବି ସି ଡି ଡ୍ୟାନ୍ସ ଗ୍ରୁପ ସହ

କଣ୍ଠଶିଳ୍ପୀ ବିପ୍ଳବ ଦାସ, ବଂଶୀବାଦକ ଜ୍ୟୋତିଶଙ୍କର ମହାପାତ୍ର କାଯ୍ୟକ୍ରମ ପରିବେଷଣ କରିଥିଲେ ।ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଜିତେନ୍ଦ୍ର କୁମାର ସଓ୍ୱାଇଁ,ଆଦିତ୍ୟ ଶର୍ମା,ପ୍ରକାଶ ପୁହାଣ, ପରିଚାଳନା କରିଥିଲେ ରଜ ମହୋତ୍ସବ ର ବିଭିନ୍ନ ପ୍ରତିଯୋଗିତା କୁ ରମେଶ ସାହାଣୀ,, ସୋମନାଥ ଭକ୍ତା, ନୀଳକଣ୍ଠ ଦୋରା , ପ୍ରସନ ଭକ୍ତା ପରିଚାଳନା କରିଥିଲେ ।ରଜ ମହୋତ୍ସବ ର ଏହି କାର୍ଯ୍ୟକ୍ରମ ରେ କ୍ଲବର ସଦସ୍ୟ ପାର୍ଥ ସାରଥୀ ପଟ୍ଟନାୟକ, ଶ୍ରୀଧର ରଥ, ସୁନୀଲ ମହାନ୍ତି,ଦେବାଶିଷ ମହାପାତ୍ର ଙ୍କ ସହ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।

# "ବିଶ୍ୱ କୁମ୍ଭୀର ଦିବସ'ରେ ସଚେତନତା ସାଙ୍ଗକୁ ସଂରକ୍ଷଣର ବାର୍ତ୍ତା ଦେଲେ ଉପନିର୍ଦ୍ଦେଶକ

ବାରଙ୍ଗ,(ସବ୍ୟୁ): ବିଶ୍ୱ କୁମ୍ଭୀର ଦିବସ ଅବସରରେ ଆଜି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କୁମ୍ଭୀରମାନଙ୍କ ସଂରକ୍ଷଣ ଓ ସେମାନଙ୍କ ପ୍ରାକୃତିକ ବାସସ୍ଥାନର ସୁରକ୍ଷା ସାଙ୍ଗକୁ ସେମାନଙ୍କର ପରିଚାଳନା ଜଡ଼ିତ କର୍ମଚାରୀଙ୍କ ପ୍ରୟାସ କୁ ସିକୃତି ଦେବା ଉଦ୍ଦେଶ୍ୟରେ ନନ୍ଦନକାନନ ପରିସରରେ ବିଶ କୁମ୍ଭୀର ଦିବସ ପାଳନ କରାଯାଇଛି ।

ନନ୍ଦନକାନନର ଉପ-ନିର୍ଦ୍ଦେଶକ ପ୍ରଦୀପ କୁମାର ମିରାସେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୁମ୍ଭୀର ସଂରକ୍ଷଣରେ ନନ୍ଦନକାନନର ଭୂମିକା ଉପରେ ଆଲୋକପାତ କରିଥିଲେ । ଉଦ୍ୟାନରେ ଥିବା ମଗର, ଘଡ଼ିଆଳ , ଓ ବଉଳା କୁମ୍ଭୀର ପରି ପ୍ରାଣୀ ଉଦ୍ୟାନରେ ଥିବା ୭ ପ୍ରଜାତିର କୁମ୍ଭୀର ବିଷୟରେ ଆଲୋକପାତ କରିଛନ୍ତି ।ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ କୁମ୍ଭୀର ସଂଗ୍ରହକୁ ବଜାୟ ରଖିଛି । ଯେଉଁଥିରେ୭ଟି ପ୍ରଜାତିର ମୋଟ ୨୭୨ଟି କୁମ୍ଭୀର ଅଛନ୍ତି । ଏହି ସଂଗ୍ରହରେ ମଗର କୁମ୍ଭୀର -୫୪, ଘଡିଆଳ -୧୬୯, ଲୁଣିଆ ପାଣି କୁମ୍ଭୀର -୨୫, ମୋରେଲେଟସ କୁମ୍ଭୀର -୨, ସିଆମିଜ କୁମ୍ଭୀର- ୧୪, କୁଭିୟରସ ଡଓ୍ୱାର୍ଫ କାଇମାନ -୫ଏବଂ ନାଇଲ କୁମ୍ଭୀର-୩ଟି ଅଛନ୍ତି । ଆଜି ଏନେଇ ନନ୍ଦନକାନନ ଆୟୋଜିତ ସଭାକାର୍ଯ୍ୟରେ ଶ୍ରୀ ମୀରାସେ ସୂଚନା ଦେବା ସହିତ ପ୍ରାଣୀ ରକ୍ଷକମାନେ କୁମ୍ଭୀରର ଖାଦ୍ୟ, ପ୍ରଜନନ ଓ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ । ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ମହାରଣା ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କୁମ୍ଭୀର ସଂରକ୍ଷଣ ଉପରେ ଏକ ସୂଚନାପ୍ରଦ ବକ୍ତୃତା ପ୍ରଦାନ କରିଥିଲେ । ଯେଉଁଥିରେ କୁମ୍ଭୀରଙ୍କ ପରିବେଶଗତ ଗୁରୁତ୍ୱ ,ସଂରକ୍ଷଣ ଚ୍ୟାଲେଞ୍ଜ ଏବଂ ଏହି ପ୍ରଜାତିଗୁଡ଼ିକୁ ସୁରକ୍ଷା ଦେବାରେ ପ୍ରାଣୀ ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଚିଡ଼ିଆଖାନା ଅଧିକାରୀ, ପଶୁପାଳକ, ଚିଡ଼ିଆଖାନା ସ୍ୱେଚ୍ଛାସେବକ ଏବଂ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଅଂଶ ସଓ୍ୱରୂପ, ନନ୍ଦନକାନନରେ ପରିଚାଳିତ କୁମ୍ଭୀର ପ୍ରଜାତି ପାଳନ, କଲ୍ୟାଣ ଏବଂ ସଂରକ୍ଷଣ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ଅବଦାନ ପାଇଁ ସାତ ଜଣ ଚିଡ଼ିଆଖାନା ରକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା ।

ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ୨୦୧୯ ମସିହାରେ ନନ୍ଦନକାନନ ମହାନଦୀରେ ଘଡିଆଳଙ୍କ ପ୍ରଜାତି ପୁନରୁଦ୍ଧାର ପାଇଁ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ସେବେଠାରୁ କୁମ୍ଭୀର ମାନଙ୍କ ସଂଖ୍ୟା ବୃଦ୍ଧି ଓ ପୁନରୁଦ୍ଧାର କରିବା ପାଇଁ ୩୨ଟି (୧୨ ଅଣ୍ଡିରା ଏବଂ ୨୦ ମାଈ) ଜିପିଏସ /ଭିଏଚଏଫ ଟ୍ୟାଗ ହୋଇଥିବା ଘଡ଼ିଆଲ ମହାନଦୀରେ ଛଡ଼ାଯାଇଛି ।ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ସମ୍ପ୍ରଦାୟ-ଭିତ୍ତିକ ସଂରକ୍ଷଣ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି, ଯେଉଁଥିରେ ୧୦ କିଲୋମିଟର ମାଛ ଧରିବା ପାଇଁ କ୍ଷତିପୂରଣ, ଦୁର୍ଘଟଣାବଶତଃ ଧରାପଡ଼ିଥିବା ଘଡ଼ିଆଳଙ୍କ ପ୍ରୋତ୍ସାହନମୂଳକ ପ୍ରତ୍ୟାବର୍ତ୍ତନ ଏବଂ କୁମ୍ଭୀରା ବନ୍ଧୁ ଅଭିଯାନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

ପ୍ରାୟ ୪୦ବର୍ଷ ପରେ ମହାନଦୀରେ ଘଡ଼ିଆଳଙ୍କ ପ୍ରାକୃତିକ ପ୍ରଜନନର ପୁନରୁଦ୍ଧାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି । ୨୦୨୧ରୁ ୨୦୨୫ ମଧ୍ୟରେ ମୋଟ ୧୬୦ଟି ଛୁଆ ଜନ୍ମ ହୋଇଛନ୍ତି । ଏହି ବର୍ଷ ସାତକୋଶିଆ ଘାଟିରେ ଗୋଟିଏ ଘଡ଼ିଆଳ ଅଣ୍ଡା ଦେଇଥିଲା ଏବଂ ୧୯ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲା । ଅନ୍ୟପକ୍ଷରେ ନନ୍ଦନକାନନରେ ଏମାନଙ୍କ ପ୍ରଜନନରେ ବୃହତ ସଫଳତା ହାସଲ କରିଛି । ୨୦୨୫ରେ ୧୪ଟି ଛୁଆ ଜନ୍ମ ହୋଇଥିଲା ବେଳେ ୨୦୨୬ ରେ ୭୬ଟି ଛୁଆ ଜନ୍ମ ହୋଇଛନ୍ତି । ଏହି ସଫଳତାଗୁଡ଼ିକ ଗୁରୁତର ବିଲୁପ୍ତପ୍ରାୟ କୁମ୍ଭୀର ମାନଙ୍କ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ନନ୍ଦନକାନନର ସମନଓ୍ୱିତ ପଦ୍ଧତିର ପ୍ରଭାବଶାଳୀତାକୁ ପ୍ରଦର୍ଶନ କରେ ବୋଲି ଉପ ନିର୍ଦ୍ଦେଶକ ଶ୍ରୀ ମୀରାସେ ପ୍ରକାଶ କରିଛନ୍ତି ।

## ସମ୍ପାଦକୀୟ

# ବନାନ ଭୁଲ ପାଇଁ ଦାୟୀ କିଏ ?

ଆମ ରାଜ୍ୟ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବାର ନବେ ବର୍ଷ ଅତିକ୍ରାନ୍ତ ହେଲାଣି । ତଥାପି ଆମ କଥିତ ଓ ଲିଖିତ ଭାଷାରେ ଯାବତୀୟ ଭୁଲ ପରିଲକ୍ଷିତ ହୋଇଛି । ଏଥିପାଇଁ ଉଭୟ ସରକାର ଓ ଆମେ ଓଡ଼ିଆମାନେ ଦାୟୀ । ଆମ ଓଡ଼ିଶା ଶହେ ବର୍ଷରେ ପାଦ ଦେଲା ବେଳକୁ ଆମ ଭାଷା ସୁନ୍ଦର ଓ ନିର୍ଭୁଲ ବୋଲି କହି ପାରିବା କି ?

ଗୋଟିଏ ଛୋଟ କଥାରୁ ଆରମ୍ଭ କରୁଛି । ଇଂରେଜମାନଙ୍କ ଅମଳରୁ ଯେଉଁ ସବୁ ସ୍ଥାନର ନାମ ଭୁଲ ଥିଲା, ତାହାକୁ ସଂଶୋଧନ କରିବାକୁ ରାଜ୍ୟ ସରକାର କମିଟିଟିଏ ଗଢ଼ିଥିଲେ ଡଃ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ । ସେ ପ୍ରାୟ ଅନେକ ସ୍ଥାନର ନାମକୁ ପରିବର୍ତ୍ତନ କରିଛନ୍ତି ଇଂରାଜୀ ଭାଷାରେ । ମାତ୍ର ଇଂରାଜୀ ଭାଷାରେ 'ଭୁବନେଶ୍ୱର' (Bhubaneshwar) ପରିବର୍ତ୍ତେ (Bhubaneswar ) କାହିଁକି ଲେଖା ଯାଉଛି ବୋଲି ଏବେ ସ୍ୱର ଉତ୍ତୋଳନ କରିଛନ୍ତି ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ । ଇଂରାଜୀରେ 'sh' ପରିବର୍ତ୍ତେ 's' ରହିବ କାହିଁକି ? ଏ ବିଷୟଟି ଡଃ ରାୟଙ୍କ ଦୃଷ୍ଟିରେ ପଡ଼ିଲା ନାହିଁ କିପରି ? ଆମର କହିବା କଥା ଡକ୍ଟର ଦୁଃଖୀଶ୍ୟାମ ପଟ୍ଟନାୟକ ବା ଶ୍ରୀ ହରପ୍ରସାଦ ଦାସଙ୍କ ପରି ବଡ଼ ବଡ଼ ସାହିତ୍ୟିକମାନଙ୍କୁ ଏହି କମିଟିରେ ରଖିଥିଲେ ସମ୍ଭବତଃ ଭଲ ହୋଇଥାନ୍ତା ।

**ଇଲକ୍ଟ୍ରୋନିକ ବା ତଡିତ ଗଣମାଧ୍ୟମରେ ଓଡ଼ିଆ ଭାଷାକୁ ଏପରି ବିକୃତ କରାଯାଉଛି ଯେ ଦୁଃଖ ଲାଗିବ । ମାତ୍ର ଓଡ଼ିଆମାନେ ଯଦି ଏ ସବୁର ଦୃଢ ପ୍ରତିବାଦ ନ କରିବେ, ତେବେ ଓଡ଼ିଆ ଜାତି ପୂର୍ବପରି ବୀର ଜାତିରେ ଗଣା ନ ହୋଇ ଭୀରୁ ଜାତି ମଧ୍ୟରେ ପରିଗଣତ ହେବ, ଏଥିରେ ସନ୍ଦେହ ନାହିଁ ।**

ସେହିପରି ଆମ ପିଲାଙ୍କ ପାଇଁ ରାଜ୍ୟ ସରକାର ପ୍ରକାଶ କରିଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୫୫ଟି ପୁସ୍ତକରେ ହଜାରେ ୬୭୮ଟି ଭୁଲ ବା ତୃଟି ପରିଲକ୍ଷିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, 'ଜାତୀୟ ଶିକ୍ଷାନୀତି ଆଧାରରେ ଏନ୍‌ସିଇଆରଟିର ବହିକୁ ନେଇ ଆମେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିଛୁ । ଭୁଲ ଥିଲେ ସଂଶୋଧନ କରିବୁ ।' ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ଏପରି ଉତ୍ତର ଦେବା ପ୍ରକୃତରେ ଉଚିତ ହୋଇନାହିଁ । ବିଜେଡି ପକ୍ଷରୁ ଏପରି ତୃଟି ବ୍ୟବସ୍ଥାକୁ ବିରୋଧ କରାଯାଇ ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଥିଲା ।

ଜଣେ ଦଳୀୟ ମୁଖପାତ୍ର ରାଜ୍ୟ ସରକାରଙ୍କର ଏପରି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ମାତ୍ର 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'(ଇଂରାଜୀ) ଦୁଇଟି ଯାକ ପତ୍ରିକା ଦାୟିତ୍ୱରେ ସେହି ମୁଖପାତ୍ରଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ରଖିଥିଲେ । ସେ କ'ଣ ରାଜ୍ୟର ଜଣେ ଭାଷାବିତ୍, ଲେଖକ ନା ଆଉ କିଛି ଥିଲେ ? ତାଙ୍କ ସମୟରେ ସେ ନାମକୁ ମାତ୍ର ସମ୍ପାଦକ ପଦବୀରେ ରହି ମାସିକ ହଜାର ହଜାର ଟଙ୍କାର ଦରମା ଓ ଗସ୍ତ ଖର୍ଚ୍ଚ ପ୍ରଭୃତି ନେଉଥିଲେ । ଇଂରାଜୀ ବା ଓଡ଼ିଆ ଭାଷାରେ ସେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ କିଛି ଲେଖି ପାରୁ ନ ଥିଲେ । ତାଙ୍କ ସମୟରେ ଉଭୟ ସରକାରୀ ପତ୍ରିକାରେ ଯାବତୀୟ ଭୁଲଭଟକା ପରିଲକ୍ଷିତ ହେଉଥିଲା । ଅବଶ୍ୟ ନବୀନ ବାବୁ ସାମାନ୍ୟ ଓଡ଼ିଆ ଭାଷା ଜାଣିଥିବାରୁ ସେ ସମ୍ପାଦକଙ୍କ ଅଜ୍ଞାନତା ବିଷୟରେ ଜାଣି ପାରି ନଥିଲେ । ରାଜ୍ୟରେ ଯେଉଁ 'ଅର୍ନ୍ତଜାତୀୟ ଭାଷା ସମ୍ମିଳନୀ' ବିଜେଡି ପକ୍ଷରୁ ହେଲା, ସେହି ସଭାରେ ସେ ମୁଖପାତ୍ର ଜଣକ ପ୍ରଥମ ଧାଡ଼ିରେ ବସିବା ଅର୍ଥରୁ ଜଣା ଯାଇଥିଲା ଯେ ତତ୍କାଳୀନ ନବୀନ ସରକାର ଭାଷା ସମ୍ମିଳନୀକୁ ନେଇ କିପରି ତାମସା କରୁଥିଲେ । ଯେଉଁ ପ୍ରକୋଷ୍ଠରେ ରାଜ୍ୟ ମନ୍ତ୍ରିମଣ୍ଡଳର ବୈଠକ ବସେ, ନବୀନ ବାବୁଙ୍କ ଅମଳରେ 'ମନ୍ତ୍ରୀମଣ୍ଡଳ' ବୋଲି ସେହି ପ୍ରକୋଷ୍ଠ ବାହାରେ ଲେଖା ଯାଇଥିଲା । ନୂତନ ବିଜେପି ସରକାର ଆସି ତାହା ବଦଳାଇ 'ମନ୍ତ୍ରିମଣ୍ଡଳ' ବୋଲି ଉଲ୍ଲେଖ କରିଥିଲେ ।

ଭାଷା ସାହିତ୍ୟରେ ବନାନ ଭୁଲ ଓ ଅନ୍ୟାନ୍ୟ ଦୋଷତୃଟି ଥାଏ । ସେ ସବୁର ସଂଶୋଧନ କରାଯାଏ । ମାତ୍ର ଏତେ ସଂଖ୍ୟାରେ ତୃଟି ରହିଲେ, ରାଜ୍ୟ ସରକାର ନିଜ ଦୋଷକୁ ସ୍ୱୀକାର କରିବାଟା ତାଙ୍କର ମହତପଣିଆ ବୋଲି କୁହାଯିବ । ୨୦୨୪ରେ 'ଅର୍ନ୍ତଜାତୀୟ ଭାଷା ସମ୍ମିଳନୀ' ଆରମ୍ଭରୁ ବିଗତ ସରକାରଙ୍କ ମୁଣ୍ଡରେ ଚାଳ ବାଜିଲା । ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁବାସ ପାଣି (ଏବେ ସ୍ୱର୍ଗରେ) ଙ୍କ ତନୟା 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବିଙ୍କୁ ଏକାଧିକ ଥର 'କଣ୍ଠକବି' ବୋଲି ସମ୍ବୋଧନ କରିଥିଲେ । ମାତ୍ର ସେଠାରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ସେଠାରେ ଉପସ୍ଥିତ ରହି ପ୍ରତ୍ୟେକେ ଲକ୍ଷେ ଟଙ୍କାର ପୁରସ୍କାର ପାଇଥିବା ତିନିଜଣ ପ୍ରତିଷ୍ଠିତ ଲେଖକ ଓ ଲେଖିକା ତୃଟି ସଂଶୋଧନ କରିବାକୁ କେହି ଜଣେ ହେଲେ ବି ମୁହଁ ଖୋଲି ନଥିଲେ ।

ଭାରି ଦୁଃଖ ଲାଗିଥିଲା । ଓଡ଼ିଆମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏହାର ଏପରି ଘୋର ପ୍ରତିବାଦ କରିଥିଲେ ଯେ ରାଜ୍ୟ ସରକାର ନିଜେ ତ ସେଥିପାଇଁ ଦୁଃଖ ପ୍ରକାଶ କଲେ ନାହିଁ, ବରଂ ଘୋଷିକା ଶ୍ରୀମତୀ ପାଣି ଏକ ସାମାଜିକ ଗଣମାଧ୍ୟମରେ କହିଥିଲେ-'ଏହା ମୋର ସ୍ଲିପ୍ ଅଫ୍ ଟଙ୍ଗ୍' (ପାଟିରୁ ଖସି ଯାଇଛି) । ନିଜର ତୃଟି ପାଇଁ ସେ କ୍ଷମା ମଧ୍ୟ ମାଗିଲେ ନାହିଁ । ଅଥଚ ସେ ତାଙ୍କର ପ୍ରାପ୍ୟ ବାବଦରେ ବିପୁଳ ପରିମାଣର ଅର୍ଥ ନେଇ ପଳାଇଗଲେ ।

ଇଲକ୍ଟ୍ରୋନିକ ବା ତଡିତ ଗଣମାଧ୍ୟମରେ ଓଡ଼ିଆ ଭାଷାକୁ ଏପରି ବିକୃତ କରାଯାଉଛି ଯେ ଦୁଃଖ ଲାଗିବ । ମାତ୍ର ଓଡ଼ିଆମାନେ ଯଦି ଏ ସବୁର ଦୃଢ ପ୍ରତିବାଦ ନ କରିବେ, ତେବେ ଓଡ଼ିଆ ଜାତି ପୂର୍ବପରି ବୀର ଜାତିରେ ଗଣା ନ ହୋଇ ଭୀରୁ ଜାତି ମଧ୍ୟରେ ପରିଗଣତ ହେବ, ଏଥିରେ ସନ୍ଦେହ ନାହିଁ ।

# ବିକଶିତ ଓଡ଼ିଶା ପଥରେ ଆଞ୍ଚଳିକ ବୈଷମ୍ୟର ଆହ୍ୱାନ



**ତେଜେଶ୍ୱର ପଟ୍ଟନାୟକ**

ବିଗତ ଦୁଇ ଦଶନ୍ଧି ଧରି ଓଡ଼ିଶାର ଆର୍ଥିକ କ୍ଷେତ୍ରରେ ବିଶେଷ ଉନ୍ନତି ଘଟିଛି । ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ସରକାରଙ୍କ ଆଗରେ ଅନେକ ଆହ୍ୱାନ ରହିଛି । ତନ୍ମଧ୍ୟରୁ ବିକଶିତ ଏବଂ ପଛୁଆ ଅଞ୍ଚଳ ମଧ୍ୟରେ ବର୍ଦ୍ଧିତ ଅସମାନତା ଚିନ୍ତାର ବିଷୟ ଅଟେ ।

ଓଡ଼ିଶା ପ୍ରଚୁର ପ୍ରାକୃତିକ ସମ୍ପଦରେ ଭରପୁର ରାଜ୍ୟ । ଦେଶର ସିଂହଭାଗ ଖଣିଜଦ୍ରବ୍ୟ ଯଥା ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ ଆମ ରାଜ୍ୟରେ ଅବସ୍ଥିତ । ଏଥି ସହିତ ରାଜ୍ୟରେ ବ୍ୟାପକ ଜଙ୍ଗଲ ସମ୍ପତ୍ତି ଏବଂ ସୁଦୀର୍ଘ ଉପକୂଳ ରହିଛି । ଚାରି ଦଶନ୍ଧି ପୂର୍ବେ, ଆମ ରାଜ୍ୟ କଳାହାଣ୍ଡି-ବଲାଙ୍ଗିର-କୋରାପୁଟ (KBK) ଅଞ୍ଚଳରେ ଅନାହାର ମୃତ୍ୟୁ ଓ ଦାରିଦ୍ର୍ୟ ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା । ତେବେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ବିକାଶର ମାନଚିତ୍ର ବଦଳିବାକୁ ଲାଗିଛି । ଓଡ଼ିଶା କୃଷି, ଶିଳ୍ପ, ଭିତ୍ତିଭୂମି ଏବଂ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ଭାରତର ଦ୍ରୁତତମ ଆର୍ଥିକ ଅଭିବୃଦ୍ଧିଶୀଳ ରାଜ୍ୟମାନଙ୍କମଧ୍ୟରୁ ଏହା ନିଜକୁ ପ୍ରତିପାଦନ କରିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା,ଆମ ରାଜ୍ୟର ଦାରିଦ୍ର୍ୟ ହ୍ରାସ କରିବାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନିତି ଆୟୋଗଠାରୁ ଉଚ୍ଚ ପ୍ରଶଂସିତ ହୋଇଛି । ଏହି ଆୟୋଗର ସବିଶେଷ ଆକଳନ ଅନୁଯାୟୀ, ଓଡ଼ିଶାର ବହୁପରିମାଣର ଦାରିଦ୍ର୍ୟ ସୂଚକାଙ୍କ (MPI) ୨୦୨୩ ମସିହାରେ ୧୪.୯୬ ପ୍ରତିଶତ ଥିଲା ଏବଂ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ୧୯ ତମ ସ୍ଥାନକୁ ଉନ୍ନୀତ ହେଇଛି ।

ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଦାରିଦ୍ର୍ୟହାର ହ୍ରାସ ସୂଚକାଙ୍କରେ ସବୁଠାରୁ ଦ୍ରୁତତମ ରେକର୍ଡ କରିଛି । ବୈଶିକ ବହୁପରିମାଣୀୟ ଦାରିଦ୍ର୍ୟ ସୂଚକାଙ୍କ (MPI) ଫ୍ରେମୱାର୍କ ସହିତ ସମନ୍ୱୟ ରଖି, ନୀତି ଆୟୋଗ ତିନୋଟି କ୍ଷେତ୍ର ଯଥା- ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ମାନ (Standard of living)ର ବାରଟି ସାମାଜିକ-ଅର୍ଥନୈତିକ ସୂଚକାଙ୍କକୁ ଅନ୍ତର୍ଭୁକ୍ତ କରି ଦାରିଦ୍ର୍ୟହାରର ସର୍ବେକ୍ଷଣ କରୁଛନ୍ତି । ଓଡ଼ିଶାର ସାମଗ୍ରିକ ବିକାଶ ପ୍ରଶଂସନୀୟ ହୋଇଥିଲେ ମଧ, ଆନ୍ତଃ-ଆଞ୍ଚଳିକ ବୈଷମ୍ୟ ବିଶେଷ ଚିନ୍ତା ପ୍ରକଟ କରୁଛି । ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଏବଂ ନୂଆପଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ବହୁମୁଖୀ ଅଭାବ ଚିନ୍ତାଜନକ ଭାବରେ ଅଧିକ ରହିଛି । ଯେଉଁ ଜିଲ୍ଲାଗୁଡ଼ିକରେ ଅନୁସୂଚିତ ଜନଜାତି ଜନସଂଖ୍ୟା ୫୫ ପ୍ରତିଶତରୁ ଅଧିକ, ସେଠାରେ ପ୍ରାୟ ୩୦ରୁ ୪୦ ପ୍ରତିଶତ ପରିବାର ସ୍ୱାସ୍ଥ୍ୟ, ପୁଷ୍ଟିସାର, ଶିକ୍ଷା ଏବଂ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି । ମାଲକାନଗିରି ଏବଂ ନୂଆପଡ଼ା ଜିଲ୍ଲାରେ ଯଥାକ୍ରମେ ପ୍ରାୟ ୪୫ ପ୍ରତିଶତ ଏବଂ ୩୩ ପ୍ରତିଶତ ଦାରିଦ୍ର୍ୟ ହାର (ଏମ୍ ପି ଆଇ ) ସ୍ତର ରେକର୍ଡ କରାଯାଇଛି । ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରେ ପଛୁଆ ଜିଲ୍ଲାଗୁଡ଼ିକର ଯଥେଷ୍ଟ ଅବଦାନ ରହିବା ସତ୍ତ୍ୱେ ସାମାଜିକ ଓ ଆର୍ଥିକ ସୂଚକାଙ୍କମାନକରେ ଏମାନେ ବହୁତ ପଛରେ ଅଛନ୍ତି । ଏହି ଆଞ୍ଚଳିକ ବୈଷମ୍ୟ ଯୋଗୁଁ ଓଡ଼ିଶା ରାଷ୍ଟ୍ରୀୟ ସ୍ତରରେ ଆଖିଦୃଶିଆ ପ୍ରଦର୍ଶନ କରିପାରିନାହିଁ ।

ଆଦିବାସୀ ଜିଲ୍ଲାଗୁଡ଼ିକରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ହେଉଛି କମ୍ ସାକ୍ଷରତା ହାର । ଓଡ଼ିଶାର ସାକ୍ଷରତା ହାର ପ୍ରାୟ ୭୯ ପ୍ରତିଶତ ଥିଲେ ମଧ ଅନେକ ଆଦିବାସୀ ବହୁଳ ଜିଲ୍ଲାରେ ଏହି ହାର ନିରୁତ୍ସାହଜନକ । ନବରଙ୍ଗପୁର ଜିଲ୍ଲାର ସାକ୍ଷରତା ହାର ରାଜ୍ୟର ସର୍ବନିମ୍ନ ୪୬.୪ ପ୍ରତିଶତ ରେକର୍ଡ କରାଯାଇଛି । ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାର ମଧ ନିମ୍ନ ପ୍ରଦର୍ଶନ ଅଛି । ପିଲାଙ୍କ ସ୍କୁଲ ଛାଡିବା ହାର ଅଧିକ ରହିଛି, ବିଶେଷକରି ମାଧ୍ୟମିକ ସ୍ତରରେ ବ୍ୟାପକ ଅଟେ । ପୁଅମାନେ ପ୍ରାୟତଃ ସେମାନଙ୍କ ପରିବାରବର୍ଗଙ୍କୁ ଜମିରେ ଚାଷ କାର୍ଯ୍ୟରେ ସହଯୋଗ କରନ୍ତି ଏବଂ ଝିଅମାନେ ପରିବାରର ଦାୟିତ୍ୱ ଏବଂ ଭାଇଭଉଣୀଙ୍କ ଯତ୍ନରେ ନିୟୋଜିତ ହୁଅନ୍ତି । ପରିବାରରେ ଦାରିଦ୍ର୍ୟ ଏବଂ ସ୍ୱଳ୍ପ ଆୟ ଯୋଗୁଁ ପିତାମାତାମାନେ ପିଲାଙ୍କୁ ସ୍କୁଲରେ ପଢେଇବା ଅପେକ୍ଷା ତୁରନ୍ତ ପେଟ ପୋଷି ବଞ୍ଚି ରହିବା ପାଇଁ ପ୍ରାଥମିକତା ଦିଅନ୍ତି । ତେଣୁ ଶିକ୍ଷାର ଉନ୍ନତି ପାଇଁ ପରିବାରର ଆୟ ବୃଦ୍ଧି ଅତ୍ୟନ୍ତ ଜରୁରୀ ।

**ଏହା କ୍ରମଶଃ ସ୍ଥାନୀୟ ଜନଅସନ୍ତୋଷ ସୃଷ୍ଟି କରିପାରେ, କାରଣ ଆଦିବାସୀ ସମ୍ପ୍ରଦାୟ ବିସ୍ଥାପନ ହୁଅନ୍ତି ଓ ନିଜର ପାରମ୍ପରିକ ଜୀବିକା ହରାଇ ବସନ୍ତି । ସ୍ଥାନୀୟ ନିଯୁକ୍ତି ସୁଯୋଗର ଆଶା ହରାଇ ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଭଳି ଜିଲ୍ଲାରୁ ଅନେକ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ଅନ୍ୱେଷଣରେ ଯାଉଛନ୍ତି । ବିକଶିତ ଓଡ଼ିଶା-୨୦୩୬ର ଦୃଷ୍ଟିକୋଣକୁ ସାକାର କରିବାକୁ ହେଲେ, ରାଜ୍ୟ ସରକାର ଆଗକୁ ବଢ଼ି ଅତି ଆନ୍ତରିକତାର ସହ ଅନ୍ତର୍ଭୁକ୍ତ ବିକାଶ ଉପରେ ଧ୍ୟାନ ଦେବାକୁ ପଡିବ ।**

ପଛୁଆ ଜିଲ୍ଲାଗୁଡ଼ିକରେ ସାକ୍ଷରତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୂଚକାଙ୍କରେ ହୋଇଥିବା ଅଗ୍ରଗତିକୁ ପ୍ରଶାସନର ପ୍ରତ୍ୟେକ ସ୍ତରରେ ନିୟମିତ ଭାବରେ ସମୀକ୍ଷା କରିବା ଶ୍ରେୟସ୍କର ଏବଂ ଆବଶ୍ୟକ ସ୍ଥଳେ ସଂଶୋଧନମୂଳକ ପଦକ୍ଷେପ ନିଆଯିବା ଉଚିତ । କଲ୍ୟାଣମୂଳକ ଯୋଜନାଗୁଡ଼ିକର ସଫଳ ରୂପାୟନ ସୁନିଶ୍ଚିତ କରିବାରେ ଜନ ପ୍ରତିନିଧିମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟର ଅଧିକାଂଶ ଆଦିବାସୀ ପରିବାର ଅତି କ୍ଷୁଦ୍ରଚାଷୀ, ଭାଗଚାଷୀ ଓ କୃଷି ଶ୍ରମିକବର୍ଗର ଅଟନ୍ତି । ବର୍ଷସାରା ନିଜ ପରିବାର ପୋଷିବା ପାଇଁ ଏହି ବର୍ଗର କୃଷି ଆୟ ପ୍ରାୟତଃ ପର୍ଯ୍ୟାପ୍ତ ନୁହେଁ, ଯାହା ଫଳରେ ଅନେକ ସହରାଭିମୁଖୀ ହୁଅନ୍ତି । ଅନ୍ୟ ବିକଶିତ ରାଜ୍ୟକୁ ରୋଜଗାର ପାଇଁ ସେମାନେ ଯାଆନ୍ତି ।

ପିରିୟଡିକ୍ ଲେବର ଫୋର୍ସ ସର୍ଭେ (PLFS)ର ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳର ପ୍ରାୟ ୭୫ ପ୍ରତିଶତରୁ ୮୦ ପ୍ରତିଶତ ଶ୍ରମଶକ୍ତି କୃଷି ଉପରେ ନିର୍ଭରଶୀଳ ଏବଂ ତୁଳନାତ୍ମକ ଭାବରେ କମ୍ ମଜୁରୀ ପାଇଥାନ୍ତି ।

ତେଣୁ, ସରକାରଙ୍କ ଆଗରେ କିପରି ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି (inclusive growth)ସୁନିଶ୍ଚିତ କରାଯିବ, ତାହା ବର୍ତ୍ତମାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଆଞ୍ଚଳିକ ଆର୍ଥିକ ଅସମାନତାକୁ ଦୂର କରିବା ପାଇଁ ସରକାରଙ୍କୁ ପ୍ରୟାସ କରିବା ଦରକାର । ସ୍ଥାନୀୟ ସମ୍ବଳ ଏବଂ ଦକ୍ଷତାକୁ ଭିତ୍ତି କରି ପଛୁଆ ଜିଲ୍ଲାଗୁଡ଼ିକରେ ଶ୍ରମ-ନିପୁଣ ଶିଳ୍ପକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଅଛି ।

କୃଷି-ପ୍ରକ୍ରିୟାକରଣ ୟୁନିଟ୍, ଜଙ୍ଗଲ-ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ, ହସ୍ତତନ୍ତ କାର୍ଯ୍ୟକଳାପ ଏବଂ ଏମଏସଏମଏଇ (MSME) କ୍ଲଷ୍ଟର ନିଯୁକ୍ତି ସୃଷ୍ଟି କରିପାରିବ ଏବଂ ଗ୍ରାମାଞ୍ଚଳରେ ଆୟ ବୃଦ୍ଧି କରିପାରିବ । ଏପରି ପଦକ୍ଷେପ ଅନ୍ୟ ରାଜ୍ୟକୁ ସେମାନଙ୍କ ସ୍ଥାନାନ୍ତରଣ ଅଟକେଇ ପାରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବ ।

ପଛୁଆ ଅଞ୍ଚଳରେ ଭିତ୍ତିଭୂମି ବିକାଶ ଉପରେ ମଧ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ଦୁର୍ଗମ ଆଦିବାସୀ ଅଞ୍ଚଳରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉନ୍ନତ ରାସ୍ତା, ଜଳସେଚନ ସୁବିଧା, ଡିଜିଟାଲ୍ ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏବଂ ବିଦ୍ୟୁତ ଯୋଗାଣ ଅତ୍ୟନ୍ତ ଜରୁରୀ । କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ସହଜ ପ୍ରକ୍ରିଆରେ ଜମି ଉପଲବ୍ଧତା, ଅସୁବିଧା ମୁକ୍ତ ଅନୁମୋଦନ, ଉନ୍ନତ ଲଜିଷ୍ଟିକ୍ସ ଏବଂ ଋଣର ସହଜ ଉପଲବ୍ଧତା ଏ ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପକୁ ଆହୁରି ପ୍ରୋତ୍ସାହିତ କରିପାରିବ । ଆଦିବାସୀ ଯୁବକମାନେ ନିଯୁକ୍ତି ପାଇପାରିବେ । ତେବେ ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥାନୀୟ ଶିଳ୍ପ ସହିତ କିପରି ସମନ୍ୱୟ ରଖାଯିବ, ତାହା ସରକାରଙ୍କୁ ଦୃଷ୍ଟି ଦେବାକୁ ପଡିବ ।

ଆଦିବାସୀ ବହୁଳ ଜିଲ୍ଲା ଏବଂ ବିକଶିତ ଅଞ୍ଚଳ ମଧ୍ୟରେ ମୁଣ୍ଡପିଛା ଆୟର ବ୍ୟବଧାନ ମଧ୍ୟ ଅଧିକ ରହିଛି । ଅନେକ ପଛୁଆ ଜିଲ୍ଲାରେ ପ୍ରତି ଗ୍ରାମୀଣ ପରିବାରର ହାରାହାରି ବାର୍ଷିକ ଆୟ ପ୍ରାୟ, ୩୨୦୦୦ ଅଟେ । ଦୁର୍ବଳ ଜନଜାତି ଗୋଷ୍ଠୀ ବିଶେଷକରି ଡଙ୍ଗରିଆ କନ୍ଧ ଏବଂ କୁଟିଆ କନ୍ଧଙ୍କ ଅବସ୍ଥା ଦୟନୀୟ ଅଛି । ଏହି ସମ୍ପ୍ରଦାୟ ମଧ୍ୟରେ ପାରିବାରିକ ମାସିକ ରୋଜଗାର ପ୍ରାୟତଃ ୨୧୦୦ ରୁ ୪୩୦୦ ମଧ୍ୟରେ ଆକଳନ ହେଇଛି, ଯାହା ସେମାନଙ୍କ ଆର୍ଥିକ ଦୂରାବସ୍ଥାକୁ ପ୍ରତିଫଳିତ କରେ ।

ଓଡ଼ିଶା ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ଜି ଡି ପି (GDP) ଅଭିବୃଦ୍ଧି ହାର ୭.୯ ପ୍ରତିଶତ ଅଛି, ଯାହା ଜାତୀୟ ହାରାହାରି ଠାରୁ ଅଧିକ ଅଛି । କିନ୍ତୁ ବିଡ଼ମ୍ବନାର ବିଷୟ , ରାଜ୍ୟର ମୁଣ୍ଡପିଛା ଆୟ ପ୍ରାୟ ୧.୮୭ ଲକ୍ଷ ଅଟେ ଏବଂ ଏହା ବିକଶିତ ରାଜ୍ୟ ତୁଳନାରେ ବହୁତ କମ୍ ଅଛି ।

ଜାତୀୟ ମୁଣ୍ଡ ପିଛା ଆୟ (୨.୨୦ ଲକ୍ଷ) ଠାରୁ ପଛରେ ରହିଛି । ଯଦିଓ ଓଡ଼ିଶାର ଅଭିବୃଦ୍ଧି ହାର ପ୍ରଶଂସାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନର ବିଜେପି ସରକାର ଆଦିବାସୀ ଏବଂ ପଛୁଆ ଜିଲ୍ଲାଗୁଡ଼ିକରେ ମୁଣ୍ଡପିଛା ଆୟ ବୃଦ୍ଧି ଏବଂ ବହୁମୁଖୀ ଦାରିଦ୍ର୍ୟ ହ୍ରାସ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । କାରଣ ଏହା ଆମ ରାଜ୍ୟର ସ୍ୱାଭିମାନ ଓ ଗୌରବର ପ୍ରଶ୍ନ ଅଟେ । ଏହି ପଛୁଆ ଅଞ୍ଚଳର ଦ୍ରୁତ ଉନ୍ନତି ଓ ଲକ୍ଷ୍ୟ ପୂରଣ ପାଇଁ ଶାସନକଳର ବିଭିନ୍ନ ସ୍ତରରେ ବିକାଶ ସହ ଜଡିତ ନିୟୋଜିତ କର୍ମଚାରୀମାନେ ଉତ୍ତରଦାୟୀ ରହିବା ଉଚିତ ।

ଆମ ରାଜ୍ୟ ଇସ୍ପାତ, ଆଲୁମିନିୟମ, ଖଣି, ନବୀକରଣ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ, ବିଶେଷକରି କେନ୍ଦୁଝର ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ଯଥେଷ୍ଟ ଘରୋଇ ନିବେଶ ଆକର୍ଷିତ କରିଛି । ତଥାପି, ସ୍ଥାନୀୟ ଯୁବପିଢ଼ି ପ୍ରାୟତଃ ନିଜର ବୈଷୟିକ ଜ୍ଞାନ ଏବଂ ବୃତ୍ତିଗତ ଦକ୍ଷତା କମ୍ ଥିବା ଯୋଗୁଁ ଏହି ଶିଳ୍ପ କାରଖାନା ଗୁଡ଼ିକରେ ନିଯୁକ୍ତି ପାଇବା ପାଇଁ ସଂଘର୍ଷ କରନ୍ତି । ସ୍କୁଲରେ ପଢ଼ାପଢ଼ି ଛାଡିଥିବା ଅନେକ ଆଦିବାସୀ ଛାତ୍ର ଚାକିରି ପାଉନାହାଁନ୍ତି । ଅପରପକ୍ଷରେ ସେମାନେ ନିର୍ମାଣ, ସୁରକ୍ଷା ସେବା ଏବଂ ଲଜିଷ୍ଟିକ୍ସରେ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି ।

ଏହା କ୍ରମଶଃ ସ୍ଥାନୀୟ ଜନଅସନ୍ତୋଷ ସୃଷ୍ଟି କରିପାରେ, କାରଣ ଆଦିବାସୀ ସମ୍ପ୍ରଦାୟ ବିସ୍ଥାପନ ହୁଅନ୍ତି ଓ ନିଜର ପାରମ୍ପରିକ ଜୀବିକା ହରାଇ ବସନ୍ତି । ସ୍ଥାନୀୟ ନିଯୁକ୍ତି ସୁଯୋଗର ଆଶା ହରାଇ ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଭଳି ଜିଲ୍ଲାରୁ ଅନେକ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ଅନ୍ୱେଷଣରେ ଯାଉଛନ୍ତି । ବିକଶିତ ଓଡ଼ିଶା-୨୦୩୬ର ଦୃଷ୍ଟିକୋଣକୁ ସାକାର କରିବାକୁ ହେଲେ, ରାଜ୍ୟ ସରକାର ଆଗକୁ ବଢ଼ି ଅତି ଆନ୍ତରିକତାର ସହ ଅନ୍ତର୍ଭୁକ୍ତ ବିକାଶ ଉପରେ ଧ୍ୟାନ ଦେବାକୁ ପଡିବ ।

ଏହି ପରିପ୍ରେକ୍ଷୀରେ, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ ଏବଂ ଭିତ୍ତିଭୂମି ମାଧ୍ୟମରେ ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ଓ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଖରେ ଆର୍ଥିକ ଅଭିବୃଦ୍ଧିର ଲାଭ ପହଞ୍ଚାଇବା ସରକାରଙ୍କ ପାଇଁ ଏକ ଆହ୍ୱାନ ଅଟେ । ଓଡ଼ିଶାର ଆର୍ଥିକ ସଫଳତା ପ୍ରକୃତରେ ଫଳପ୍ରଦ ହେବ ଯେତେବେଳେ ଏହାର ଆଦିବାସୀ ଏବଂ ପଛୁଆ ଜିଲ୍ଲାଗୁଡ଼ିକ ରାଜ୍ୟର ବିକାଶ ଯାତ୍ରାରେ ସମାନ ଭାବରେ ଅଂଶୀଦାର ହେବେ । ତେଣୁ ସରକାର ବିଶେଷ ଭାବେ ପଛୁଆ ଅଞ୍ଚଳରେ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ହ୍ରାସ ଓ ମୁଣ୍ଡ ପିଛା ଆୟ ବୃଦ୍ଧି ଉପରେ ଧ୍ୟାନ ଦେବା ଉଚିତ ।

**(ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ-ମହାପ୍ରବନ୍ଧକ ଓ ସ୍ତମ୍ଭକାର )**
**କେ୫,କଳିଙ୍ଗ ବିହାର ,ଭୁବନେଶ୍ୱର,**

# ମାଟି, ମତି ଓ ମେସିନ୍

**ଲଳିତ ମୋହନ ମିଶ୍ର**

ମାଟି ଆମର ଅସ୍ତିତ୍ୱ , ମତି ଆମର ବିବେକ ଏବଂ ମେସିନ୍ ଆମର ସାମର୍ଥ୍ୟ । ଏହି ତିନୋଟିର ସନ୍ତୁଳନ ହିଁ ଜୀବନର ପୂର୍ଣ୍ଣତା । ଏହି ତିନୋଟି ଶବ୍ଦ କେବଳ ଭୌତିକ ବସ୍ତୁ ବା ଚିନ୍ତାଧାରା ନୁହନ୍ତି, ବରଂ ଏମାନେ ମାନବ ଜୀବନର ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରତିନିଧିତ୍ୱ ।

ସୃଷ୍ଟିର ପ୍ରାରମ୍ଭରୁ ଆଧୁନିକ କୃତ୍ରିମ ବୁଦ୍ଧିମତ୍ତାର ଯୁଗ ପର୍ଯ୍ୟନ୍ତ, ମାନବ ଜାତିର ଯାତ୍ରା ଏହି ତିନୋଟି 'ମ' କାରର ସମନ୍ୱୟ ଓ ସଂଘର୍ଷର କାହାଣୀ ।

୧) ମାଟି: ପ୍ରକୃତି ଓ ଜୀବନର ମୂଳାଧାର । ମାଟି ହେଉଛି ଆଦ୍ୟ ଉତ୍ସ । ଏହା କେବଳ ଧୂଳିମଳିର ସମାହାର ନୁହେଁ, ବରଂ ମାତୃତ୍ୱର ପ୍ରତୀକ ।

ସନାତନ ଦର୍ଶନରେ କୁହାଯାଇଛି - କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ - ଏହି ପଞ୍ଚଭୂତ ମଧ୍ୟରେ କ୍ଷିତି ବା ମାଟି ହିଁ ସବୁଠାରୁ ସ୍ଥୂଳ ଓ ସହନଶୀଳ । ମାଟି ଆମକୁ ବିନା ଦ୍ୱିଧାରେ ଅନ୍ନ, ବସ୍ତ୍ର ଓ ଆଶ୍ରୟ ପ୍ରଦାନ କରେ । ସେ ସମସ୍ତ ଆଘାତକୁ ନିଜ ବୁକୁରେ ସହି ନୂତନ ଜୀବନର ସ୍ପନ୍ଦନ ସୃଷ୍ଟି କରେ ।

ମଣିଷ ଶରୀର ମାଟିରୁ ସୃଷ୍ଟି ଏବଂ ଶେଷରେ ମାଟିରେ ହିଁ ବିଲୀନ ହୁଏ । ତେଣୁ ମାଟି ହେଉଛି ଆମର ଚେର, ଯାହା ଆମକୁ ଅହଂକାର ଶୂନ୍ୟ ହେବାକୁ ଏବଂ ନମ୍ର ରହିବାକୁ ଶିକ୍ଷା ଦିଏ ।

୨) ମତି: ମନୀଷା, ବିବେକ ଓ ଆତ୍ମ-ଚେତନାର ବିକାଶ । ମତି ଅର୍ଥାତ୍ ମତିଭ୍ରମ ନୁହେଁ, ବରଂ ସୁମତି ବା ଶୁଦ୍ଧ ବୁଦ୍ଧି ଓ ଚେତନା । ମାଟିରୁ ଜନ୍ମିତ ଜୀବ ମଧ୍ୟରେ ମଣିଷ ସେତିକି ବେଳେ ଶ୍ରେଷ୍ଠ ହେଲା, ଯେତେବେଳେ ତା'ଠାରେ ମତିର ବିକାଶ ଘଟିଲା ।

ମତି ହିଁ ମାଟିକୁ ରୂପ ଦେବାର କ୍ଷମତା ରଖେ । ମତି ହେଉଛି ଆଲୋକ, ଯାହା ଭଲ ଏବଂ ମନ୍ଦ ମଧ୍ୟରେ ପ୍ରଭେଦ ଦେଖାଏ । ଏହା ମଣିଷକୁ ସଂସ୍କୃତି, ଦର୍ଶନ, ସାହିତ୍ୟ ଏବଂ ମୂଲ୍ୟବୋଧର ଶିକ୍ଷା ଦିଏ । ଯେଉଁଠାରେ ମତି ସ୍ଥିର ଓ ନିର୍ମଳ, ସେଠାରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ।

ମତି ହିଁ ମଣିଷକୁ ପ୍ରକୃତି (ମାଟି) ସହ ଯୋଡ଼ି ରଖେ ଓ ବିଜ୍ଞାନକୁ ସାର୍ଥକ ଭାବେ ବ୍ୟବହାର କରିବାର ପ୍ରେରଣା ଦିଏ ।

**ମେସିନ୍ ପାଖରେ ଗତି ଅଛି, କିନ୍ତୁ ଯତି ନାହିଁ ଗଣନା ଅଛି, କିନ୍ତୁ କରୁଣା ନାହିଁ । ଯନ୍ତ୍ର ନିଜେ ନିର୍ଜୀବ, ଏହାକୁ ଜୀବନ୍ତ କରେ ମଣିଷର ମତି । କିନ୍ତୁ ଆଜିର ଯୁଗରେ ମେସିନ୍ ଯଦି ମଣିଷର ମତିକୁ ନିୟନ୍ତ୍ରଣ କରେ, ତେବେ ସଭ୍ୟତା ବିପର୍ଯ୍ୟୟ ଆଡ଼କୁ ଗତି କରିବ । ତିନୋଟି 'ମ'ର ଦାର୍ଶନିକ ସମନ୍ୱୟ ଓ ସଂକଟ । ବର୍ତ୍ତମାନର ସମୟରେ ଏହି ତିନୋଟି ଉପାଦାନ ମଧ୍ୟରେ ଏକ ଗଭୀର ଦ୍ୱନ୍ଦ୍ୱ ଦେଖାଦେଇଛି । ମେସିନର ଅତ୍ୟଧିକ ପ୍ରଭାବ ଯୋଗୁଁ ମଣିଷ ନିଜର 'ମାଟି' (ପ୍ରକୃତି) ଠାରୁ ଦୂରେଇ ଯାଉଛି ଏବଂ ତା'ର 'ମତି' (ବିବେକ) ଯାନ୍ତ୍ରିକ ହୋଇପଡୁଛି ।**

୩) ମେସିନ୍: ସାମର୍ଥ୍ୟ ଓ ପ୍ରଗତିର ଦିଗନ୍ତ । ମତିରୁ ହିଁ ମେସିନ୍ ବା ଯନ୍ତ୍ରର ଜନ୍ମ । ଯେତେବେଳେ ମଣିଷର ଚେତନା ନିଜର ସୀମିତ ଶାରୀରିକ ଶକ୍ତିକୁ ଅତିକ୍ରମ କରିବାକୁ ଚାହିଁଲା, ସେତେବେଳେ ସେ ଯନ୍ତ୍ରର ଆବିଷ୍କାର ହେଲା । ଚକର ଆବିଷ୍କାରଠାରୁ ଆରମ୍ଭ କରି ଆଜିର ମହାକାଶଯାନ ଓ କମ୍ପ୍ୟୁଟର ପର୍ଯ୍ୟନ୍ତ ସବୁକିଛି ମେସିନର ଅନ୍ତର୍ଗତ । ମେସିନ୍ ମଣିଷର ସମୟ ବଞ୍ଚାଇଛି ଏବଂ ଅସମ୍ଭବକୁ ସମ୍ଭବ କରିଛି । ଏହା ପ୍ରଗତିର ବାର୍ତ୍ତାବହ ।

ମେସିନ୍ ପାଖରେ ଗତି ଅଛି, କିନ୍ତୁ ଗଣନା ଅଛି, କିନ୍ତୁ କରୁଣା ନାହିଁ । ଯନ୍ତ୍ର ନିଜେ ନିର୍ଜୀବ, ଏହାକୁ ଜୀବନ୍ତ କରେ ମଣିଷର ମତି । କିନ୍ତୁ ଆଜିର ଯୁଗରେ ମେସିନ୍ ଯଦି ମଣିଷର ମତିକୁ ନିୟନ୍ତ୍ରଣ କରେ, ତେବେ ସଭ୍ୟତା ବିପର୍ଯ୍ୟୟ ଆଡ଼କୁ ଗତି କରିବ । ତିନୋଟି 'ମ'ର ଦାର୍ଶନିକ ସମନ୍ୱୟ ଓ ସଂକଟ । ବର୍ତ୍ତମାନର ସମୟରେ ଏହି ତିନୋଟି ଉପାଦାନ ମଧ୍ୟରେ ଏକ ଗଭୀର ଦ୍ୱନ୍ଦ୍ୱ ଦେଖାଦେଇଛି । ମେସିନର ଅତ୍ୟଧିକ ପ୍ରଭାବ ଯୋଗୁଁ ମଣିଷ ନିଜର 'ମାଟି' (ପ୍ରକୃତି) ଠାରୁ ଦୂରେଇ ଯାଉଛି ଏବଂ ତା'ର 'ମତି' (ବିବେକ) ଯାନ୍ତ୍ରିକ ହୋଇପଡୁଛି ।

୧) ମାଟି ଓ ମେସିନ୍: ଯଦି ମେସିନ୍ କେବଳ ମାଟିର ଶୋଷଣ କରିବ, ତେବେ ପରିବେଶ ପ୍ରଦୂଷଣ ଓ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବ । ମାଟିକୁ ସୁରକ୍ଷିତ ରଖି ମେସିନର ବ୍ୟବହାର କରିବା ଉଚିତ ।

୨) ମତି ଓ ମେସିନ୍: ଯନ୍ତ୍ର ଚଳାଇବା ପାଇଁ ପ୍ରଜ୍ଞାର ଆବଶ୍ୟକତା ଅଛି । ମତି ବିନା ମେସିନ୍ ଏକ ବିନାଶକାରୀ ଅସ୍ତ୍ର (ଯେପରିକି ଆଣବିକ ବୋମା) ପାଲଟିଯାଏ ।

୩) ମାଟି ଓ ମତି: ଏହା ହିଁ ମାନବିକତାର ଶ୍ରେଷ୍ଠ ରୂପ । ପ୍ରକୃତି ସହ ମନର ଏକାତ୍ମତା ହିଁ ଜୀବନକୁ ଶାନ୍ତି ପ୍ରଦାନ କରେ । ଆଧୁନିକ ବିଜ୍ଞାନ ଯୁଗରେ ଆମକୁ ଏକ ସୁସ୍ଥ ପୃଥିବୀ ଗଠନ କରିବାକୁ ହେଲେ ମାଟିକୁ ସମ୍ମାନ, ମତିକୁ ସଂସ୍କାର ଏବଂ ମେସିନର ନିୟନ୍ତ୍ରଣ କରିବାକୁ ହେବ । ଯନ୍ତ୍ର ଜୀବନକୁ ସହଜ କରିପାରେ, କିନ୍ତୁ ସାର୍ଥକ କରିପାରେ ନାହିଁ ।

ସାର୍ଥକତା ମିଳେ ପ୍ରକୃତିର ମାଟିରେ ପାଦ ରଖି, ବିବେକର ମତିକୁ ଜାଗ୍ରତ କରି ଏବଂ ସାଧନ ରୂପେ ମେସିନର ସୀମିତ ବ୍ୟବହାର କରିବାରେ । ଯେଉଁଦିନ ଏହି ତିନୋଟି ମଧ୍ୟରେ ପୂର୍ଣ୍ଣ ସନ୍ତୁଳନ ରହିବ, ସେଦିନ ମାନବ ସଭ୍ୟତା କେବଳ ପ୍ରଗତିଶୀଳ ନୁହେଁ, ବରଂ ପରମ କଲ୍ୟାଣମୟ ହୋଇପାରିବ ।

**ନୟାଗଡ଼,**
**ମୋ-୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

### ବିଶ୍ୱ ରକ୍ତଦାତା ଦିବସ

## ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ରକ୍ତଦାନ ଅଭିଯାନ, ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ




ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ରକ୍ତଦାତା ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ , ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ୯ ଜୁନ୍‌ରୁ ୧୨ ଜୁନ୍ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ୨୪ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରଗୁଡ଼ିକରେ ସମ୍ପୃକ୍ତ ରକ୍ତ ଭଣ୍ଡାରଗୁଡ଼ିକ ଦ୍ୱାରା ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଏବଂ ମାନବିକ ସେବା ଅଭିଯାନର ଏକ ଅଂଶ ଭାବରେ ଏହି ଶିବିରଗୁଡ଼ିକର ଆୟୋଜନ କରାଯାଇଥିଲା। ଏସବିଆଇ କର୍ମଚାରୀମାନେ ଏହି ଶିବିରଗୁଡ଼ିକରେ ରକ୍ତଦାନ କରିଥିଲେ। ଗ୍ରୀଷ୍ମ ଋତୁରେ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତର ଅଭାବକୁ ଦୂର କରିବା ଏବଂ ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ଏହି ପ୍ରୟାସ କରାଯାଇଛି।

### ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ

## ୨,୩୦୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ କିଟ୍ ପ୍ରଦାନ କରିଛି

ଭୁବନେଶ୍ୱର, (ସବ୍ୟୁ) : ପ୍ରାଚ୍ୟ ଶୈଶବ ଶିକ୍ଷା ଏବଂ ବିକାଶକୁ ଆଗକୁ ବଢାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲାର ୧୭୫ ଟି ବେଦାନ୍ତ ନନ୍ଦଘରରେ ସ୍କୁଲ ବ୍ୟାଗ ଏବଂ ପାଣି ବୋତଲର ବଣ୍ଟନ ଅଭିଯାନ ଆରମ୍ଭ କରାଯାଇଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ, କମ୍ପାନୀ ନେତୃତ୍ୱ ଜିଲ୍ଲାର ଗ୍ରାମଗୁଡ଼ିକୁ ଗସ୍ତ କରି ଦୁଇରୁ ଛଅ ବର୍ଷ ବୟସର ୨,୩୦୦ ରୁ ଅଧିକ ପିଲାଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଅନିଲ ଅଗ୍ରୱାଲ ଫାଉଣ୍ଡେସନର ତତ୍ୱାବଧାନରେ ନିୟୋଜିତ ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ନନ୍ଦ ଘର ହେଉଛି ବେଦାନ୍ତ ଗ୍ରୁପର ପ୍ରମୁଖ ସମ୍ପ୍ରଦାୟ ବିକାଶ ପ୍ରକଳ୍ପ। ଏହା ଅଙ୍ଗନୱାଡିଗୁଡ଼ିକୁ ସ୍ମାର୍ଟ ଶିକ୍ଷଣ ଉପକରଣ ଏବଂ ସ୍ଥାୟୀ ଭିତ୍ତିଭୂମି ସହିତ ସଜ୍ଜିତ ମହିଳା ଏବଂ ଶିଶୁ ବିକାଶର ଆଧୁନିକୀକରଣ କେନ୍ଦ୍ର




ଭାବରେ ପୁନଃକଳ୍ପନା କରିଛି। ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲାରେ ୨୫୦ ଟି ନନ୍ଦଘର ପ୍ରତିଷ୍ଠା କରିଛି, ଯାହାକି ୪,୦୦୦ ରୁ ଅଧିକ ପିଲାଙ୍କୁ ପ୍ରାରମ୍ଭିକ ଶିକ୍ଷା, ପୁଷ୍ଟିକର ଏବଂ ମୌଳିକ ଯତ୍ନର ଉନ୍ନତ ପ୍ରବେଶ ପ୍ରଦାନ କରିବାରେ ସହାୟତା କରୁଛି। ସୌରଶକ୍ତି ଦ୍ୱାରା ପରିଚାଳିତ, ସେମାନେ ସ୍ମାର୍ଟ ଟିଭି, ଇଂଟରାକ୍ଟିଭ୍ ଶିକ୍ଷଣ ମଡ୍ୟୁଲ୍ ଏବଂ ଶିକ୍ଷଣ ସହାୟକ ଭାବରେ ନିର୍ମାଣ ବୈଶିଷ୍ଟ୍ୟ ସହିତ ସଜ୍ଜିତ ଯେଉଁଠାରେ କାନ୍ଥ, ମହଲା ଏବଂ ସ୍ଥାନଗୁଡ଼ିକ କାର୍ଯ୍ୟକଳାପ-ଭିତିକ ଶିକ୍ଷାକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଟୀକାକରଣ ସହାୟତା, ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଏବଂ ଯତ୍ନବାନଙ୍କ ସହଭାଗୀତାରେ ନିୟମିତ ହସ୍ତକ୍ଷେପ ପ୍ରାରମ୍ଭିକ ଶୈଶବ ବିକାଶକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହି ପଦକ୍ଷେପ ବିଷୟରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା, ସିଇଓ ସି.ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ପ୍ରଗତି ଆମର ସମ୍ପ୍ରଦାୟରେ ନିବେଶ ସହିତ ଆରମ୍ଭ ହୁଏ। ବେଦାନ୍ତର ନନ୍ଦ ଘର ପ୍ରକଳ୍ପ ମାଧ୍ୟମରେ, ଆମେ ଛୋଟ ପିଲାମାନଙ୍କ ପାଇଁ ଶିକ୍ଷା ଏବଂ ବିକାଶର ମୂଳଦୁଆକୁ ସୁଦୃଢ଼ କରୁଛୁ ଯାହା ଦ୍ୱାରା ସେମାନଙ୍କର ଦୀର୍ଘକାଳୀନ ସଫଳତାକୁ ସହଜ କରାଯାଇପାରିବ।"

## ୱାନ୍ ଷ୍ଟାଣ୍ଡିଂ' ଶୁଭାରମ୍ଭ କଲା ଜେରାଇ ଫିଟ୍‌ନେସ୍ ଲିମିଟେଡ

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ଫିଟ୍‌ନେସ୍ ଉପକରଣର ସ୍ୱୟଂଚାଳିତ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଜେରାଇ ଫିଟ୍‌ନେସ୍ ଲିମିଟେଡ ରିବକ୍‌କୁ ଏହାର ପଣ୍ୟଦ୍ରବ୍ୟ ଓ ଫିଟ୍‌ନେସ୍ ସାମଗ୍ରୀର ଅଂଶୀଦାର ଭାବରେ ନେଇ ଏହି ଧରଣର ପ୍ରଥମ ଜାତୀୟସ୍ତରର ସାମର୍ଥ୍ୟ ଓ ସହନଶୀଳତା ଚମ୍ପିଆନସିପ୍ 'ଲାଷ୍ଟ ୱାନ ଷ୍ଟାଣ୍ଡିଂ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏକ ଫିଟ୍‌ନେସ୍ ପ୍ରତିଯୋଗିତାରୁ ଯଥେଷ୍ଟ



ଅଧିକ ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶର ଫିଟ୍‌ନେସ୍ ଉତ୍ସାହୀ, ଆଥଲେଟ, ଜିମ୍ ଯାଉଥିବା ବ୍ୟକ୍ତି ଏବଂ ଦୈନନ୍ଦିନ ଚାଲେଞ୍ଜରମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବା ନିମନ୍ତେ ଏକ ବୃହଦାକାୟ ଅଭିଯାନ ଭାବରେ ପରିକଳ୍ପନା କରାଯାଇଛି। ଏହି ଏକ-ଦିବସୀୟ ଚମ୍ପିଆନସିପ୍ ନିମନ୍ତେ ପଞ୍ଜିକରଣ ଆରମ୍ଭ ହୋଇଛି ଏବଂ ଏହାର ପ୍ରଥମ ସଂସ୍କରଣ ମୁମ୍ବାଇରେ ଡିସେମ୍ବର୧୩, ୨୦୨୬ରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ସଂସ୍କରଣ ନିମନ୍ତେ ଅଂଶଗ୍ରହଣକୁ ପ୍ରଥମ ୫୦୦ ପ୍ରବେଶରେ ସୀମିତ ରଖାଯିବ। କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜିକରଣ କରିବାକୁ ଅଂଶଗ୍ରହଣକାରୀ www.lastonestanding.in ପରିଦର୍ଶନ କରିପାରିବେ।

## ଓଡିଶା ରାଜ୍ୟ ସମବାୟ ୟୁନିଅନରେ ରଜ ଉତ୍ସବ ପାଳନ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ ରଜ ଉତ୍ସବ ପାଳିତ ହୋଇଯାଇଛି। ସମବାୟ ଆନ୍ଦୋଳନର ସମବାୟ ଶିକ୍ଷା, ତାଲିମ, ପ୍ରଚାର ଓ ପ୍ରସାରର ଗୁରୁ ଦାୟିତ୍ୱ ବହନ କରିଥିବା ଓଡିଶା ରାଜ୍ୟ ସମବାୟ ୟୁନିଅନ ଏକ ନୂତନ ତଥା ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇ ଓଡିଆ ଜାତିର ସଂସ୍କୃତି ଓ ଭାଇଚାରା ଏବଂ ଓଡିଆ ଅସ୍ମିତାର ବାସ୍ତବ ପରିଚୟ ସୃଷ୍ଟି କରିବାକୁ ଯାଇ ରଜ ମହୋତ୍ସବ ୨୦୨୬ ମାଧ୍ୟମରେ ସୃଷ୍ଟି କରିଛି ମହିଳା ସଶକ୍ତିକରଣ ଏକ ନୂଆ ଅଧ୍ୟାୟ। ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ସମବାୟ ଆନ୍ଦୋଳନରେ ନାରୀ ସଶକ୍ତିକରଣକୁ ପ୍ରତିଷ୍ଠିତ କରାଇ ରଜ ମହୋତ୍ସବ ମାଧ୍ୟମରେ ଏକ ନିଆରା ଉଦାହରଣ ସୃଷ୍ଟି କରିବାରେ ଭୂମିକା ସର୍ବାଗ୍ରେ ରହିଛନ୍ତି ଓଡିଶା ରାଜ୍ୟ ସମବାୟ ୟୁନିଅନର ସଭାପତିଶ୍ରୀମତୀ



ପ୍ରଭାସିନୀ ଷଡ଼ଙ୍ଗୀ। ଏହି ଅବସରରେ ଓଡିଶା ରାଜ୍ୟ ସମବାୟ ୟୁନିଅନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇଗୀତ, ନାଚ , ଗୋଷ୍ଠୀଗତ ନାଚ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହା ସହିତ ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତା ମହିଳା ଓ ଛାତ୍ରଛାତ୍ରୀଙ୍କ ମଧ୍ଯରେ ଆୟୋଜନ କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତା ଚୟନ ହୋଇଥିଲା। ଆସନ୍ତା ଜୁଲାଇ ୪ ତାରିଖରେ ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ସମୟରେ ବିଜେତାଙ୍କୁ ପୁରସ୍କୃତ କରାଯିବ। ଏହି ରଜ ମହୋତ୍ସବ ପାଳନ ଅବସରରେସମବାୟ ୟୁନିଅନ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ଦାସ, ସଦସ୍ୟା ସଂଯୁକ୍ତା ପ୍ରଧାନ, ମାର୍କଫେଡ୍ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡା, ମହିଳା ବିକାସ ସମବାୟ ନିଗମ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ, ନିବନ୍ଧକ ସମବାୟ ସମିତି ସମୂହ , ଓଡିଶା କାର୍ଯ୍ୟାଳୟର ସମବାୟ ଅଧିକାରୀ ସ୍ୱାତୀବାଳା ମହାପାତ୍ର , ଓଡିଶା ରାଜ୍ୟ ସମବାୟ ୟୁନିଅନ ସମ୍ପାଦିକା ସୁନିତା ପତି, ଏଡିଟର ଧର୍ମେନ୍ଦ୍ର କୁମାର ସାବତ ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲହୋଇଥିଲେ।

## କ୍ରିଷ୍ଣା ବିକାଶ ଗ୍ରୁପ୍‌ର ବାର୍ଷିକ ଶିକ୍ଷକ ତାଲିମ ଶିବିର ଗୁରୁକୁଲ-୨୦୨୬ ଉଦ୍‌ଘାଟିତ

ବରଗଡ଼, (ସବ୍ୟୁ) : କ୍ରିଷ୍ଣା ବିକାଶ ବିଦ୍ୟାଳୟ ସ୍ଥିତ ଅଡିଟୋରିୟମ୍‌ଠାରେ ବୁଧବାର ଶିକ୍ଷକ ତାଲିମ ଶିବିର "ଗୁରୁକୁଲ୍ -୨୦୨୬" ଉଦ୍‌ଘାଟିତ ହୋଇଯାଇଛି। ଏହି ଶିକ୍ଷକ ତାଲିମ ଶିବିରଟି ଚାରିଦିନ ଧରି ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଶିକ୍ଷକ ତାଲିମ ଶିବିରରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଉପାଧ୍ୟକ୍ଷ ଡ.ମନୋଜ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଡି.ମୂରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ କେଶବ ଜୈନଙ୍କୁ ସମ୍ମାନୀତ କରିଥିଲେ। ଚେୟାର୍‌ମେନ୍ ଡି.ମୂରଲୀ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଚିନ୍ତା ଓ ଚେତନା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଠାରୁ ଉଚ୍ଚସ୍ତରର ଓ




ଶିକ୍ଷକତା ହେଉଛି ସମସ୍ତ କାର୍ଯ୍ୟର ମାଆ ବୋଲି ମତବ୍ୟକ୍ତ କରିଥିଲେ। ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଶିକ୍ଷକ କେଶବ ଜୈନ ଏହି ଶିକ୍ଷକ ତାଲିମ ଶିବିରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀରେ ନୂତନ ଯୁଗର ଛାତ୍ରଛାତ୍ରୀମାନଙ୍କୁ କିପରି ପରିବର୍ତ୍ତନଶୀଳ ଶିକ୍ଷଣ ପଦ୍ଧତିରେ ଶିକ୍ଷାପ୍ରଦାନ କରାଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ହେଡ୍ ଅଫ୍ ପିପୁଲ୍ ଏଣ୍ଡ କଲ୍‌ଚର୍ ଅଶ୍ୱିନୀ ନାୟକ, ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲ୍, ବରଗଡ଼ର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ବିକାଶ ପରିଷଦ: ଚନ୍ଦ୍ରଶେଖର ପୁର ଶାଖାର ରଜ ଉତ୍ସବ ପାଳନ

ଭୁବନେଶ୍ୱର,(ସବ୍ୟୁ) : ମାଟି ଓ ଆକାଶର ମିଳନ ପର୍ବ ଓଡ଼ିଶାର ନିଜସ୍ୱ ଗଣ ଉତ୍ସବ 'ରଜ'। ଚଳିତ ବର୍ଷର ଏହି ଉତ୍ସବ ଭାରତ ବିକାଶ ପରିଷଦ,ଚନ୍ଦ୍ର ଶେଖର ପୁର ଶାଖା ଦ୍ୱାରା ରଜ ସଂକ୍ରାନ୍ତି ସଂଧ୍ୟାରେ ଭୁବନେଶ୍ୱରସ୍ଥ ନୀଳାଦ୍ରି ବିହାର




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା କକ୍ଷରେ ସମାରୋହ ସହକାରେ ପାଳିତ ହୋଇ ଯାଇଛି। ପ୍ରଥମ ପର୍ଯ୍ୟାୟରେ ଶାଖାର ମହିଳା ସଦସ୍ୟା ମାନଙ୍କ ମଧ୍ୟରେ ' ରଜ ପୋଡ଼ ପିଠା ', 'ରଜ ପାନ ଭଙ୍ଗା' ସହ ଶ୍ରୀ ଜଗନ୍ନାଥ ଦାସଙ୍କ କୃତ 'ଶ୍ରୀମଦ୍ଭାଗବତ ପଠନ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପ୍ରେମଲତା ଦେବୀ, ଶ୍ରୀମତୀ ବାସନ୍ତୀ ପଣ୍ଡା ଓ ଶ୍ରୀମତୀ ଗୀତା ରାଉତ ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶାଖାର ବାର୍ଷିକ ଉତ୍ସବରେ ପ୍ରତିଯୋଗିତାର ବିଜୟିନୀ ମାନଙ୍କୁ ପୁରସ୍କୃତ କରାଯିବ। ପରେ ପରେ ଶାଖା ଅଧ୍ୟକ୍ଷ ଦଶରଥ ନାୟକଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର୍ ନବନୀତା ରଥ ନିଜର ଅଭିଭାଷଣ ଆରମ୍ଭ କରି ଶାଖା ଦ୍ୱାରା ଆୟୋଜିତ ପାରମ୍ପରିକ ରଜ ପର୍ବର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ପିଢ଼ି ଜେନ୍ ଜି,ଜେନ୍ ଆଲଫା ମାନେ କିପରି ଏ ପରମ୍ପରା ଜାରି ରଖିବେ ସେ ଦିଗରେ ପ୍ରୟାସ କରିବା ଆବଶ୍ୟକ ବୋଲି ଆଶା ପ୍ରକାଶ କରିଥିଲେ।ଓଡ଼ିଆ ଅସ୍ମିତା ଓ ସଂସ୍କୃତି ର ଏହି ଉତ୍ସବ କୁ ବଜାୟ ରଖିବାକୁ ତାଙ୍କ ଭାଷଣରେ ସେ ପରାମର୍ଶ ଦେଇଥିଲେ। ଶାଖାର ମହିଳା ସଦସ୍ୟା ମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ରଜ ଗୀତ ' ବନସ୍ତେ ଡାକିଲା ଗଜ ' ଓ ' ଯା' ରେ ମନ ଦୋଳି ଉଡ଼ି ଯା ' ଗୀତ ଉପସ୍ଥିତ ସମସ୍ତଙ୍କୁ ମୁଗ୍ଧ କରିଥିଲା। ତତ୍ ପରେ ପରେ ସଦସ୍ୟା ଶ୍ରୀମତୀ ବିଜୟଲକ୍ଷ୍ମୀ ରଥଙ୍କ 'କଣ୍ଠରେ ଗୁହାରି ଶୁଣ ଭଗବାନ' ଭଜନଟି ଉପସ୍ଥିତ ସମସ୍ତଙ୍କୁ ଅଭିଭୂତ କରିଥିଲା। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସଦସ୍ୟା ଶ୍ରୀମତୀ ମଧୁସ୍ମିତା ମହାନ୍ତି ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଶାଖାର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ମହାରଣା। ବରିଷ୍ଠ ସଦସ୍ୟ ମୂରଲୀଧର ଦାସ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରତାପନଗରୀରେ ରଜ ମହୋତ୍ସବ ପାଳିତ

କଟକ, (ସ୍ୱପ୍ର): ମା ଧାକୁଲେଇ ରଜ ମହୋତ୍ସବ ଯୁବକ ସଂଘ ଦ୍ୱାରା ଚାରି ଦିନ ଧରି ରଜ ଉତ୍ସବ ପାଳିତ ହୋଇଯାଇଛି । ଉଲ୍ଲାସରେ ରଜ ପର୍ବକୁ ପାଳିବେ ସେ ନେଇ ଯୁବକ ସଂଘ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ସେହିପରି ଶତାଧିକ ଲୋକଙ୍କ



ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଦିନ ସକାଳ ୯ ଘଟିକା ଠାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ମା ଧାକୁଲେଇଙ୍କ ପୀଠରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇ ବିଜୟୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାୟ ୬୦ ଟି ଦୋଳି ଓ ମୀନାବଜାର ଲାଗିଥିବାରୁ ଶହଶହ ସଂଖ୍ୟାରେ ଯୁବତୀ ଓ ମହିଳାଙ୍କ ସମାଗମ ହୋଇଥିଲା । ଏଭଳି ସ୍ଥିତିରେ ମହିଳାଙ୍କ ସୁରକ୍ଷା ଓ ସେମାନେ କିଭଳି ଆନନ୍ଦ ପାଇଁ ମାଗଣାରେ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଥିବା ନେଇ ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକର୍ମରେ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମାଜସେବୀ ନଗେନ ସାମଲ, ଏସିପି ଜୋନ୍ ୪ ଅମିତାଭ ମହାପାତ୍ର, ଯୋବ୍ରା ପୂଜା କମିଟି ସମ୍ପାଦକ ଶ୍ରୀମନ୍ତ ମହାନ୍ତି, ପ୍ରମୋଦ ବେହେରା, ବିକ୍ରମ ବେହେରା, ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନନ୍ଦନକାନନ ମୁଖ୍ୟ ଗେଟ ସମ୍ମୁଖରେ ଗାଡ଼ିରେ ନିଆଁ , ପର୍ଯ୍ୟଟକ ଆତଙ୍କିତ

ବାରଙ୍ଗ ,(ସବ୍ୟୁ) : ବୁଧବାର ମଧ୍ୟାହ୍ନ ସମୟରେ ରାଜ୍ୟର ପ୍ରମୁଖ ପ୍ରର୍ଯ୍ୟଟନସ୍ଥଳୀ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମୁଖ୍ୟଗେଟ ସାମ୍ନା ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଏକ କଳା ରଙ୍ଗର ବାଇକରେ ହଠାତ ନିଆଁ ଲାଗିଯାଇଥିଲା । ଘଟଣାସ୍ଥଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା । ଉପସ୍ଥିତ ଲୋକଙ୍କ କହିବା ମୁତାବକ, ଗେଟ ସମ୍ମୁଖରେ ଏକ ବାଇକରେ ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କ ସହିତ ଗାଡ଼ିଟି ରାସ୍ତା କଡ଼ରେ ଛିଡ଼ା କରି ପାଖରେ ଥିବା ଦୋକାନକୁ



ଯାଇଥିଲେ । ବାଇକର ଇଞ୍ଜିନରୁ ପ୍ରଥମେ ଧୂଆଁ ବାହାରିଥିଲା । କିଛି ସେକେଣ୍ଡ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା । ସେହି ସମୟରେ ଗେଟ ନିକଟରେ ଶହ ଶହ ପର୍ଯ୍ୟଟକଙ୍କ ଭିଡ ଥିଲା । ହଠାତ ଧୂଆଁ ଓ ନିଆଁ ଦେଖି ଲୋକେ ଆତଙ୍କିତ ହୋଇ ଦୌଡ଼ା ଦୌଡି କରିଥିଲେ । ଗାଡ଼ି ଚାଳକ ଦୋକାନରୁ ଏକ ପାଣି ବୋତଲ ଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ବଢ଼ିବାରୁ ବିଫଳ ହୋଇଥିଲେ । ପରେ ନିକଟ ଦୋକାନୀମାନେ ପାଣି ମାରି ନିଆଁ କୁ ଆୟତ କରିଥିଲେ । ତେବେ ସେତେବେଳକୁ ବାଇକ ପ୍ରାୟ ପୋଡ଼ି ଯାଇଥିଲେ ମଧ କାହାର କୌଣସି ଜୀବନ ହାନି ହୋଇନଥିବା ଜଣାପଡିଛି ।

## ସାନ୍ଦିପନି ଚୌଧୁରୀଙ୍କୁ ଇଂରାଜୀ ସାହିତ୍ୟରେ ଡକ୍ଟରେଟ୍

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ( ଆଇଟିଇଆର) ଅନ୍ତର୍ଗତ ସୋସିଆଲ୍ ସାଇନସ୍ ଓ ହ୍ୟୁମାନିଟିଜ୍ ବିଭାଗର ଇଂରାଜୀ ବିଭାଗର ଗବେଷକ ଛାତ୍ର ସାନ୍ଦିପନି ଚୌଧୁରୀଙ୍କୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ସନ୍ଦର୍ଭଟି ମାଲେସିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ନୟନଦିପ୍ ସିଂ କନୱାଲ୍‌ଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି । ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଆମେରିକାର ବିଶିଷ୍ଟ ଔପନ୍ୟାସିକ କୋର୍‌ମାକ୍ ମାର୍କକାର୍ଥିଙ୍କ ଉପନ୍ୟାସର ବର୍ଣ୍ଣନାଧର୍ମୀ ଶୈଳୀ ଉପରେ ଶ୍ରୀ



ଚୌଧୁରୀ ଯେଉଁ ମୌଳିକ ଉପାଦେୟ ମୂଳକ ତଥ୍ୟ ଉପସ୍ଥାପନ କରିଛନ୍ତି ତାହା ବେଶ୍ ସୁଦୃଢ଼ ଓ ସଶକ୍ତ ଭିତିଭୂମି ଉପରେ ପ୍ରତିଷ୍ଠିତ ବୋଲି ଶ୍ରୀ ସିଂ ମତବ୍ୟକ୍ତ କରିଛନ୍ତି। ହରିୟାନାସ୍ଥ ସେଂଟ୍ରାଲ୍ ୟୁନିଭରସିଟିର ପ୍ରଫେସର୍ ଡକ୍ଟର ତନୁ ଗୁପ୍ତା ସନ୍ଦର୍ଭଟିର ଗୁଣାତ୍ମକ ମୂଲ୍ୟବୋଧ ଓ ନିଷ୍କର୍ଷରେ ମୌଳିକତା ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି । ଶ୍ରୀ ଚୌଧୁରୀ ସୋଆ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱର୍ଣ୍ଣପ୍ରଭା ଶତପଥୀଙ୍କ ପ୍ରତ୍ୟେକ ତତ୍ୱାବଧାନରେ ଦୀର୍ଘ ୪ବର୍ଷରୁ ଅଧିକ ସମୟ ଧରି ଗବେଷଣା କରିଆସୁଥିଲେ ।

### ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ପକ୍ଷରୁ

## ବିଶ୍ୱସ୍ତରୀୟ ପେଟେଣ୍ଟ ଇସ୍ପାତ ଜାଗନେଲିସ୍ୱର ବଜାର ପ୍ରବେଶ

ଭୁବନେଶ୍ୱର, (ସବ୍ୟୁ) : ପ୍ରଯୁକ୍ତିବିଦ୍ୟାରେ ନିଜର ଅଗ୍ରଣୀ ଭୂମିକାକୁ ସୁଦୃଢ଼ କରି ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ଉଚ୍ଚ-ପାରଦର୍ଶିତା ଅଟୋମୋଟିଭ୍ ପ୍ରୟୋଗ ପାଇଁ ଡିଜାଇନ୍ କରାଯାଇଥିବା ଏକ ପ୍ରିମିୟମ୍ ଜିଙ୍କ୍-ଆଲୁମିନିୟମ୍-ମାଗ୍ନେସିୟମ୍ କୋଟେଡ ଇସ୍ପାତ ବ୍ରାଣ୍ଡ, ଜାଗନେଲିସ୍ୱ ପ୍ରୋଟେକ୍ଟର ଶୁଭାରମ୍ଭ କରିଛି। ୟୁରୋପୀୟ ବଜାରରେ ପ୍ରମାଣିତ, ଆର୍ସେଲରମିତ୍ତଲ ପେଟେଣ୍ଟ ଜାଗନେଲିସ୍ୱ ପ୍ରୋଟେକ୍ଟ କୋଟିଂ ଦ୍ୱାରା ଭାରତ ପ୍ରଥମ ଥର ପାଇଁ ଏଭଳି ପ୍ରକାର ଉତ୍ପାଦନ କ୍ଷମତା ହାସଲ କରିଛି, ଯାହା ବିଶ୍ୱର ତୃତୀୟ ବୃହତ୍ତମ ଅଟୋମୋଟିଭ୍ ଉତ୍ପାଦକ। ମୋଟର କପ୍ ରେ ଜାଗନେଲିସ୍ୱ ପ୍ରୋଟେକ୍ଟର ପ୍ରାରମ୍ଭିକ ପ୍ରୟୋଗ ହେବ ଯାହା ଗାଡ଼ିର ଝରକା, ଦର୍ପଣ, ୱାଇପର ଏବଂ ସିଟ୍ ରେ ବ୍ୟବହୃତ ପ୍ରତ୍ୟକ୍ଷ ମୋଟର ଉପାଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପ୍ରତ୍ୟେକ କାରରେ ୨୦ – ୩୦ ଏପରି ମୋଟର ନିୟୋଜିତ ହେଉଥିବାରୁ ଏହି ଉତ୍ପାଦ ଉନ୍ନତ କାର୍ଯ୍ୟଦକ୍ଷତା ମାଧ୍ୟମରେ ତୁରନ୍ତ ଲାଭ ପ୍ରଦାନ କରିବ। ପ୍ରାରମ୍ଭିକ ସ୍ତରରେ ମୋଟର କପ୍ ଉପରେ ଗୁରୁତ୍ୱ ଦେଇ ଏହାର ଶୁଭାରମ୍ଭ କରାଯାଇଥିଲେ ମଧ୍ୟ, ଜାଗନେଲିସ୍ୱ ପ୍ରୋଟେକ୍ଟ କୁ ବ୍ୟାପକ ପରିମାଣର ଅଟୋମୋଟିଭ୍ ପ୍ରୟୋଗ ପାଇଁ ମଧ୍ୟ




ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ଚେସିସ୍ ପାର୍ଟସ୍, ଡୋର୍ ଭିତର ପ୍ୟାନେଲ୍, ହୁଡ୍/ବନେଟ୍ ଭିତର ପ୍ୟାନେଲ୍ ଏବଂ ଡେକ୍ଲିଡ୍/ଟେଲଗେଟ ଭିତର ପ୍ୟାନେଲ୍ ଅନ୍ତର୍ଭୁକ୍ତ। ବିଶ୍ୱ ସ୍ତରରେ, ଜାଗନେଲିସ୍ୱ ପ୍ରୋଟେକ୍ଟ କୋଟିଂ ପାରମ୍ପରିକ ଗାଲଭାନାଇଜଡ୍ (ଜିଆଇ) କୋଟିଂ ତୁଳନାରେ ଯଥେଷ୍ଟ ଅଧିକ କ୍ଷୟ ପ୍ରତିରୋଧ ପ୍ରଦାନ କରିବା ପାଇଁ ସ୍ୱୀକୃତିପ୍ରାପ୍ତ। ଏହି ନୂତନ ବ୍ରାଣ୍ଡଟି ଅସାଧାରଣ କ୍ଷୟ ପ୍ରତିରୋଧ, ଆତ୍ମ-ଉପଚାର ସୁରକ୍ଷା, ଉତ୍କୃଷ୍ଟ ସମ୍ପ୍ରସାରଣ କ୍ଷମତା ଏବଂ ନିର୍ଭରଯୋଗ୍ୟ ୱେଲଡ଼ିଂ କ୍ଷମତା ପ୍ରଦାନ କରିବ। ଏହା ଘରୋଇ ଉତ୍ପାଦନ, ଯୋଗାଣ ଶୃଙ୍ଖଳା ଦକ୍ଷତା ଏବଂ ଗୁଣାତ୍ମକ ସ୍ଥିରତାକୁ ଉନ୍ନତ କରିବ, ଆଧୁନିକ କୋଟିଂ ଇସ୍ପାତର କ୍ଷେତ୍ରୀୟକରଣ, ଏହାର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଜାଗନେଲିସ୍ୱ ପ୍ରୋଟେକ୍ଟର ଶୁଭାରମ୍ଭ ଉଚ୍ଚ-ଗୁଣବତ୍ତା ଏବଂ ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ଇସ୍ପାତ ସମାଧାନ ମାଧ୍ୟମରେ ଦେଶର ଅଟୋମୋଟିଭ୍ ଉତ୍ପାଦନ କ୍ଷମତାକୁ ଆଗକୁ ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ପାଠ୍ୟପୁସ୍ତକ ତ୍ରୁଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ପାଇଁ ଷଡଯନ୍ତ୍ର : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନ ଠାରେ ଓଡ଼ିଶା ସ୍କୁଲ ପାଠ୍ୟକ୍ରମରେ ଗୁରୁତ୍ୱର ତ୍ରୁଟି ବିଷୟକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ । ଗଣମାଧ୍ୟମ ସମ୍ବୋଧିତ କରି ଶ୍ରୀ ଦାସ କହିଲେ ଶିକ୍ଷାରେ ପ୍ରାଇମେରୀ ସ୍ତର ହେଉଛି ମୂଳଦୁଆ । ଏହିଠାରୁ ଭବିଷ୍ୟତର ମୂଳଦୁଆ ପଡ଼େ ଓ ଏହି ମୂଳଦୁଆରୁ ଶିକ୍ଷାପ୍ରାପ୍ତ କରି ଓଡ଼ିଶାରୁ ଅନେକ ସୁନାମଧନ୍ୟ ବିଦ୍ୱାନ ରାଜ୍ୟର ଟେକ ରଖିଛନ୍ତି । କିନ୍ତୁ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତାଙ୍କ ବିଚାରଧାରାକୁ ଏନସିଇଆରଟି ଏବଂ ଓଡ଼ିଶାର ପାଠ୍ୟକ୍ରମରେ ଛାପୁଛନ୍ତି । ଓଡ଼ିଶା ଅସ୍ମିତା ନାମରେ ସରକାରକୁ ଆସିଥିବା ଦଳ ଅସ୍ମିତାର ହତ୍ୟା କରୁଛନ୍ତି ।

ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ୫୦ କୋଟି ଟଙ୍କା ପାଣିରେ ପଡ଼ିଗଲା । କୋର କମିଟିର ଅନୁଧାନ ବିନା ବହି ଛପା ହେଲା କେମିତି । ଯାହା ପ୍ରସ୍ତୁତ କରିବାକୁ ପ୍ରାୟ ତିନିବର୍ଷ ସମୟ ଲାଗେ ତାହା ୬ ମାସରେ ପ୍ରସ୍ତୁତ କଲେ କେମିତି । ଅପରାଧିଙ୍କୁ ଦଣ୍ଡିତ କରାଯାଉ, ଶିକ୍ଷାମନ୍ତ୍ରୀ କ୍ଷମା ମାଗନ୍ତୁ । ୧୬୭୮ ଗୋଟି ଭୁଲ ରାଜ୍ୟ ଶିକ୍ଷା ବିଭାଗ ପ୍ରତି ଉପହାସ




। ଆଶ୍ଚର୍ଯ୍ୟର କଥା ଶିକ୍ଷାମନ୍ତ୍ରୀ ନିଜ ବିଧାନସଭା ମଧ୍ୟ ଚିହ୍ନିପାରିଲେ ନାହିଁ । ଡଙ୍ଗରିଆ ଆଦିବାସୀଙ୍କୁ ଡୋଙ୍ଗୋରିଆ ବନାନ ଭୁଲ । ପ୍ରଖ୍ୟାତ ନିୟମଗିରି ଲଢ଼େଇ ସାର ବିଶ୍ୱରେ ବିଦିତ । ଯେଉଁ ଲଢ଼େଇରେ ରାହୁଲ ଗାନ୍ଧୀ ନେତୃତ୍ୱ ନେଇଥିଲେ । ତାହା ଝାଡଖଣ୍ଡର ବୋଲି ଦର୍ଶାଯାଇଛି । ଏଭଳି ଶହ ଶହ ଭୁଲର ଲିଷ୍ଟ ସାମନାକୁ ଆସୁଛି । ସବୁଠାରୁ ପରିତାପର ବିଷୟ ଶିକ୍ଷାମନ୍ତ୍ରୀ ଏହି ଗୁରୁତ୍ୱର ଭୁଲକୁ ସ୍ୱୀକାର ନକରି ଓଲଟା ଶିକ୍ଷକମାନେ ସୁଧାରି ଶିକ୍ଷାଦାନ କରିବେ ବୋଲି ବକ୍ତବ୍ୟ ପ୍ରକାଶ କରୁଛନ୍ତି । ଏହାଠାରୁ ବଳି ଲଜ୍ୟାଜନକ କଥା କଣ ହୋଇଥାଇପାରେ । ଶିକ୍ଷକମାନେ ଜନଗଣନା ଠାରୁ ଆରମ୍ଭ କରି ସରକାରଙ୍କ ପ୍ରତ୍ୟେକ ଗଣନା କାର୍ଯ୍ୟ କରୁଛନ୍ତି । ଏମାନେ କେତେବେଳେ ପାଠ ପଢ଼ାଇବେ । ମୁଖ୍ୟ ବିଷୟ ହେଲା ଏନସିଇଆରଟି ଓ ଓଡ଼ିଶା ଶିକ୍ଷା ବିଭାଗର ଛାପା ଦାୟିତ୍ୱ କେଉଁ ଏଜେନ୍ସି ଟେଣ୍ଡର ପାଇଛି । ଏ ସବୁର ତଦନ୍ତ ହେଉ । ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସସି ମୂଲ୍ୟାୟନ ବିଭ୍ରାଟ ଓ ବର୍ତ୍ତମାନର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କୌଣସି ଟାରେ ସରକାରଙ୍କ କୌଣସି ମନ୍ତ୍ରୀ ଉର ଦାୟିତ୍ୱ ନେଉନାହାନ୍ତି କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଛାତ୍ର ନେତାୟାସିର ନୱାଜ ଓ ଛାତ୍ର ନେତା ବିଭୁତି ଭୂଷଣ ମହାପାତ୍ର ସରକାରଙ୍କୁ ଚେତାବନୀ ଦେଇ କହିଥିଲେ ଯେ ଏହି ଅକ୍ଷମଣୀୟ ତ୍ରୁଟିପାଇଁ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ । ସମ୍ମିଳନୀରେ ଅନ୍ୟମାନଙ୍କ ସହ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ଉପସ୍ଥିତ ଥିଲେ ।

## ପେଣ୍ଟାଗନର ଖୁଲାସା

# ୯୬ ଘଣ୍ଟାରେ ୨,୦୦୦ ଟାର୍ଗେଟ ଧ୍ୱଂସ

**ୱାସିଂଟନ:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ନେଇ ବିଶ୍ୱରେ ଯେଉଁ ଭୟ ରହିଥିଲା ତାହା ଏବେ ସତ୍ୟରେ ପରିଣତ ହୋଇଛି। ୟୁଜରଙ୍କ ପ୍ରଶ୍ନର ମଜାଦାର ଉତ୍ତର ପ୍ରଦାନ କରୁଥିବା ଏଲୋନ ମସ୍କଙ୍କ ଚାଟବଟ୍, 'ଗ୍ରୋକ୍' ଆମେରିକୀୟ ସେନା ଦ୍ୱାରା ଇରାନକୁ ବହୁ କ୍ଷତି ପହଞ୍ଚାଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ କୋର୍ଟରେ ସ୍ୱୀକାର କରିଛି ଯେ, ଏହା ଇରାନ ଯୁଦ୍ଧରେ ମସ୍କଙ୍କ ଗ୍ରୋକ୍ ଏଆଇ ବ୍ୟବହାର କରିଥିଲା। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆମେରିକୀୟ ସେନା ମାତ୍ର ୯୬ ଘଣ୍ଟା ମଧ୍ୟରେ ୨,୦୦୦ ବିଭିନ୍ନ ଲକ୍ଷ୍ୟସ୍ଥଳ ଉପରେ ସଠିକ କ୍ଷେପଣାସ୍ତ୍ର ଆକ୍ରମଣ କରିପାରିଥିଲା। ଏହି ଚାଞ୍ଚଲ୍ୟକର ପ୍ରକାଶ ସମଗ୍ର ବିଶ୍ୱକୁ ଚକିତ କରିଛି। ଏହି ସମ୍ପୂର୍ଣ୍ଣ ଖୁଲାସା ଏକ କୋର୍ଟ ମାମଲା ସମୟରେ ହୋଇଛି। ପ୍ରକୃତରେ ଏଲୋନ୍ ମସ୍କଙ୍କ କମ୍ପାନି, ଏକ୍ସଏଆଇର ଡାଟା ସେଣ୍ଟର ପରିବେଶଗତ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଡାଟା ସେଣ୍ଟରକୁ ବନ୍ଦ କରିବା ରୋକିବା ପାଇଁ ଆମେରିକାର ନ୍ୟାୟ ବିଭାଗ (ଡିଓଜେ) ହସ୍ତକ୍ଷେପ କରିଥିଲା। ସରକାର ଯୁକ୍ତି ଦେଇଥିଲେ ଯେ, ମସ୍କଙ୍କ ଡାଟା ସେଣ୍ଟରକୁ ବନ୍ଦ କରାଯାଇପାରିବ ନାହିଁ କାରଣ ଏହା ଆମେରିକାର ଜାତୀୟ ସୁରକ୍ଷା ସହିତ ଜଡିତ। ଏହି ସମୟରେ ପେଣ୍ଟାଗନର ମୁଖ୍ୟ ଡିଜିଟାଲ୍ ଏବଂ ଏଆଇ ଅଧିକାରୀ କାମେରୁନ୍ ଷ୍ଟାନଲି କୋର୍ଟରେ ଏକ ସତ୍ୟପାଠ ଦାଖଲ



କରି ଗ୍ରୋକ୍ ଏଆଇର ସାମରିକ ବ୍ୟବହାରକୁ ସ୍ୱୀକାର କରିଛନ୍ତି। ଆମେରିକୀୟ ସେନା ବହୁ ଦିନ ଧରି 'ପ୍ରୋଜେକ୍ଟ ମାଭେନ୍' ନାମକ ଏକ ଗୁପ୍ତ କାର୍ଯ୍ୟକ୍ରମ ଚଲାଉଛି। ଏହା ଏକ ଏଆଇ-ସହାୟକ ଟାର୍ଗେଟିଂ ସିଷ୍ଟମ୍ ଯାହା ଯୁଦ୍ଧକ୍ଷେତ୍ରରେ ଶତ୍ରୁ ଟାର୍ଗେଟକୁ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଛି। ପେଣ୍ଟାଗନ୍ କହିଛି ଯେ, ମସ୍କଙ୍କ 'ଗ୍ରୋକ୍ ଗଭ୍ ମଡେଲ୍' ଏତେ ବଡ଼ ସାମରିକ ଅପରେସନ୍ ପରିଚାଳନା କରିବାରେ ସକ୍ଷମ କିଛି ଏଆଇ ମଡେଲ୍ ମଧ୍ୟରୁ ଗୋଟିଏ। ଏହି ସିଷ୍ଟମ୍ ହିଁ ଆମେରିକୀୟ ସେନାକୁ ଅପରେସନ୍ ଏପିକ୍ ଫ୍ୟୁରି କରିବାରେ ସାହାଯ୍ୟ କରିଥିଲା। କ୍ୟାମେରନ ଷ୍ଟାନଲିଙ୍କ ଅନୁଯାୟୀ, ଗ୍ରୋକ୍ ଏଆଇ ଯୋଗୁଁ ଆମେରିକୀୟ ସେନାର ଶକ୍ତି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହି ଚାଟବଟ୍ ସାହାଯ୍ୟରେ, ସେନା ମାତ୍ର ୯୬ ଘଣ୍ଟା ଅର୍ଥାତ୍ ମାତ୍ର ଚାରି ଦିନ ମଧ୍ୟରେ ୨,୦୦୦ ରୁ ଅଧିକ ଲକ୍ଷ୍ୟସ୍ଥଳରେ ୨,୦୦୦ ରୁ ଅଧିକ ଘାତକ ଅସ୍ତ୍ର ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଏଆଇ ଏତେ ଶୀଘ୍ର ତଥ୍ୟ ପ୍ରକ୍ରିୟାକରଣ କରିଥିଲା ଯେ, ମାନବ କମାଣ୍ଡରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ଆମେରିକା ସରକାର କହିଛନ୍ତି, ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ସେମାନଙ୍କ କାମକୁ ବହୁତ ସହଜ ଏବଂ ଦ୍ରୁତ କରିଛି। ତେବେ ଟେକ୍ କମ୍ପାନିଗୁଡ଼ିକ ମଧ୍ୟରେ ନୂଆ ବିବାଦ ଦେଖାଦେଇଛି। ସାମରିକ କାର୍ଯ୍ୟରେ ଏଆଇର ବର୍ଦ୍ଧିତ ବ୍ୟବହାର ଏକ ନୂତନ ବିତର୍କ ସୃଷ୍ଟି କରିଛି। ଚଳିତ ବର୍ଷ ଫେବ୍ରୁଆରି ଶେଷ ଭାଗରେ, ଆନ୍ଥ୍ରୋପିକ୍ ନାମକ ଏକ ଏଆଇ କମ୍ପାନି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଆକ୍ରମଣ ପାଇଁ ଏହାର ଏଆଇ ଉପକରଣ ବ୍ୟବହାର କରିବାକୁ ମନା କରିବା ପରେ ଆମେରିକା ସରକାର କମ୍ପାନି ସହିତ ଚୁକ୍ତିନାମା ବାତିଲ କରିଦେଇଥିଲେ। ଏହା ପରେ ପେଣ୍ଟାଗନ୍ ଗୁଗଲ,ଓପନଏଆଇ ଏବଂ ମସ୍କଙ୍କର ଏକ୍ସଏଆଇ ଆଡକୁ ମୁହାଁଇଥିଲା। ୬୦୦ ରୁ ଅଧିକ ଗୁଗଲ କର୍ମଚାରୀ ମଧ୍ୟ ଦାବି କରିଛନ୍ତି ଯେ, ସେମାନଙ୍କ କମ୍ପାନି ସାମରିକ ବାହିନୀକୁ ଏଆଇ ଯୋଗାଣ ନ କରୁ। ଏହି ପ୍ରକାଶ ପରେ, ମାନବାଧିକାର ସଂଗଠନ ଏବଂ ଅନେକ ଆମେରିକୀୟ ଆଇନ ପ୍ରଣୟନକାରୀ ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ଆମେରିକା ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁର ରିପୋର୍ଟ ପ୍ରକାଶ ପାଇଛି। ଏବେ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ଏଆଇ ସଫ୍ଟୱେର୍ ଜୀବନ ଏବଂ ମୃତ୍ୟୁର ନିଷ୍ପତ୍ତି ନେବ ତେବେ ଏହା ମାନବତା ପାଇଁ ଅତ୍ୟନ୍ତ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଲୋକମାନେ ଦାବି କରିଛନ୍ତି ଯେ, ଯୁଦ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବଦା ଜଣେ ମାନବ କମାଣ୍ଡରଙ୍କ ପାଖରେ ରହିବା ଉଚିତ୍। ରୋବୋଟ୍ କିମ୍ବା ଚାଟବଟ୍ ପାଖରେ ନୁହେଁ।

## ଇରାନର ହର୍ମୁଜ ବନ୍ଦ କ୍ଷମତା ପରମାଣୁ ବୋମାଠାରୁ ବି ଶକ୍ତିଶାଳୀ



**ଏଭିଆନ(ଫ୍ରାନ୍ସ):** ଫ୍ରାନ୍ସରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକା ଗୁପ୍ତଚର ସଂସ୍ଥା ପକ୍ଷରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱ ବାଣିଜ୍ୟ ଏବଂ ଅଶୋଧିତ ତେଲ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ'କୁ ଇରାନ ଯେକୌଣସି ସମୟରେ ସମ୍ପୂର୍ଣ୍ଣ ବନ୍ଦ କରିଦେଇପାରେ। ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଅନ୍ତର୍ଜାତୀୟ ଅର୍ଥନୀତି ଉପରେ ପ୍ରଭାବ ପକାଇବା ପାଇଁ ଇରାନର ଏହି ରଣନୈତିକ କ୍ଷମତା କୌଣସି ପରମାଣୁ ବୋମାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଏବଂ ବିପଜ୍ଜନକ। ଆମେରିକା ଗୁପ୍ତଚର ରିପୋର୍ଟ ସୂଚାଉଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ, ବରଂ ଏହା ଆହୁରି ବୃଦ୍ଧି ପାଇଛି। ଇରାନ ବର୍ତ୍ତମାନ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଏବଂ ଶତାଧିକ ଆକ୍ରମଣକାରୀ ଯୁଦ୍ଧ ଜାହାଜ ପ୍ରସ୍ତୁତ କରି ରଖିଛି। ଏହି ସାମରିକ ସରଞ୍ଜାମ ଜରିଆରେ ଇରାନ ବାଣିଜ୍ୟିକ ଜାହାଜଗୁଡ଼ିକୁ ଟାର୍ଗେଟ୍ କରିବା ସହ ସମୁଦ୍ର ମାର୍ଗରେ ମାଇନ୍ସ ବିଛାଇ ପାରେ। କେବଳ ହର୍ମୁଜ ପ୍ରଣାଳୀ ନୁହେଁ, ବରଂ ୟେମେନର ହୁଥି ବିଦ୍ରୋହୀଙ୍କ ମାଧ୍ୟମରେ ଇରାନ 'ବାବ୍-ଅଲ୍-ମାନ୍ଦେବ୍' ବାଣିଜ୍ୟ ପଥକୁ ମଧ୍ୟ ଅବରୋଧ କରିପାରେ। ଏହି ଦୁଇଟି ପ୍ରମୁଖ ପଥ ବନ୍ଦ ହେଲେ ବିଶ୍ୱ ବଜାରରେ ଅଶୋଧିତ ତେଲ ଏବଂ ଏଲ୍ଏନ୍ଜି ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ଏହାକୁ ବିଶ୍ଳେଷକମାନେ ଇରାନର 'ଆର୍ଥିକ ପରମାଣୁ ବିକଳ୍ପ' ବୋଲି କହିଛନ୍ତି। ଗୋଟିଏ ପଟେ ଆମେରିକା ଓ ଇରାନ ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଏକ ଶାନ୍ତି ଚୁକ୍ତିର ପ୍ରସ୍ତୁତି ଚାଲିଥିବା ବେଳେ ବାସ୍ତବ ସ୍ଥିତି ଏବେ ବି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି। ଇରାନର ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ଇସ୍ରାଏଲ ଦକ୍ଷିଣ ଲେବାନନରୁ ନିଜ ସେନା ପ୍ରତ୍ୟାହାର ନ କରିଛି, ସେପର୍ଯ୍ୟନ୍ତ ଏହି ଯୁଦ୍ଧ ଶେଷ ହେବନାହିଁ।

## ଜୀବନ ହାରିଲେ ଆଉ ଜଣେ ନିଟ୍ ଆଶାୟୀ

**ଡେରାଡୁନ:** ମେ' ୩ରେ ନିଟ ୟୁଜି ୨୦୨୬ ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ଲିକ ଯୋଗୁ ଏହା ବାତିଲ ହୋଇଥିଲା। ଏହାପରେ ସରକାର ଜୁନ ୨୧ରେ ପୁଣି ନିଟ ୟୁଜି ପରୀକ୍ଷା କରିବାକୁ ଯାଉଛନ୍ତି। ଏଥିପାଇଁ ଲକ୍ଷାଧିକ ଶିକ୍ଷାର୍ଥୀଙ୍କ ଭଳି ଡେରାଡୁନର ଜଣେ ଛାତ୍ରୀ ମଧ୍ୟ ପୁଣି ପ୍ରସ୍ତୁତି ଆରମ୍ଭ କରିଥିଲେ। କିନ୍ତୁ ନିଟ ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଘଟିଛି ଅଘଟଣ। ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ୨୩ ବର୍ଷୀୟ ଛାତ୍ରୀ ଉତ୍ତରାଖଣ୍ଡର ଡେରାଡୁନ ସ୍ଥିତ ନିଜ ଘରେ ଜୀବନ ହାରିଛନ୍ତି। ଜୀବନ ହାରିବା ସହ ସେ ନିଜ ବାପା ମା'ଙ୍କ ଉଦ୍ଦେଶ୍ୟରେ ଗୋଟିଏ ଚିଠି ମଧ୍ୟ ଲେଖିଛନ୍ତି। ଜୀବନ ହାରିଥିବା ଛାତ୍ରୀ ଜଣଙ୍କ ହେଲେ ରିୟା କୁମାରୀ ଥାପ୍ପା। ତାଙ୍କ ବାପା ୧୯୯୯ କାର୍ଗିଲ ଯୁଦ୍ଧର ଭେଟରାନ। ରିୟାଙ୍କ ଝୁଲନ୍ତ ମୃତଦେହକୁ ପରିବାର ଲୋକ ତାଙ୍କ ରୁମ ଭିତରୁ ଉଦ୍ଧାର କରିଛନ୍ତି। ଲଞ୍ଚ ପାଇଁ ରିୟାଙ୍କ ମା' ତାଙ୍କୁ ଡାକିବାକୁ ଯାଇଥିଲେ। ହେଲେ ସେ ରୁମର କବାଟ ଖୋଲି ନଥିଲେ। ବାରମ୍ବାର ଡାକିବା ସତ୍ତ୍ୱେ ଝିଅ କବାଟ ଖୋଲି ନଥିଲା। ଏଥିପାଇଁ ମା' ତୁରନ୍ତ ଘରର ଅନ୍ୟମାନଙ୍କୁ ଡାକିଥିଲେ। ସମସ୍ତେ କବାଟ ଭାଙ୍ଗି ଭିତରେ ପଶିଥିଲେ। ଏହି ସମୟରେ ରିୟା ଝୁଲନ୍ତା ଅବସ୍ଥାରେ ରହିଥିଲେ। ରୁମ ଭିତରୁ ଗୋଟିଏ ସୁଇସାଇଡ ନୋଟ ଠାବ କରାଯାଇଛି। ଏଥିରେ ରିୟା ଲେଖିଛନ୍ତି, "ଆଇ ଲଭ ୟୁ ମମ୍ମି, ପାପା। କାହାର କିଛି ଦୋଷ ନାହିଁ।" ରିୟା ନିଟ ୟୁଜି ୨୦୨୬ ପୁନଃ ପରୀକ୍ଷା ପାଇଁ ବିଳମ୍ବିତ ରାତି ଯାଏ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସେ ସକାଳେ ବିଳମ୍ବରେ ଉଠନ୍ତି। ହେଲେ ରୁମ ଭିତରେ ଏବେ ସେ ଜୀବନ ହାରି ଦେଇଛନ୍ତି। ସମ୍ଭବତଃ ନିଟ ପରୀକ୍ଷାର ଚାପ ହେତୁ ସେ ଜୀବନ ହାରିଛନ୍ତି। ତଥାପି ଏ ସମ୍ପର୍କରେ ପୁଲିସ୍ କିଛି ବି କହି ନାହିଁ। ରିୟା ଦ୍ୱାଦଶ ଶ୍ରେଣୀରେ ୯୭% ମାର୍କ ସହ ସ୍କୁଲରେ ଟପ୍ପର ହୋଇଥିଲେ। ଏହାପରେ ସେ ନିଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। କିନ୍ତୁ ପ୍ରଥମ ପ୍ରୟାସରେ ସେ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରି ନଥିଲେ। ଏଥର ମଧ୍ୟ ସେ ନିଟ ପରୀକ୍ଷା ଦେଇଥିଲେ ହେଁ ଏହା ବାତିଲ ହୋଇ ଯାଇଥିଲା।

## ଗଣଦୁଷ୍କର୍ମ ମାମଲା

# ୨ ବିଏସ୍ଏଫ୍ ଯବାନଙ୍କୁ ୪୨ ବର୍ଷ ଜେଲ୍ ଦଣ୍ଡାଦେଶ

**ଆଇଜଲ:** ମିଜୋରାମର ଏକ ଜିଲ୍ଲାର କୋର୍ଟ ୯ ବର୍ଷ ପୁରୁଣା ଏକ ଗଣଦୁଷ୍କର୍ମମାମଲାରେ ଐତିହାସିକ ରାୟ ପ୍ରଦାନ କରିଛନ୍ତି। କୋର୍ଟ ୨୦୧୭ ମସିହାରେ ଜଣେ ସ୍ଥାନୀୟ ମହିଳାଙ୍କ ସହିତ ଗଣଦୁଷ୍କର୍ମ ମାମଲାରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଦୁଇ ଜଣ ଯବାନଙ୍କୁ କଠୋର ଜେଲ ଦଣ୍ଡାଦେଶ ଦେଇଛନ୍ତି। ଆଇଜଲର ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ ସିଲ୍ଭି ଜୋମୁଆନପୁଇ ରାଲତେ ଦୁଇଜଣ ଯବାନଙ୍କୁ ଗଣଦୁଷ୍କର୍ମ ମାମଲାରେ ଦୋଷୀ ବୋଲି ରାୟ ଦେଇଛନ୍ତି। ସୂଚନାଯୋଗ୍ୟ, ୯ ବର୍ଷ ତଳେ ୨୦୧୭ ମସିହା ଜୁଲାଇରେ ଜଣେ ପୀଡ଼ିତା ନିଜ ବନ୍ଧୁ ସହିତ ବାଂଲାଦେଶ ସୀମା ସ୍ଥିତ ମମିତା ଜିଲ୍ଲାରେ ଗାସ୍କାଟା ନଦୀର ଘଞ୍ଚ ଜଙ୍ଗଲକୁ ଜଙ୍ଗଲି ପନିପରିବା ଆଣିବାକୁ ଯାଇଥିଲେ। ସେହି ସମୟରେ ସ୍ଥାନୀୟ ସୀମା ଶିବିରରେ ମୁତୟନ ଯବାନ ନୀଳାଞ୍ଜନ ଦାସ ଓ ଦିନେଶ କୁମାର ଦୁଇ ମହିଳାଙ୍କୁ ଘେରି ଯାଇଥିଲେ। ଯବାନମାନେ ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ କରିଥିଲେ। ଏହାପରେ ସେମାନେ ନିଜ ପରିଚୟ ଲୁଚେଇବାକୁ ପୀଡ଼ିତାଙ୍କ ଦୃଷ୍ଟିଶକ୍ତି ନଷ୍ଟ କରିବାକୁ ତାଙ୍କ ମୁହଁ ଉପରେ ଏସିଡ ପକାଇ ଦେଇଥିଲେ। ଏହି ଭୟଙ୍କର ଘଟଣା ପରେ ପୀଡ଼ିତା ବଞ୍ଚି ଯାଇଥିଲେ ମଧ




ତାଙ୍କ ଚେହେରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ସେ ସବୁ ଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ। ଏହି ଗଣଦୁଷ୍କର୍ମ ସମୟରେ ତାଙ୍କ ବନ୍ଧୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଥିଲେ। ୧୧ ଦିନ ପରେ ଗ୍ରାମ୍ୟ ପ୍ରତିରକ୍ଷା ପାର୍ଟି ଓ ରାଜ୍ୟ ପୁଲିସ ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କ ବନ୍ଧୁର ଗଳିତ ଶବ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଯବାନମାନେ ଉକ୍ତ ମହିଳାଙ୍କୁ ହତ୍ୟା କରିଥିବା ପ୍ରମାଣ କରିବାକୁ ବହୁ ଚେଷ୍ଟା କରାଯାଇଥିଲା। କିନ୍ତୁ ପ୍ରମାଣ ଅଭାବରୁ କୋର୍ଟ ଯବାନଙ୍କୁ ହତ୍ୟା ମାମଲାରେ ଦୋଷମୁକ୍ତ କରିଦେଇଥିଲେ। ଏହି ମାମଲାରେ ଯବାନଙ୍କୁ ଧରିବା ରାଜ୍ୟ ପୁଲିସ ପାଇଁ ଖୁବ୍ କଠିନ ଥିଲା। ତେବେ ତଦନ୍ତ ରିପୋର୍ଟ, ୧୮ ସାକ୍ଷୀ ତଥା ମେଡିକାଲ ରିପୋର୍ଟ ଆଧାରରେ ଦୁଇ ଯବାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟ ଆଇପିସିର ବିଭିନ୍ନ ଧାରାରେ ମୋଟ ୪୨ ବର୍ଷ କଠୋର କାରାଦଣ୍ଡାଦେଶ ଓ ୬୦ ହଜାର ଟଙ୍କା ଲେଖାଏଁ ଜରିମାନା ଦିଆଯାଇଛି।

## ଇରାନ ସହ ଚୁକ୍ତି ଚୂଡ଼ାନ୍ତ ନୁହେଁ: ଟ୍ରମ୍ପ

ଏଭିଆନ(ଫ୍ରାନ୍ସ): ଫ୍ରାନ୍ସରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀରେ ଇରାନ ସହିତ ପ୍ରସ୍ତାବିତ ଶାନ୍ତି ଚୁକ୍ତି ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଆକ୍ରମଣାତ୍ମକ ବୟାନ ସାରା ବିଶ୍ୱକୁ ଚକିତ କରିଛି। ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ହେବାକୁ ଥିବା ପରମାଣୁ ଚୁକ୍ତି ଏବେ ବି ଚୂଡ଼ାନ୍ତ ହୋଇନାହିଁ। ଏହା ସହିତ ସେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ନିଜର ଆଚରଣରେ ସୁଧାର ନ ଆଣେ, ତେବେ ପୁଣି ଥରେ ବୋମାବର୍ଷଣ ଆରମ୍ଭ କରିଦେବ। ଜି-୭ ସମ୍ମିଳନୀ ମଞ୍ଚରେ ଟ୍ରମ୍ପଙ୍କର ଏଭଳି କଠୋର ଆଭିମୁଖ୍ୟ ପୂର୍ବରୁ ଚାଲିଥିବା ଶାନ୍ତି ଆଲୋଚନାରେ ଅନିଶ୍ଚିତତା ସୃଷ୍ଟି କରିଛି। ବିଶେଷଜ୍ଞମାନଙ୍କ ମତରେ, ଇରାନ ଉପରେ ଚୁକ୍ତିର



ସମସ୍ତ କଠୋର ସର୍ତ୍ତ ମାନିବା ପାଇଁ ଏହା ଆମେରିକାର ଏକ ପ୍ରକାର ମାନସିକ ଚାପ ପ୍ରୟୋଗ କରିବାର ରଣନୀତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକାର ଆଶା ଅନୁଯାୟୀ ଇରାନକୁ କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଏଥିରେ କୌଣସି ପ୍ରକାର ଅବହେଳା କରାଗଲେ ସାମରିକ ବିକଳ୍ପ ସଦାସର୍ବଦା ଖୋଲା ରହିଛି। ଟ୍ରମ୍ପଙ୍କର ଏହି ହଠାତ୍ ବଦଳିଥିବା ସ୍ୱର ଜି-୭ର ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଚିନ୍ତାରେ ପକାଇ ଦେଇଛି। ଆମେରିକାର ଏହି ଅନିଶ୍ଚିତ ବୈଦେଶିକ ନୀତି ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅଶୋଧିତ ତେଲର ମୂଲ୍ୟ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ହର୍ମୁଜ ଅବରୋଧ ଯୋଗୁଁ ବିଶେଷ ପ୍ରଭାବିତ ହୋଇଥିବା ଭାରତ ଏବେ ଏହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ସ୍କାଏଡାଇଭିଂ ବିମାନ କ୍ରାଶ, ଭାରତୀୟଙ୍କ ସମେତ ୧୨ ମୃତ

**ୱାଶିଂଟନ:** ଆମେରିକାର ମିସୋରୀରେ ଗୋଟିଏ ସ୍କାଏଡାଇଭିଂ ବିମାନ କ୍ରାଶ ହୋଇ ଯାଇଛି। ଏହି ଦୁର୍ଘଟଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୪ ବର୍ଷୀୟ ଭାରତୀୟ ଯୁବକ ରହିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତ ଭାରତୀୟ ଜଣଙ୍କ ହେଲେ ସାଇ କାର୍ତ୍ତିକ ବର୍ମା ଉଟଲା। ବେଟ୍ସ କାଉଣ୍ଟୀର ବଟଲର ମେମୋରିଆଲ ଏୟାରପୋର୍ଟରେ ଘଟିଥିବା ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସାଇ କାର୍ତ୍ତିକ କାନସା ସିଟି ମେଟ୍ରୋପଲିଟାଣ୍ଟ ଅଞ୍ଚଳରେ କାମ କରୁଥିଲେ। ମିସୋରୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସାଇ ହେଲ୍ଥ କେୟାର ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟରତ ଥିଲେ। ପୂର୍ବରୁ ସେ Capgeminiରେ କାମ କରୁଥିବା ବେଳେ ଏବେ AdventHealth ପାଇଁ କାମ କରୁଥିଲେ। ରବିବାର ଦିନ ୧୧.୩୦ରେ ସାଇ ଓ ଅନ୍ୟ ୧୦ ଜଣ ଅଭିଜ୍ଞ ସ୍କାଏଡ୍ରାଇଭର୍ସ ଗୋଟିଏ ୨୦୧୦ ପ୍ୟାସିଫିକ ଏରୋସ୍ପେଶ ୭୫୦ଏକ୍ସଏଲରେ ଉଡ଼ାଣ ଭରିଥିଲେ। ଏହା ବଟଲର ମେମୋରିଆଲ ଏୟାରପୋର୍ଟରୁ ଉଡ଼ାଣ ଭରିବାର କିଛି ମିନିଟ ପରେ ହିଁ କ୍ରାଶ କରି ଯାଇଥିଲା। ଫଳରେ ବିମାନରେ ଥିବା ସମସ୍ତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ସ୍କାଏ ଡ୍ରାଇଭର୍ସ ଓ ପାଇଲଟ ରହିଛନ୍ତି। ବିମାନଟି ଗୋଟିଏ ପଡ଼ିଆରେ ପିଟି ହେବା ପରେ ପୂରା ଧ୍ୱଂସ ହୋଇ ଯାଇଥିବା ଅଧିକାରୀମାନେ ସୂଚନା

## ଏମ୍ଏଲସି ନିର୍ବାଚନ ପୂର୍ବରୁ ବିଧାୟକଙ୍କୁ ଲୁଚାଇଲେ କଂଗ୍ରେସ, ଜେଡିଏସ୍

ବେଙ୍ଗାଲୁରୁ: ଜୁନ୍ ୧୮ ତାରିଖରେ କର୍ଣ୍ଣାଟକରେ ବିଧାନ ପରିଷଦ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କର୍ଣ୍ଣାଟକକୁ ପୁଣିଥରେ ରିସୋର୍ଟ ରାଜନୀତି ଫେରିଛି। ୮ ଜଣ ପ୍ରାର୍ଥୀ ୭ ଆସନ ପାଇଁ ନିର୍ବାଚନ ଲଢୁଛନ୍ତି। ତେଣୁ ଶେଷ ମୁହୂର୍ତ୍ତରେ ଦଳ ବଦଳ କିମ୍ବା କ୍ରସ୍-ଭୋଟିଂକୁ ଏଡ଼ାଇବାପାଇଁ କଂଗ୍ରେସ ଏହାର ବିଧାୟକମାନଙ୍କୁ ଏକ ରିସୋର୍ଟକୁ ପଠାଇ ଦେଇଛି। ଜେଡିଏସ୍ ମଧ୍ୟ ଏହାର ବିଧାୟକମାନଙ୍କୁ ଅନ୍ୟତ୍ର ପଠାଇଛି। ମିଳିଥିବା ସୂଚନାନୁଯାୟୀ କଂଗ୍ରେସ ଏହାର ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଗୃହ ଜିଲ୍ଲା ତଥା ବେଙ୍ଗାଲୁରୁ ଦକ୍ଷିଣ ଜିଲ୍ଲାର ବିଦାଦିର ଓଣ୍ଡେରଲା ରିସୋର୍ଟକୁ ପଠାଇଛି। ଦଳ ମଧ୍ୟ ମଙ୍ଗଳବାର ଦିନ ଏହି ରିସୋର୍ଟରେ ବିଧାୟକ ଦଳ ବୈଠକ କରିଛି। ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, କର୍ଣ୍ଣାଟକର ଏଆଇସିସି ସାଧାରଣ ସମ୍ପାଦକ ପ୍ରଭାରୀ ରଣଦୀପ ସିଂହ ସୁର୍ଯେୱାଲା, ରାଜ୍ୟ କଂଗ୍ରେସ ମୁଖ୍ୟ ବିକେ ହରିପ୍ରସାଦ ଏବଂ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଶିବକୁମାର ଜୁନ୍ ୩ ତାରିଖରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାପରେ ଏହା ପ୍ରଥମ ସିଏଲ୍ପି ବୈଠକ। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ ଏଚ୍ଡି କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଜେଡିଏସ୍ ବିଧାୟକମାନଙ୍କୁ ଦେବନହଲ୍ଲି ନିକଟସ୍ଥ ଗଲ୍ଫ କ୍ଲବ୍ ରିସୋର୍ଟ ପଠାଯିବ।

## ସମାଜବାଦୀ ପାର୍ଟିରେ ହେବ ବଡ଼ ବିଭାଜନ !

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ରାଜନୀତିରେ ଏକ ବଡ଼ ଧରଣର ବିସ୍ଫୋରକ ବୟାନ ସାମ୍ନାକୁ ଆସିବା ପରେ ରାଜନୈତିକ ହଲଚଲ ତୀବ୍ର ହୋଇଛି। ଯୋଗୀ ଆଦିତ୍ୟନାଥ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ତଥା 'ଏସବିଏସପି' ମୁଖ୍ୟ ଓପି ରାଜଭର ଦାବି କରି କହିଛନ୍ତି ଯେ ସମାଜବାଦୀ ପାର୍ଟି ଭିତରେ ଖୁବଶୀଘ୍ର ଏକ ବଡ଼ ବିଭାଜନ ହେବାକୁ ଯାଉଛି ଏବଂ ସମଗ୍ର ସପା ଏବେ ବିଜେପିରେ ଯୋଗଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନିଜର ଏକ ଟ୍ୱିଟ୍ ଜରିଆରେ ରାଜଭର ସୂଚନା ଦେଇଛନ୍ତି ଯେ, ସପାର ବରିଷ୍ଠ ନେତା ରାମ ଗୋପାଳ ଯାଦବ ଗୁପ୍ତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ହସ୍ତାନ୍ତର କରିଛନ୍ତି। ପୂର୍ବରୁ ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଘଟିଥିବା ବଡ଼ ଧରଣର ରାଜନୈତିକ ଉତ୍ଥାନପତନ ଏବେ ଉତ୍ତର ପ୍ରଦେଶରେ ଦୋହରାଇବାକୁ ଯାଉଛି ବୋଲି ସେ ଦୃଢ଼ ସଂକେତ ଦେଇଛନ୍ତି। ରାଜଭର ଉତ୍ତର ପ୍ରଦେଶର ବହୁଚର୍ଚ୍ଚିତ ଖଣି ଦୁର୍ନୀତି ଓ ଗୋମତୀ ନଦୀ ଫ୍ରଣ୍ଟ ଦୁର୍ନୀତି ପ୍ରସଙ୍ଗ ଉଠାଇ ସପା ନେତୃତ୍ୱକୁ ତୀବ୍ର ଆକ୍ଷେପ କରିଛନ୍ତି। ସେ କହିଛନ୍ତି, ଏହି ଦୁର୍ନୀତି ପଛର ମାଷ୍ଟରମାଇଣ୍ଡ କିଏ, ତାହା ସମଗ୍ର ଉତ୍ତର ପ୍ରଦେଶବାସୀ ଭଲ ଭାବେ ଜାଣନ୍ତି। ବର୍ତ୍ତମାନ ଏହି ଦୁର୍ନୀତିର ମାମଲାଗୁଡ଼ିକରେ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଯାଞ୍ଚ କଡ଼ାକଡ଼ି କରାଯାଉଥିବାରୁ ନିଜକୁ ବଞ୍ଚାଇବା ପାଇଁ ସମାଜବାଦୀ ପାର୍ଟି ଅତି ଚିନ୍ତିତ ହୋଇପଡ଼ିଛି। ଏହି ଅଭିଯୋଗ ପରେ ସପା ଶିବିରରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ଆଗାମୀ ଦିନରେ ୟୁପି ରାଜନୀତି କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।



## ସଂସଦର ମୌସୁମୀ ଅଧିବେଶନ ହେବ ସରଗରମ

**ନୂଆଦିଲ୍ଲୀ:** ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସରେ ଆରମ୍ଭ ହେବାକୁ ଯାଉଛି, ଏବଂ ଏହି ଅଧିବେଶନ ପୂର୍ବରୁ ରାଜନୈତିକ କାର୍ଯ୍ୟକଳାପ ଜୋରଦାର ହୋଇଛି। ଆଲୋଚନା ହେଉଛି ଯେ, ସରକାର ମୌସୁମୀ ଅଧିବେଶନ ସମୟରେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ କୋଟା କାର୍ଯ୍ୟକାରୀ କରିବା ପାଇଁ ବିଲ୍ ପୁନଃଆଗତ କରିପାରନ୍ତି। ଏନଡିଏ ପାଖରେ ଆବଶ୍ୟକ ସଂଖ୍ୟା ଅଛି କି ନାହିଁ ତାହା ମଧ୍ୟ ପ୍ରଶ୍ନ ରହିଛି। ତେବେ ଦେଶର ରାଜନୈତିକ ସ୍ଥିତି ଏନଡିଏ ସପକ୍ଷରେ ଥିବା ପରି ମନେ ହେଉଛି। ଟିଏମସି ପରେ, ଉଦ୍ଧବ ଠାକରେଙ୍କ ୟୁବିଟି ଏବେ ବିଭାଜନର ଦ୍ୱାରଦେଶରେ। ଉଦ୍ଧବ ସେନାର ବିଦ୍ରୋହୀ ସାଂସଦମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଆଲୋଚନା ହେଉଛି ଯେ, ଦଳର ଛଅ ଜଣ ବିଦ୍ରୋହୀ ସାଂସଦ ଖୁବ୍ ଶୀଘ୍ର ଲୋକସଭା ବାଚସ୍ପତିଙ୍କୁ ଭେଟିପାରନ୍ତି। ଟିଏମସିରେ ବିଭାଜନ ଏବଂ କଂଗ୍ରେସଠାରୁ ଡିଏମକେର ଦୂରତା ଲୋକସଭାରେ ବିରୋଧୀଙ୍କ ଶକ୍ତିକୁ ହ୍ରାସ କରିଛି। ଏହି ରାଜନୈତିକ ଘଟଣାକ୍ରମ ମଧ୍ୟରେ,ଆଲୋଚନା ହେଉଛି ଯେ, ସରକାର



ପରବର୍ତ୍ତୀ ମାସରେ ଅନୁଷ୍ଠିତ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ କୋଟା ଲାଗୁ କରିବା ପାଇଁ ଏକ ବିଲ୍ ପୁନଃଆଗତ କରିପାରନ୍ତି। ବିଲ୍ରେ କିଛି ପରିବର୍ତ୍ତନ ମଧ୍ୟ ମେଣ୍ଟରୁ ଅଲଗା ହୋଇଥିବା ଡିଏମକେକୁ ସନ୍ତୁଷ୍ଟ କରିବା ସମ୍ଭବ ହୋଇପାରେ। ସୀମା ନିର୍ଦ୍ଧାରଣରେ ବହୁତ ସମୟ ଲାଗିବ, ଏବଂ ଯଦି ୨୦୨୯ରେ ବର୍ଦ୍ଧିତ ଆସନ ସହିତ ନିର୍ବାଚନ କରାଯିବ ସେଥିପାଇଁ ତେବେ ବିଲ୍ ଶୀଘ୍ର ପାରିତ ହେବା ଆବଶ୍ୟକ। ଏଥିପାଇଁ ସରକାରଙ୍କ ପାଖରେ ସୀମିତ ସମୟ ଅଛି। ଟିଏମସିଏବଂ ଶିବସେନା (ୟୁବିଟି) ରେ ବିଭାଜନର ରିପୋର୍ଟ ସୂଚାଇ ଦେଉଛି ଯେ, ଏନଡିଏର ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରୟାସ ଚାଲିଛି। ଆଗାମୀ ଅଧିବେଶନରେ ବିଲ୍ ଆଣିବାକୁବିଜେପି ଚାହୁଁଛି। ଡିଏମକେ ଭଳି ଦଳଗୁଡ଼ିକୁ ସନ୍ତୁଷ୍ଟ କରିବା ପାଇଁ ନୂତନ ସମ୍ବିଧାନ ସଂଶୋଧନ ବିଲ୍ର ଭାଷା ପରିବର୍ତ୍ତନ କରାଯାଇପାରେ। ଡିଏମକେ ଆଉ ଏବେବିରୋଧୀ ଇଣ୍ଡିଆ ମେଣ୍ଟର ଅଂଶ ନୁହେଁ। ଏହା ଏକ ସ୍ପଷ୍ଟ ଗ୍ୟାରେଣ୍ଟି ଚାହୁଁଥିଲା ଯେ, ସମସ୍ତ ରାଜ୍ୟରେ ଲୋକସଭା ଆସନ ଏପରି ଭାବରେ ବୃଦ୍ଧି କରାଯିବ ଯାହା ଦ୍ୱାରା ଦକ୍ଷିଣ ରାଜ୍ୟଗୁଡ଼ିକ ଜନସଂଖ୍ୟା ଆଧାରରେ ଅସୁବିଧାରେ ପଡ଼ିବେ ନାହିଁ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୋହରାଇଛନ୍ତି ଯେ, ଏହା ଘଟିବ ନାହିଁ। କୌଣସି ରାଜ୍ୟ ଅସୁବିଧାରେ ପଡ଼ିବେ ନାହିଁ। ଏକ ମତ ମଧ୍ୟ ଅଛି ଯେ ଡିଏମକେ ଭଳି ଦଳଗୁଡ଼ିକୁ ସାମିଲ କରିବା ପାଇଁ ଜୁଲାଇ ୧ ରୁ ନବମ ଶ୍ରେଣୀ ପାଇଁ ସମ୍ପ୍ରତି ଲାଗୁ ହୋଇଥିବା ତିନି ଭାଷା ନିୟମରେ କିଛି ପରିବର୍ତ୍ତନ କରାଯାଇପାରିବ। ଯଦି ଡିଏମକେ ରାଜି ହୁଏ ଏବଂ ୨୦ ବିଦ୍ରୋହୀ ତୃଣମୂଳ ସାଂସଦ ତଥା ଉଦ୍ଧବ ଗୋଷ୍ଠୀର ୬ ଜଣ ସାଂସଦ ଯୋଗ ଦିଅନ୍ତି, ତେବେ ଏନଡିଏର ସଂଖ୍ୟା ବୃଦ୍ଧି ପାଇବ। ତଥାପି, ସଂଖ୍ୟା ଆବଶ୍ୟକ ୩୬୦ ଠାରୁ କମ୍ ରହିବ। ତେବେ ବିଲ୍ ପାସ୍ ପାଇଁ ରାଜ୍ୟସଭାରେ ସଂଖ୍ୟା ସରକାରଙ୍କ ସପକ୍ଷରେ ଅଛି।

# ଫିଫା ବିଶ୍ୱକପ୍ | ମେସି ମ୍ୟାଜିକ୍, ହ୍ୟାଟ୍ରିକ୍ ଗୋଲ ସହ ଏକାଧିକ କୀର୍ତ୍ତିମାନ

## ଆଲଜେରିଆକୁ ଧରାଶାୟୀ କଲା ଆର୍ଜେଣ୍ଟିନା

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଗ୍ରୁପ ଜେ'ରେ ସ୍ଥାନ ପାଇଥିବା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଜମାଣିଆ ଆରମ୍ଭ କରିଛି। ଦଳର ଷ୍ଟାର ପାୱାର ତଥା ଅଧିନାୟକ ଲିଓନେଲ ମେସି ହ୍ୟାଟ୍ରିକ ଗୋଲରୁ ବିଶ୍ୱକପ ଅଭିଯାନ ଆରମ୍ଭ କରିଛନ୍ତି। ଚଳିତ ବିଶ୍ୱକପ ବେଳେ ଏହା ହ୍ୟାଟ୍ରିକ ହୋଇଥିବା ବେଳେ ମେସି ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।କାନସାସିଟିରେ୩୮ ବର୍ଷୀୟ ମେସି ନିଜର ୨୦୦ ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ଆର୍ଜେଣ୍ଟିନା ପାଇଁ ଷଷ୍ଠଥର ବିଶ୍ୱକପ ମୈଦାନକୁ ଓହ୍ଲାଇଛନ୍ତି। ଏହି ଐତିହାସିକ ମ୍ୟାଚରେ ମେସି ନିଜ ବିଶ୍ୱକପ କ୍ୟାରିୟରର ପ୍ରଥମ ହ୍ୟାଟ୍ରିକ ହାସଲ କରିଛନ୍ତି। ତାଙ୍କ ହ୍ୟାଟ୍ରିକ ବଳରେ ଆର୍ଜେଣ୍ଟିନା ୩-୦ ଗୋଲରେ ଆଲଜେରିଆକୁ ହରାଇ ଦେଇଛି। ମେସି ୬୯, ୦୪୫ ପ୍ରଶଂସକଙ୍କ ଉପସ୍ଥିତିରେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ହ୍ୟାଟ୍ରିକ ଗୋଲ ସହ ମେସି ବିଶ୍ୱକପରେ ଆଉ ଏକ ରେକର୍ଡ କରିଛନ୍ତି। ନିଜ ଫୁଟବଲ କ୍ୟାରିୟରରେ ଷଷ୍ଠ ବିଶ୍ୱକପ ଖେଳୁଥିବା ମେସି ୧୬ଟି ଗୋଲସ୍କୋର କରିଛନ୍ତି। ସେ ୧୬ତମ ଗୋଲ ଦେବା କ୍ଷଣି ଜର୍ମାନୀର କିମ୍ବଦନ୍ତୀ ଖେଳାଳି ମିରୋସ୍ଲାଭ କ୍ଲୋସେଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।




କ୍ଲୋସେ ବିଶ୍ୱକପ ଇତିହାସରେ ସର୍ବାଧିକ ୧୬ଟି ଗୋଲସ୍କୋର କରିଥିଲେ। ଏବେ ମେସି ସମାନ ସଂଖ୍ୟକ ଗୋଲ ସହ ତାଙ୍କ ସମକକ୍ଷ ହୋଇଛନ୍ତି। କ୍ଲୋସେ ମେସିଙ୍କ ଠୁ କମ ମ୍ୟାଚରେ ସର୍ବାଧିକ ଗୋଲ ଦେଇଥିବା ଖେଳାଳି ବନି ଥିଲେ। ବିଶ୍ୱକପରେ ମଧ ମେସି ପ୍ରଥମ ହ୍ୟାଟ୍ରିକ ଗୋଲ କରିଛନ୍ତି। ସବୁଠୁ ବୟସ୍କ ଖେଳାଳି ଭାବେ ମେସି ଏହି ସଫଳତା ହାସଲ କରିଛନ୍ତି। ଏପରି ସଫଳତାରେ ସେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇ ଦେଇଛନ୍ତି। ଏହାବାଦ ମେସି ବିଶ୍ୱକପର କୌଣସି ମ୍ୟାଚରେ ଏକାଧିକ ଗୋଲ କରିବାରେ ସବୁଠୁ ବୟସ୍କ ଖେଳାଳି ବନିଛନ୍ତି। ମ୍ୟାଚ ଆରମ୍ଭରୁ ଆର୍ଜେଣ୍ଟିନାର ଖେଳାଳିମାନେ ଆଲଜେରିଆ ଉପରେ ଚାପ ପକାଇଥିଲେ। ମ୍ୟାଚର ପଞ୍ଚମ ମିନିଟରେ ମେସି ଭାବି ନେଇଥିଲେ ଯେ, ସେ ଦଳକୁ ୧-୦ରେ ଆଗୁଆ କରିଛନ୍ତି। ସେ ଗୋଲ କରିଥିଲେ ମଧ ଏହା ଅପସାଇଡ ଭାବେ ବିବେଚନା କରାଯାଇଥିଲା।

ଆଲଜେରିଆ ପ୍ରତି ଆକ୍ରମଣ କରି ଗୋଲ କରିଥିଲା। ଏହା ମଧ ଅପସାଇଡ ହୋଇଥିଲା। ଏହି ଗୋଲ ବାତିଲ ହେବା ସତ୍ତ୍ୱେ ମ୍ୟାଚର ସଂଘର୍ଷ ଆହୁରି ବଢ଼ି ଯାଇଥିଲା। ଆଲେଜେରିଆ ପକ୍ଷରୁ ଆର୍ଜେଣ୍ଟିନାକୁ କଡ଼ା ଜବାବ ଦିଆଯାଇଥିଲା। କିନ୍ତୁ ୧୭ତମ ମିନିଟରେ ମେସି ଚମତ୍କାର ଗୋଲ ଦେଇଥିଲେ। ରୋଡ୍ରିଗୋ ଆଲେଜେରିଆ ରକ୍ଷଣଭାଗକୁ ଭେଦି ମେସିଙ୍କୁ ସୁନ୍ଦର ପାସ ଦେଇଥିଲେ। ଏହାକୁ ମେସି ଚମତ୍କାର ଭାବେ ନିୟନ୍ତ୍ରଣ କରି ଆଲଜେରିଆ ଗୋଲପୋଷ୍ଟ ଭିତରକୁ ବଲ ମାରି ଥିଲେ। ଫ୍ରାନ୍ସ କିମ୍ବଦନ୍ତୀ ଜେନେଡାଇନ ଜିଡାନଙ୍କ ପୁଅ ଲୁକା ଜିଡାନ ଆଲଜେରିଆ ପାଇଁ ଗୋଲକିପର ଭୂମିକା ତୁଲାଉଛନ୍ତି। ମେସିଙ୍କ ସଟକୁ ଅଟକାଇବାର ସେ ସମର୍ଥ ହୋଇନଥିଲେ।

ପ୍ରଥମ ବିଶ୍ୱକପ ଗୋଲର ୨୦ ବର୍ଷ ପୂର୍ତ୍ତି ଅବସରରେ ମେସି ଏହି ଗୋଲ କରିଥିଲେ। ୨୦୦୬ ଜୁନ ୧୬ରେ ସର୍ବିଆ ଓ ମଣ୍ଟେନିଗ୍ରୋ ବିପକ୍ଷରେ ପ୍ରଥମ ବିଶ୍ୱକପ ଗୋଲ କରିଥିଲେ। ଏଥିସହ ସେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପରେ ୫ଟି ଭିନ୍ନ ବିଶ୍ୱକପରେ ଗୋଲ କରିଥିବା ଦ୍ୱିତୀୟ ପୁରୁଷ ଖେଳାଳି ହୋଇଥିଲେ।

ମେସି ଆଉ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ସେ ବିଶ୍ୱର ପ୍ରଥମ ଫୁଟବଲର ଭାବେ ୬ଟି ବିଶ୍ୱକପରେ ଖେଳିବାର କୀର୍ତ୍ତି ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ରୋନାଲ୍ଡୋ ମଧ ଏହି ବିଶ୍ୱକପରେ ସମାନ କୀର୍ତ୍ତିମାନର ଅଧିକାରୀ ହେବେ। ମେସି ଦ.ଆମେରିକାର ପ୍ରଥମ ପୁରୁଷ ଫୁଟବଲର ଓ ବିଶ୍ୱର ତୃତୀୟ ଖେଳାଳି ଭାବେ ୨୦୦ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ରେକର୍ଡ କରିଛନ୍ତି।





ପ୍ରଥମ ଗୋଲ ପରେ ଆର୍ଜେଣ୍ଟିନା ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ଆଣିଥିଲା। ୧୭ତମ ମିନିଟ ବ୍ୟତୀତ ୬୦ ଓ ୭୬ତମ ମିନିଟରେ ଆର୍ଜେଣ୍ଟିନା ପାଇଁ ଆଉ ଦୁଇଟି ଗୋଲ କରିଥିଲେ ମେସି। ୩ଟି ଗୋଲ ସହ ମେସିଙ୍କ ବିଶ୍ୱକପ ଗୋଲ ଓ ଏଥିରେ ସହାୟତା କରିଥିବା ସଂଖ୍ୟା ୨୪ରେ ପହଞ୍ଚିଛି। ସେ ବ୍ୟକ୍ତିଗତ ଭାବେ ୧୬ଟି ଗୋଲ ଓ ୮ଟି ଆସେସ କରିଛନ୍ତି। ଏହି ସଫଳତା ପରେ ପେଲଙ୍କ ୨୧ ଗୋଲ ରେକର୍ଡକୁ ପଛରେ ପକାଇଛନ୍ତି।

ଗ୍ରୁପ୍ ଜେରେ ବିଜୟ ସହ ଅଭିଯାନ କରିଥିବା ଆର୍ଜେଣ୍ଟିନା ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରିୟା ଓ ଜୋର୍ଡାନକୁ ଭେଟିବ।

ଏହି ଗ୍ରୁପର ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରିୟ ୩-୧ ଗୋଲରେ ଜୋର୍ଡାନକୁ ହରାଇ ଅଭିଯାନ ଆରମ୍ଭ କରିବ।

## ଅର୍ଦ୍ଧଶତକ ହାତଛଡା କଲେ, କିନ୍ତୁ ଇତିହାସ ରଚିଲେ ରୋହିତ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଆଫଗାନିସ୍ତାନ ଦ୍ୱିତୀୟ ଦିନିକିଆରେ ଭାରତୀୟ ଦଳର ତାରକା ଖେଳାଳି ରୋହିତ ଶର୍ମାଙ୍କ ବ୍ୟାଟରୁ ବିସ୍ଫୋରକ ଇନିଂସ ଦେଖିବାକୁ ମିଳିଛି। ବୁଧବାର ମ୍ୟାଚରେ ରୋହିତ ୩୯ ବଲରୁ ୪୮ ରନ୍ କରିଥିଲେ। ଏହି ଇନିଂସରେ ୬ଟି ଚୌକା ଓ ୨ଟି ଛକା ରହିଛି। ପ୍ରଥମ ମ୍ୟାଚରେ ମାତ୍ର ୧୬ ରନ କରି ଆଉଟ୍ ହୋଇଥିବା ହିଟ୍‌ମ୍ୟାନ ଏହି ମ୍ୟାଚରେ ମଧ ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ୫୦ ରନ ପୂରଣ କରିପାରିନଥିଲେ ମଧ ରୋହିତ ସ୍ୱତନ୍ତ୍ର କ୍ଲବରେ ନିଜକୁ ସାମିଲ କରିଛନ୍ତି। ଲିଷ୍ଟ ଏ' କ୍ରିକେଟରେ ସେ ୧୪ ହଜାର ରନ ପୂରଣ କରିଛନ୍ତି। ଏହି ମାଇଲଖୁଣ୍ଟ ଛୁଇଁବାରେ ସେ ପଞ୍ଚମ ଭାରତୀୟ ହୋଇଛନ୍ତି।




ଏହି ତାଲିକାରେ ସଚିନ ତେନ୍ଦୁଲକର ଶୀର୍ଷରେ ଥିବା ବେଳେ ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୌରଭ ଗାଙ୍ଗୁଲି ତୃତୀୟ, ରାହୁଲ ଦ୍ରାବିଡ ଚତୁର୍ଥ ଏବଂ ରୋହିତ ଶର୍ମା ପଞ୍ଚମ ସ୍ଥାନରେ ରହିଛନ୍ତି। ରୋହିତ ଦିନିକିଆ କ୍ୟାରିୟରରେ ଭାରତ ପାଇଁ ସବୁଠାରୁ ଅଧିକ ରନ୍ କରିଥିବା ତୃତୀୟ ବ୍ୟାଟର। ସଚିନ ଓ ବିରାଟ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୋହିତ ଏପର୍ଯ୍ୟନ୍ତ ନିଜ କ୍ୟାରିୟରର ୨୮୪ଟି ମ୍ୟାଚ ଖେଳିଛନ୍ତି। ୨୭୬ ଇନିଂସରେ ୪୮.୭୦ ହାରରେ ୧୧,୬୪୧ ରନ୍ କରିଛନ୍ତି। ଏଥିରେ ୩୩ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ରହିଛି। ଦିନିକିଆ କ୍ରିକେଟରେ ରୋହିତ ୨୬୪ ରନର ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିଛନ୍ତି। ୨୦୧୪ ନଭେମ୍ବର ୧୩ରେ ଶ୍ରୀଲଙ୍କା ବିପକ୍ଷରେ ଏହି ଐତିହାସିକ ଇନିଂସ ଖେଳିଥିଲେ।

## କବାଡି ଓ ଟଗ ଅଫ ୱାର ଚାମ୍ପିଅନସିପ ଉଦଯାପିତ

## କବାଡିରେ କୋଲକାତା ପୋଲିସ ଚାମ୍ପିଅନ

### ମହିଳା ଟ୍ରଫି ଜିତିଲା ପଶ୍ଚିମବଙ୍ଗ

ଭୁବନେଶ୍ୱର ୧୭।୬(ସବ୍ୟୁ): ରଜ ପର୍ବ ଉପଲକ୍ଷେ ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି । ଚାରି ଦିନଧରି ପ୍ରତିଯୋଗିତା ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡିଆରେ ଆୟୋଜିତ ହୋଇଥିଲା । କବାଡି ପୁରୁଷରେ କୋଲକାତା ପୁଲିସ ଚାମ୍ପିଅନ ଓ ପଟ୍ଟନାୟକ ଏକାଡେମୀ ରନର୍ସ ଅପ ହୋଇଥିଲା । ସେମିତି ମହିଳାରେ ପଶ୍ଚିମ ବଙ୍ଗ ଚାମ୍ପିଅନ ଓ ଛତିଶଗଡ଼ ଦଳ ରନର୍ସ ଅପ ହୋଇଥିଲା । କବାଡିରେ ମୋଟ ୧୬ଟି ଦଳ ଓଡିଶାରୁ ଜଟଣୀ, ଓ୍ୱାନ ଭଏସ, ଜୟ ଓଡିଶା ଆସ୍କା, ପଟ୍ଟନାୟକ, ଜିଏନଏସଓ, ସମ୍ବଲପୁର, କିଟ, ରେନବୋ, ନୂଆପଡା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ହରିଆନା, ଭୋପାଳ ଓ କୋଲକାତା ପୁଲିସ ଦଳ ରହିଥିଲେ । ପୁରୁଷରେ ଚାମ୍ପିଅନ ଦଳୁ ୫୦ ହଜାର ଓ ରନର୍ସ ଅପ ଦଳୁ ୩୦ ହଜାର ଟଙ୍କା ସହ ଟ୍ରଫି ଏବଂ ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସ ଅଫ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଗତରାତିରେ ଆୟୋଜିତ ଉଦଯାପନୀ ଉତ୍ସବରେ ଚାରିଟେବୁଲ ଟ୍ରଷ୍ଟର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ରାଜନେତା ମନ୍ମଥ ରାଉତରାୟ, ବିଶୁଧାନନ୍ଦ ବେହେରା ଓ ସୁରଜିତ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।



## ସର୍ବଭାରତୀୟ କବାଡି: ରାଜନନ୍ଦଗାଁ ମହିଳା ଚାମ୍ପିଅନ

କୁଆଖିଆ,୧୭।୬(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଷ୍ଟାଡିୟମରେ ଯାଜପୁର କବାଡ଼ି ଆସୋସିଏସନ (ଜେକେଏ) ଆନୁକୂଲ୍ୟରେ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ବର୍ଷା ବାଧକ ସତ୍ତ୍ୱେ କଡା ମୁକାବିଲା ମଧ୍ୟରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆଜି ଶେଷ ଦିବସ ରେ ମହିଳା ବିଭାଗ ରାଜନନ୍ଦଗାଁ ୨୯ ପଏଣ୍ଟ ପାଇଥିବା ବେଳେ ପି ଏକାଡେମୀ ୨୮ ପଏଣ୍ଟ, ପାଇଛି । ମହିଳା ବିଭାଗ ଚାମ୍ପିଅନ ରାଜନନ୍ଦ ଗାଁ ୫୦ ହଜାର, ରନର୍ସଅଫ ପି ଏକାଡେମୀ ୪୦ ହଜାର, ତୃତୀୟ ଯୁଗ୍ମ ବିଜେତା କିଟ, ରାୟପୁର ୧୦ ହଜାର ଲେଖା ପାଇବା ସହ ଟ୍ରଫି ନେଇଥିଲେ । ସେହିପରି ପୁରୁଷ ବିଭାଗ ରେ ଜବଲପୁର କୁ ୧୨ପଏଣ୍ଟ,ରେ ହରାଇ ରୋହତକ ଚାମ୍ପିଅନ ହୋଇଛି । ରୋହତକ ୩୯ ପଏ ଣ୍ଟ ପାଇ ଥିବା ବେଳେ ଜବଲପୁର ୨୨ ପୋଇଣ୍ଟ ପାଇ ରନର୍ସ ଅଫ ହୋଇଛି । ରୋହତକ ଚାମ୍ପିଅନ ହୋଇ ୨ ଲକ୍ଷ ଓ ରନର୍ସ ଅଫ ଜବଲପୁର କୁ ୧ ଲକ୍ଷ୍ୟ ସହ ଟ୍ରଫି ଦିଆଯାଇଛି । ଉଦଯାପନୀ ରେ ପ୍ରଦୀପ ସେଠି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ବକ୍ତା ଭାବେ ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ବିଧାୟକ ହିମାଂଶୁ ଶେଖର ସାହୁ, କିମ୍ବ ଡେପୁଟି ଡାଇରେକଟର ସଂଗୀତା ବେହେରା, ଖେଳ ରେ ଅତିଥି ଭାବେ ଉପସ୍ଥିତ ରହି ଖଣ୍ଡିତର କବାଡି କୁ ଆହୁରି ଆକର୍ଷଣୀୟ କରାଯିବ ବୋଲି କହି ଷ୍ଟାଡିଅମ ରୂପ ରେଖ ବଦଳିଯିବବୋଲି କହିଥିଲେ । ଅଧ୍ୟାପକ ସମରେନ୍ଦ୍ର ଦାଶ ବିବରଣୀ ପାଠ କରିଥିଲେ । ଉପ ସଭାପତି ଅଭୟ ମହାନ୍ତି, ରବୀନ୍ଦ୍ର ପୃଷ୍ଟି,ଖେଳ ରେ ଉ ସଭାପତି (କୋଚ) କୃଷ୍ଣକାନ୍ତ ପଣ୍ଡା, ଅରୁଣ ସାହୁ, ଅନାଦି ସାହୁ,ଫାଲଗୁନ ବିଭୂକଲ୍ୟାଣ ଦାସ, ମୁକ୍ତିକାନ୍ତ ଦାସ, ଆଲୋକ ସାହୁ , ଜେ କେ ର ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ । ସମ୍ପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ,ଓ ଜେ କେ ଏ ଓ ରାଜ୍ୟ ବାହାରପ୍ରାୟ ୪୦ଜଣ ଅଫିସିଆଲ ଏହାକୁ ପରିଚାଳନା କରିଥିଲେ । ଖେଳ କୁ ଜେ କେ ଏ ର କବାଡ଼ି ଆସୋସିଏସନ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଭାରତର ବିଶାଳ ବିଜୟ

ଲକ୍ଷ୍ନୌ,୧୭।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ଭାରତ ବିଶାଳ ବିଜୟଲାଭ କରି ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାକୁ ଆଗୁଆ ୨-୦ରେ କବଜା କରିନେଇଛି। ଭାରତୀୟ ଇନିଂସରେ ଅଧିନାୟକ ଶୁଭମନ ଗିଲ ୧୫୪ ଓ ଇଶାନ କିଷାନ ୧୨୫ ରନର ଶତକୀୟ ଇନିଂସ ଖେଳିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୫ ଓଭରରେ ୪୦୨ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଆଫଗାନିସ୍ତାନ ୪୦୩ ରନକୁ ପିଛା କରି ୪୪.୩ ଓଭରରେ ୨୩୨ ରନ କରି ଅଲଆଉଟ୍ ହୋଇଥିଲା। ଆଫଗାନସ୍ତାନର ରହମତ ଶାହ ସର୍ବାଧିକ ୭୯ ରନ କରିଥିଲେ। ଅର୍ଶଦୀପ ସିଂ ଓ ଗୁରୁନୁର ବ୍ରାର ୩ଟି ଲେଖାଏଁ, ପ୍ରିନ୍ସ ଯାଦବ ଦୁଇଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ। ଏହି ମ୍ୟାଚରେ ରୋହିତ ଶର୍ମା ୪୮ ରନ କରି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ମଧ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ତ୍ରିରାଷ୍ଟ୍ରୀ ଶୃଙ୍ଖଳା | ଆଫଗାନିସ୍ତାନ ଏ'କୁ ଧରାଶାୟୀ କଲା ଭାରତ ଏ'

ଦାମ୍ବୁଲା,୧୭।୬(ଏଜେନ୍ସି): ତ୍ରୀରାଷ୍ଟ୍ରୀୟ ଶୃଙ୍ଖଳାରେ ଭାରତ ଏ' ୧୦୧ ରନ ବ୍ୟବଧାନରେ ଆଫଗାନିସ୍ତାନ ଏ'କୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ୪ଟି ମ୍ୟାଚରୁ ଭାରତ ଏ' ଦୁଇଟି ଜିତି ୪ ପଏଣ୍ଟ ସହ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ପୂର୍ବରୁ ଦଳ ଶ୍ରୀଲଙ୍କା ଏ' ଓ ଆଫଗାନିସ୍ତାନ ଏ' ଠାରୁ ଗୋଟିଏ ଲେଖାଏଁ ମ୍ୟାଚ ହାରିଥିଲା। ବୁଧବାର ଦାମ୍ବୁଲାରେ ଅନୁଷ୍ଠିତ ମ୍ୟାଚରେ ପ୍ରିୟାଂଶ ଆର୍ଯ୍ୟ, ଅଧିନାୟକ ତିଳକ ବର୍ମା ଓ କୁମାର କୁସଗ୍ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତେଣୁ ଭାରତ ଏ' ୫୦ ଓଭରରେ ୯ ୱିକେଟ୍ ହରାଇ ୩୧୯ ରନର ବଡ଼ ସ୍କୋର କରିଥିଲା। ଜବାବରେ ଆଫଗାନିସ୍ତାନ ଏ' ୩୬.୫ ଓଭରରେ ୨୧୮ ରନ କରି ଅଲଆଉଟ୍ ହୋଇଥିଲା। ନିଶାନ୍ତ ସିନ୍ଧୁ ସର୍ବାଧିକ ୪ ୱିକେଟ୍ ଅକ୍ତିଆର କରିଥିଲେ।

ଟସ ଜିତି ଆଫଗାନିସ୍ତାନ ଏ' ଭାରତ ଏ'କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ସହ ପ୍ରିୟାଂଶ ଆର୍ଯ୍ୟ ପାଳି ଆରମ୍ଭ କରିଥିଲେ। ସମସ୍ତଙ୍କ ନଜରରେ ଥିଲେ ବୈଭବ। ସମସ୍ତେ ତାଙ୍କ ଠାରୁ ବଡ଼ ଇନିଂସ ଆଶା ରଖିଥିଲେ। କିନ୍ତୁ ବୈଭବ ପୁଣିଥରେ ବିଫଳ ହୋଇଛନ୍ତି। ସେ ୨୮ ବଲରୁ ୩୮ ରନ କରି ଆଉଟ୍ ହୋଇଥିଲେ। ଏହି ଇନିଂସରେ ୪ଟି ଚୌକା ଓ ଦୁଇଟି ଛକା ଦେଖିବାକୁ ମିଳିଥିଲା। ପ୍ରିୟାଂଶ ଆର୍ଯ୍ୟ ୪୨ ବଲରୁ ୫୮ ରନ କରିଥିଲେ। ମଧ୍ୟମକ୍ରମରେ ଋତୁରାଜ ଗାଏକ୍ୱାଡ଼ ୩୧ ବଲରୁ ୩୦, ଅଧିନାୟକ ତିଳକ ବର୍ମା ୭୫ ବଲରୁ ୫୯ ଏବଂ କୁମାର କୁସଗ୍ର ୬୭ ବଲରୁ ୫୮ ରନ କରିଥିଲେ। କୁସଗ୍ର ଆଉଟ୍ ହେବା ବେଳକୁ ଭାରତ ଏ' ୩୭.୫ ଓଭରରେ ୨୩୩ ରନ୍ କରିଥିଲା। ପରେ ସୂର୍ଯ୍ୟାଂଶ ସେଗଡେ ୭, ନିଶାନ୍ତ ସିନ୍ଧୁ ଅପରାଜିତ ୨୧, ବିପ୍ରଜ ନିଗମ ୩୦ ତଥା ଅତିରିକ୍ତ ୧୪ ରନ ସହାୟତାରେ ଭାରତ ଏ' ୫୦ ଓଭରରେ ୯ ୱିକେଟ୍ ହରାଇ ୩୧୯ ରନ୍ କରିଥିଲା। ଆଫଗାନିସ୍ତାନ ଏ'ର ହରିଧୁନ ଦାଉଦଜାଇ, ଅପବୁଦ୍ଧା ଅହମ୍ମଦ ଜାଇ, ଫର୍ମାନୁଲ୍ଲା ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ। ୩୨୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଆଫଗାନିସ୍ତାନ ଏ' ପକ୍ଷରୁ ଇମ୍ରାନ ମୀର ୩୨, ହାସନ ଇସାଖିଲ ୧୪, ଖଲିଦ ତାନିୱାଲ ୧୩, ଫୈଜଲ ସିନୋଜାଦା ୪୬, ବାହିର ଶାହ ୫୭, ମହମ୍ମଦ ଇସାକ ୧୬ ଓ ଫର୍ମାନୁଲ୍ଲା ୧୭ ରନର ଇନିଂସ ଖେଳିଥିଲେ। ତେଣୁ ଆଫଗାନିସ୍ତାନ ଏ' ୩୬.୫ ଓଭରରେ ୨୧୮ ରନ କରି ଅଲଆଉଟ୍ ହୋଇଥିଲା। ଭାରତର ନିଶାନ୍ତ ସିନ୍ଧୁ ସର୍ବାଧିକ ୪ଟି, ଯାଶ ଠାକୁର ଦୁଇଟି, ଅନସୁଲ କାମ୍ବୋଜ, ବିପ୍ରଜ ନିଗମ, ସୂର୍ଯ୍ୟାଂଶ ସେଗଡେ ଓ ଅନୁକୂଳ ରୟ ପ୍ରତ୍ୟେକ ଗୋଟିଏ କରି ୱିକେଟ ହାସଲ କରିଥିଲେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି